# ଗୃହୀ ଓ ସନ୍ନ୍ୟାସୀ



ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

# ଗୃହୀ ଓ ସନ୍ନ୍ୟାସୀ

[ Charles Reade : The Cloister and the Hearth ବହିର ଓଡ଼ିଆ ରୂପାନ୍ତର । ]

ଅନୁବାଦ :
ଅଧ୍ୟାପକ ଶ୍ରୀଧର ଦାସ

ଗ୍ରନ୍ଥମନ୍ଦିର, କଟକ-୨

[ This book has been printed in paper supplied through the Government of Orissa at concessional rate. ]

ପ୍ରକାଶକ :
ଅଦ୍ୱୟ ମତ ପାଠ
ଗ୍ରନ୍ଥ ମନ୍ଦିର
କଟକ-୨ : ବ୍ରହ୍ମପୁର-୧

ମୁଦ୍ରଣ :
ପ୍ରତାପକୁମାର ଦାସ
ବ଼କେନ୍ଦ୍ର ପ୍ରେସ
କଟକ-୧

ପ୍ରଥମ ମୁଦ୍ରଣ :
ଡିସେମ୍ବର, ୧୯୭୫

ମୂଲ୍ୟ ଟ୩–୦୦

# ଜେରାର୍ଡ୍ ଓ ମାର୍ଗାରେଟ୍

ପାଞ୍ଚଶହ ବର୍ଷ ତଳର କଥା । ସେତେବେଳେ ପ୍ରିନ୍ସ ଫିଲିପ୍ ଥିଲେ ହଲାଣ୍ଡର ରାଜା । ଏଠାରେ ଯେଉଁ ଘଟଣାର ବର୍ଣ୍ଣନା କରାଯାଉ-ଅଛି, ତାହା ଏହି ହଲାଣ୍ଡରେ ଘଟିଥିଲା ।

ଟର୍ଗାଓ ହଲାଣ୍ଡର ଗୋଟିଏ ଗ୍ରେଟ ସହର । ସେହି ସହରରେ ଇଲିଆସ ଓ ତାଙ୍କର ପତ୍ନୀ କାଥେରନ୍ ବାସ କରୁଥିଲେ । ଇଲିଆସ୍ ଲୁଗା ଓ ଚମଡ଼ା ବ୍ୟବସାୟ କରି ଯାହା ଅର୍ଜୁଥିଲେ ସେଥିରେ କୌଣସିମତେ ଚଳିଯାଉଥିଲେ । କିନ୍ତୁ ଗୋଟିକ ପରେ ଗୋଟିଏ ହୋଇ ନଅଟି ସନ୍ତାନର ଜନ୍ମ ପରେ ପରିବାର ଚଳାଇବା କଠିନ ହେଲା । ଇଲିଆସ୍ କ୍ରମେ ବୃଦ୍ଧ ହୋଇ ଆସିଲେ । ଏଣେ ପିଲାମାନେ ବଡ଼ ହେବାକୁ ଲାଗିଲେ । ସେମାନଙ୍କୁ ପୋଷିବା ପାଇଁ ବେଶି ଅର୍ଥ ଆବଶ୍ୟକ ହେଲା । ପିତାମାତାଙ୍କର ଚିନ୍ତା ହେଲା—ଆମ ଅନ୍ତେ ଏମାନଙ୍କୁ କିଏ ପୋଷିବ ?

କ୍ରମେ ପିତାମାତାଙ୍କର ଚିନ୍ତା ବଡ଼ ପିଲାମାନଙ୍କୁ ସଂକ୍ରମିତ ହେଲା । ଦିନେ ଦ୍ୱିତୀୟ ସନ୍ତାନ ଜେରାର୍ଡ ମାଆଙ୍କୁ କହିଲା, "ମାଆ, ମୋତେ ଉଣିଶି ବର୍ଷ ହେଲା । ଆଉ ଘରେ ବସି ତୁମମାନଙ୍କ ଉପରେ ବୋଝ ହେବା ଭଲ ନୁହେଁ । ଆମଷ୍ଟରଡାମ୍‌କୁ ଗଲେ କୌଣସି ବଣିକ ପାଖରେ ଚାକିରି କରିପାରିବି । ମାଆ, ତୁମେ ବାପାଙ୍କୁ କହି ମୋର ଆମଷ୍ଟର-ଡାମ୍‌କୁ ଯିବାର ସୁବିଧା କରାଇଦିଅ ।"

କାଥେରନ୍ ବିସ୍ମୟରେ କହିଲେ, "କଅଣ କହୁଚୁ ? ଆମକୁ ଛାଡ଼ି ଆମଷ୍ଟରଡାମ ଯିବୁ ?"

ଜେରାର୍ଡ ଏହା କହିଲା ସତ, କିନ୍ତୁ ତା'ର ଆଖି ଲୁହରେ ଛଳଛଳ ହୋଇଗଲା ।

ରବର୍ଟ ଆମଷ୍ଟରଡାମକୁ ଚାଲିଗଲା । ସେଦିନ ରାତିରେ ଖାଇବା-ବେଳେ ରବର୍ଟର ଖାଲି ଚଉକିଟିକୁ ଚାହିଁ କାଥେରିନ୍ କାନ୍ଦି ପକାଇଲେ । ଉଇଲିଅମ୍‌ଙ୍କର ମନଟା ମଧ୍ୟ ଖରାପ ଲାଗିଲା ।

ଦୁଇ ବର୍ଷ ପରେ ରବର୍ଟ ଆମଷ୍ଟରଡାମର ଆଉଜଣେ ବ୍ୟବସାୟୀ ପାଖରେ ଗୋଟିଏ ଚାକିରିର ବ୍ୟବସ୍ଥା କରାଇ ସେଥିରେ ତାର ତଳ ଭାଇ ଜାକବ୍‌କୁ ରଖାଇଦେଲା । ଜାକବ୍ ବାପମାଆଙ୍କଠାରୁ ବିଦାୟ ନେଇ ଯିବାରେ ସେମାନେ ବଡ଼ ଦୁଃଖିତ ହେଲେ ।

ଚତୁର୍ଥ ପୁଅଟି ଦେଖିଲା, ସେ କିଛି କାମ କରି ନିଜ ଗୋଡ଼ରେ ଛିଡ଼ାହେବା ଉଚିତ । ସେ ବେଶୀ ପାଠ ପଢ଼ି ନ ଥିଲା । ତେଣୁ ସେ ସେହି ଟର୍ଗାଓ ସହରରେ ଗୋଟିଏ ଦରଜି ଦୋକାନ ଖୋଲିଲା । ବଡ଼ ଝିଅଟି ମଧ୍ୟ ଗୋଟିଏ ପୋଷାକ ଦୋକାନରେ ଖଣ୍ଡିଏ ଚାକିରି ପାଇଗଲା । ଏହିପରି ଚାରିଜଣଙ୍କର ଜୀବିକା ନିର୍ବାହର ଉପାୟ ହୋଇଗଲା । ଅବଶିଷ୍ଟ ପାଞ୍ଚଜଣଙ୍କ ମଧ୍ୟରୁ ଦୁଇଜଣ କୌଣସି କାର୍ଯ୍ୟ କରିବାକୁ ଅକ୍ଷମ ଥିଲେ । ସେମାନଙ୍କ ଭିତରୁ ଗୋଟିଏ ପୁଅ, ଆରଟି ଝିଅ । ପୁଅର ନାମ ଜାଇଲସ୍ । ତାହାର ଚେହେରା ଅଦ୍ଭୁତ ଥିଲା । ମୁଣ୍ଡଟି ଗୋଟିଏ ବଡ଼ ମାଟିକା ପରି, ହାତ ଯୋଡ଼ିକ ଖୁବ୍ ଲମ୍ବା; କିନ୍ତୁ ଦେହ ଓ ଗୋଡ଼ ଅତି ସରୁ । ତାର ଆକାର ଯେପରି ଅଦ୍ଭୁତ, ଆଚରଣ ମଧ୍ୟ ସେହିପରି ଅଦ୍ଭୁତ । କିନ୍ତୁ କାଥେରିନ୍ ଏହି ଅସମର୍ଥ ପୁଅଟିକୁ ବିଶେଷ ଆଦର କରୁଥିଲେ । ତାକୁ କେହି ନିନ୍ଦାକଲେ ସେ ସହିପାରୁ ନଥିଲେ । ଅସମର୍ଥ ଝିଅଟିର ନାମ କେଟ୍ । ଜନ୍ମରୁ ତା'ର ଗୋଡ଼ ଦୁଇଟି ଅଚଳ । ତେଣୁ ସେ ଦୁଇଟି ବାଡ଼ି ସାହାଯ୍ୟରେ ଯିବା ଆସିବା କରୁଥିଲା । ଅନେକ ସମୟରେ ସେ ଯନ୍ତ୍ରଣା ଭୋଗୁଥିଲା; କିନ୍ତୁ ନୀରବରେ ସେ ତାହା ସହି ଯାଉଥିଲା; କାହାରିକୁ ବ୍ୟସ୍ତ କରୁ ନ ଥିଲା ।

ସବୁଠାରୁ ବଡ଼ପୁଅ କର୍ଣ୍ଣେଲିସ ଓ ସବା ସାନପୁଅ ଶିବ୍ରାଣ୍ଡ । ଏ ଦୁହେଁ କୌଣସି କାର୍ଯ୍ୟ କରିବାକୁ ଇଚ୍ଛା କରୁ ନ ଥିଲେ । ସାନପୁଅ ଶିବ୍ରାଣ୍ଡ ଖେଳି ବୁଲିବାରେ ସମସ୍ତ କଟାଇ ଦେଉଥିଲା । ବଡ଼ପୁଅ

କର୍ଣ୍ଣେଲିସର ଧାରଣା, ତାର କାମ କରିବା ଦରକାର ନାହିଁ, ବାପାଙ୍କ ଅନ୍ତେ ସେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହେବ ।

ଅନ୍ୟ ପୁଅଟିର ନାମ ଜେରାର୍ଡ଼ । ତାର ପ୍ରକୃତି ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ସେ ଲେଖାପଢ଼ାରେ ସମସ୍ତ କଟାଉଥିଲା । ତାର ଇଚ୍ଛା, ସେ ଜଣେ ଧର୍ମଯାଜକ ହେବ । ସେ ଲେଖାପଢ଼ାରେ ଏପରି ମଜ୍ଜି ଯାଉଥିଲା ଯେ ବେଳେବେଳେ ଖାଇବାପିଇବା ସୁଦ୍ଧା ଭୁଲି ଯାଉଥିଲା ।

ଟର୍ଗାଓରେ କେତେଜଣ ସନ୍ନ୍ୟାସୀ (Friar) ରହୁଥିଲେ । ସେହିମାନେ ଜେରାର୍ଡ଼କୁ ଲେଖାପଢ଼ା ଶିଖାଉଥିଲେ ଓ ସନ୍ନ୍ୟାସୀ ହେବା ପାଇଁ ଉତ୍ସାହିତ କରୁଥିଲେ । ଅଳ୍ପଦିନ ମଧ୍ୟରେ ଜେରାର୍ଡ଼ ଲେଖାପଢ଼ାରେ ତାର ଗୁରୁମାନଙ୍କୁ ବଳିଗଲା । ସେକାଳରେ ଛାପାଖାନାର ପ୍ରଚଳନ ନ ଥିଲା । ତେଣୁ ଯାହାର ଲେଖା ଯେତେ ସୁନ୍ଦର, ସେ ସେତେ ଆଦର ପାଉଥିଲା । ଦିନେ ଜଣେ ବୃଦ୍ଧ ସନ୍ନ୍ୟାସୀ ଜେରାର୍ଡ଼କୁ କହିଲେ, "ତୋର ଅକ୍ଷରଗୁଡ଼ିକ ମୁକ୍ତାପରି । ସୁନ୍ଦରତା ପ୍ରତି ତୋର ଆଦର ଅଛି । ଯେଉଁ ବହି ଲେଖୁଛୁ, ସେଥିରେ ପଶୁପକ୍ଷୀର ଚିତ୍ର, ମହାପୁରୁଷମାନଙ୍କର ଚିତ୍ର ଦେଲେ କେଡ଼େ ସୁନ୍ଦର ହୁଅନ୍ତା !"

ଜେରାର୍ଡ଼ ଉତ୍ତର ଦେଲା, "ବହିରେ ଚିତ୍ର କରିବାକୁ ମୁଁ ଥରେ ଦିଥର ଚେଷ୍ଟା କରିଥିଲି । କିନ୍ତୁ ମୋର ଦୁର୍ଭାଗ୍ୟକୁ ସେଥିରେ ମୁଁ ସଫଳ ହୋଇ ପାରିଲି ନାହିଁ ।"

ଟର୍ଗାଓ ସହରରେ ମାର୍ଗାରେଟ ଭାନ୍ ଇକ୍ ବୋଲି ଚିତ୍ରବିଦ୍ୟା-ନିପୁଣା ଜଣେ ଭଦ୍ରମହିଳା ବାସ କରୁଥିଲେ । ଦୈବାତ୍ ସେ ଜେରାର୍ଡ଼ର କୃତିତ୍ୱ ବିଷୟ ଶୁଣିପାରିଲେ ଓ ତାର କେତେକ ଲେଖା ଓ ଚିତ୍ର ଦେଖିବାକୁ ପାଇ ତାକୁ ଡକାଇ ଆଣିଲେ । ଲିଖନ ଓ ଚିତ୍ରକଳା ବିଷୟରେ ଦୁହିଁଙ୍କ ଭିତରେ ଆଲୋଚନା ହେଲା ଓ ଦୁହେଁ ବନ୍ଧୁତା-ସୂତ୍ରରେ ଆବଦ୍ଧ ହୋଇପଡ଼ିଲେ । ରଙ୍ଗିନ୍ ଚିତ୍ର କରିବାପାଇଁ ନାନା ବର୍ଣ୍ଣର ରଙ୍ଗ ଦରକାର । ଏସବୁ କିଣିବାକୁ ଜେରାର୍ଡ଼ର ଅର୍ଥାଭାବ ।

ତେଣୁ ସେ ଜେରାର୍ଡ଼୍‌କୁ ଉତ୍ସାହିତ କରିବାପାଇଁ ବିଭିନ୍ନ ରଙ୍ଗ ଓ କାଗଜ ପ୍ରଭୃତି ଯୋଗାଇଦେଲେ ।

ପ୍ରିନ୍‌ସ ଫିଲିଫ୍‌ଙ୍କର ଅନେକ ଭଲ ଗୁଣ ଥିଲା । ସମଗ୍ର ଇଉରୋପରେ ବୀରତ୍ୱ ଓ ପାଣ୍ଡିତ୍ୟରେ ସେ ଖ୍ୟାତି ଅର୍ଜିଥିଲେ । ଚିତ୍ରାଙ୍କନ, ହସ୍ତଲିପି ପ୍ରଭୃତି କଳାବିଦ୍ୟାର ଉନ୍ନତି ନିମନ୍ତେ ସେ ପ୍ରଚୁର ଅର୍ଥ ବ୍ୟୟ କରୁ-ଥିଲେ । ଭାନ ଇକ୍ ପରିବାର କଳାଶିଳ୍ପୀ ହୋଇଥିବାରୁ ସେ ସେମାନଙ୍କୁ ନାନାପ୍ରକାର ଉତ୍ସାହ ଦେଉଥିଲେ । ଶିଳ୍ପୀମାନଙ୍କୁ ପ୍ରତି ବର୍ଷ ସେ ଗୋଟିଏ ପୁରସ୍କାର ପ୍ରଦାନ କରୁଥିଲେ । ଏହି ପୁରସ୍କାର ସକାଶେ ପ୍ରତିଯୋଗିତା ହେବ ବୋଲି ଟର୍ଗାଓ ସହରରେ ଘୋଷଣା ଦିଆଗଲା । ତାହା ଶୁଣି ଜେରାର୍ଡ଼ ହୃଦୟରେ ଆଶା ଜାଗିଉଠିଲା । ଚିତ୍ର ଓ ହସ୍ତଲିପି ଏହି ଦୁଇଟି ବିଷୟରେ ସେ ପ୍ରତିଯୋଗିତାରେ ଯୋଗ ଦେବ ବୋଲି କହିବାରୁ ଜାଇଲ୍‌ସ ଗୋଟାଏ ବିକୃତ ହସ ହସିଦେଲା । କିନ୍ତୁ ମା' କାଥେରିନ୍ ତା ଉପରେ ବିରକ୍ତ ହେଲେ ଓ ଜେରାର୍ଡ଼୍‌କୁ ଉତ୍ସାହ ଦେଇ କହିଲେ, "ତୁ ଜାଇଲ୍‌ସର କଥା ଶୁଣୁନା । ଚେଷ୍ଟାକର ।"

ଯଥାସମୟରେ ଜେରାର୍ଡ଼ ତାର ଚିତ୍ର ଓ ହାତଲେଖା ପ୍ରତିଯୋଗିତା ପାଇଁ ପଠାଇଦେଲା ଓ ନିଜେ ଦିନେ ରଟରଡାମକୁ ଯିବାକୁ ବାହାରିଲା । ସେ ପୁରସ୍କାର ପାଇବାର ଆଶା ରଖି ନ ଥିଲା; କିନ୍ତୁ ସେଠାରେ ବିଶିଷ୍ଟ ଶିଳ୍ପୀମାନଙ୍କର ଚିତ୍ର ଓ ଲେଖା ଦେଖି କିଛି ଶିକ୍ଷା କରିବାର ଆଶା ପୋଷଣ କରିଥିଲା । ଘରୁ ବାହାରିବାର ପୂର୍ବ ରାତିରେ ସେ ମାର୍ଗାରେଟ୍ ଭାନ ଇକ୍‌ଙ୍କ ସଙ୍ଗେ ଦେଖାକଲା । ସେ ତା ହାତରେ ପ୍ରିନ୍‌ସେସ୍ ମେରିଙ୍କ ପାଖକୁ ଖଣ୍ଡିଏ ପତ୍ର ଦେଲେ ।

ଜେରାର୍ଡ଼ ତାର ଉତ୍କୃଷ୍ଟ ପୋଷାକ ପିନ୍ଧି ରଟରଡାମ୍ ଅଭିମୁଖେ ଚାଲିଲା । ରଟରଡାମ୍ ଆଉ ତିନମାଇଲ ମାତ୍ର ଅଛି, ଏହି ସମୟରେ ସେ ନିତାନ୍ତ କ୍ଳାନ୍ତ ହୋଇପଡ଼ିଲା । ବାଟ ପାଖରେ ସେ ଜଣେ ବୃଦ୍ଧ ଓ ଜଣେ ଯୁବତୀଙ୍କୁ ଦେଖିଲା । ସେମାନେ ଦୁହେଁ ତାହାଠାରୁ

ଅଧିକ କ୍ଳାନ୍ତ ଥିଲେ । ବୃଦ୍ଧ ରାସ୍ତାଧାରରେ ବସିଥିଲେ ଓ ଯୁବତୀ ତାଙ୍କ ହାତ ଧରିଥିଲେ । ଅନେକ ଲୋକ ସେହିବାଟେ ଗଲେ; କିନ୍ତୁ କେହି ସେ ଦୁହିଁଙ୍କ ଆଡ଼କୁ ନଜର ଦେଲେ ନାହିଁ ।

ଜେରାର୍ଡ଼ ଦେଖିଲା, ବୃଦ୍ଧଙ୍କର ପୋଷାକ ପୁରୁଣା ଓ ମଇଳା ହେଲେ ହେଁ ସୁରୁଚିର ପରିଚାୟକ । ଯୁବତୀର ପୋଷାକ ସାଧାରଣ । ଏହି ଯୁବତୀର ଚକ୍ଷୁ ଲୋତକରେ ଛଳଛଳ ହେଉଥିଲା ।

ଜେରାର୍ଡ଼ ସେମାନଙ୍କ ପାଖକୁ ଯାଇ ବୃଦ୍ଧଙ୍କୁ କହିଲା, "ମଉସା, ତୁମେ ବୋଧହୁଏ ଖୁବ୍ କ୍ଳାନ୍ତ ହୋଇପଡ଼ିଛ ?"

"ହଁ ବାପ ! କ୍ଳାନ୍ତ ତ ହୋଇଛି—ଅନେକବେଳୁ ଖାଇ ନ ଥିବାରୁ ନିତାନ୍ତ ଦୁର୍ବଳ ହୋଇପଡ଼ିଛି ।"

ଯୁବତୀ ଲଜ୍ଜାରେ ବୃଦ୍ଧଙ୍କ କାନ ପାଖରେ ଚୁପ୍‌ଚାପ୍ କରି କହିଲା, "ବାପା, ସେ ପରା ଜଣେ ଅଚିହ୍ନା ଯୁବକ । ତାଙ୍କୁ ଏପରି କହୁଛ କାହିଁକି ?"

ସଙ୍ଗେ ସଙ୍ଗେ ଜେରାର୍ଡ଼ ନିଜ ଥଳୀରୁ ଖଣ୍ଡିଏ ରୁଟି ଓ ଗୋଟିଏ ଲୋଟା ବାହାର କଲା । ରୁଟିଟି ବୃଦ୍ଧଙ୍କୁ ଦେଇ ଲୋଟା ନେଇ ପାଣି ଆଣିବାକୁ ଗଲା ।

ଏହି ସମୟରେ ଜଣେ ବଳବାନ୍ ଲୋକ ଗୋଟିଏ ଘୋଡ଼ାରେ ବସି ସେଠାରେ ଉପସ୍ଥିତ ହେଲେ । ତାଙ୍କ ପାଖରେ ଗୋଟିଏ ଟଙ୍କାଥଳୀ ରହିଥିଲା । ତାଙ୍କର ବହୁମୂଲ୍ୟ ନୂଆ ପୋଷାକ ଓ ଟଙ୍କାଥଳୀରୁ ଜଣାପଡ଼ୁଥିଲା ଯେ ସେ ଜଣେ ଖୁବ୍ ଧନୀ ଲୋକ । ଏହି ଲୋକଟି ଟର୍ଗାଓ ସହରର ମେୟର । ତାଙ୍କର ନାମ ଘିସବ୍ରେକ୍‌ଟ । ସେ ଭାରି ଅର୍ଥଲୋଭୀ ବୋଲି ସମସ୍ତଙ୍କୁ ଜଣା । ସେ ରାଜାଙ୍କ ଭୋଜିସଭାରେ ଯୋଗ ଦେବାକୁ ଆମଷ୍ଟରଡାମ ଯାଉଥିଲେ । ତାଙ୍କର ମନ ସେଥିପାଇଁ ପ୍ରଫୁଲ୍ଲ ଥିଲା । ବୃଦ୍ଧ ଓ ତାଙ୍କ ଝିଅକୁ ଗଛମୂଳେ ଦେଖି ସେ କହିଲେ, "କିଏ ? ପିଟର !

ମାର୍ଗାରେଟ୍ ! ଏଠି ଏ କଅଣ କରୁଛ ?" ପିଟର କିଛି କହିବାକୁ ଯାଉଥିଲେ, କିନ୍ତୁ ମାର୍ଗାରେଟ୍ ସଙ୍ଗେ ସଙ୍ଗେ କହିଲା, "ବାପା ନିତାନ୍ତ ହାଲିଆ ହୋଇ ପଡ଼ିଛନ୍ତି । ତାଙ୍କୁ କିଛି ଖାଇବାକୁ ଦେଉଛି ।"

"ଭିକାରୀଙ୍କ ଭଳି ରାସ୍ତା କଡ଼ରେ ଖାଇବ ?" ଏହା କହି ସେ ଟଙ୍କାଥଳୀରେ ହାତ ପୂରାଇଲେ, କିନ୍ତୁ ହାତ ଥଳୀ ଭିତରେ ରହିଗଲା । ଏହି ସମୟରେ ଜେରାର୍ଡ଼ କିଛି ନାଠି ଆଣି ନିଆଁ ଉପରେ ପକାଇ ଦେଇ ଫୁଙ୍କିବାକୁ ଲାଗିଲା । ଜେରାର୍ଡ଼କୁ ଦେଖି ଘିସବ୍ରେକ୍ଟ ଥଳୀରୁ ହାତ ବାହାର କରି ଆଣି କହିଲେ, "ଓଃ ! ଏଠି ମୋର ସାହାଯ୍ୟ ଦରକାର ନାହିଁ ।" ଏହା କହି ସେ ଜେରାର୍ଡ଼ ଓ ମାର୍ଗାରେଟଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ପକାଇ ରାସ୍ତାରେ ଚାଲିଗଲେ । ଏ ଦୃଷ୍ଟିର ଅର୍ଥ ବୁଝି ହେଉ ନ ଥିଲା । ଜେରାର୍ଡ଼ କହିଲା, "ଏ ଲୋକଟା ଆମର ସାମାନ୍ୟ ଖାଇବା ସୁଦ୍ଧା ସହିପାରୁ ନାହିଁ । ଜଣାଯାଉଛି ଏହାର ସ୍ୱଭାବ ଭଲ ହୋଇ ନ ଥିବ ।"

ଘିସବ୍ରେକ୍ଟ ଘୋଡ଼ାରେ ବସି ଯାଉଥାନ୍ତି । ପାଖରେ ଥଳୀଏ ଟଙ୍କା ଥିଲେ ସୁଦ୍ଧା ସେ ଘୋର ଦୁଃଖ ଅନୁଭବ କରୁଥିଲେ । ଆଶ୍ଚର୍ଯ୍ୟର କଥା, ସେ ଯେଉଁ ଘୋଡ଼ାରେ ବସି ଯାଉଥିଲେ ସେ ଘୋଡ଼ା ତାଙ୍କର ନୁହେଁ ! ଥଳୀରେ ଯେଉଁ ଟଙ୍କା ଥିଲା ସେଥିର ଅଧିକରୁ ବେଶି ତାଙ୍କର ନୁହେଁ, ତାହା ହେଉଛି ଏହି ବୃଦ୍ଧ ପିଟର ଓ ତାଙ୍କ ଝିଅର । କିନ୍ତୁ ଏ ଘଟଣା ସେ ଦୁହିଁଙ୍କୁ ଜଣା ନ ଥିଲା । ସେ ଦୁହିଁଙ୍କୁ ଜଣେ ଅପରିଚିତ ଯୁବକର ଉଦାରତା ଉପରେ ନିର୍ଭର କରିବାକୁ ହୋଇଥିଲା । କୋଡ଼ିଏ ବର୍ଷ ପୂର୍ବେ ଘିସବ୍ରେକ୍ଟ ଗୋଟାଏ କୌଶଳ କରି ଏହି ବୃଦ୍ଧଙ୍କର କେତେକ ସମ୍ପତ୍ତି ହସ୍ତଗତ କରିଥିଲେ । କେତେବେଳେ ତାଙ୍କ କୌଶଳ ଧରାପଡ଼ିଯିବ ବୋଲି ତାଙ୍କର ଆଶଙ୍କା ରହିଥିଲା । ଆଜି ଜଣେ ବଳିଷ୍ଠ ବୁଦ୍ଧିମାନ୍ ଯୁବକ ସେମାନଙ୍କୁ ସାହାଯ୍ୟ କରୁଥିବାର ଦେଖି ତାଙ୍କର ସେହି ଆଶଙ୍କା ଦ୍ୱିଗୁଣିତ ହୋଇଗଲା । ପାପୀର ମନ ଶଙ୍କାକୁଳ ହେବା ସ୍ୱାଭାବିକ ।

# ସୁଖର ଦିନ

କିଛି ଖାଇବା ପରେ ପିଟରଙ୍କର ଦଳ ଫେରିଆସିଲ । ସେମାନେ ପୁଣି ଚାଲିବାକୁ ବାହାରିଲେ । କିନ୍ତୁ ଏହି ସମୟରେ ଟିକିଏ ଅସୁବିଧା ପଡ଼ିଥିଲା । ଜେରାର୍ଡ଼ ଘରୁ ବାହାରିଲା ବେଳେ ତାର ମାଆ ତା ମୁଣ୍ଡର ଟୋପିଟିକୁ ଫିତାରେ ବାନ୍ଧିଦେଇଥିଲେ ; ବୃଦ୍ଧଙ୍କୁ ସାହାଯ୍ୟ କଲାବେଳେ ସେ ଟୋପିକୁ ଫିଟାଇ ତଳେ ରଖିଥିଲା । ପୁଣି ଟୋପିର ଫିତାକୁ ଭଲକରି ବାନ୍ଧିବା ଦରକାର । କିନ୍ତୁ ଜେରାର୍ଡ଼ ଯେତେ ଚେଷ୍ଟା କଲେ ବି ପୂର୍ବପରି ବାନ୍ଧି ପାରିଲା ନାହିଁ । ଜେରାର୍ଡ଼ର ବୃଥା ଚେଷ୍ଟା ଲକ୍ଷ୍ୟକରି ମାର୍ଗାରେଟ୍ ତାକୁ ସାହାଯ୍ୟ କରିବାକୁ ବାହାରିପଡ଼ିଲା । ସେ ତା ଆଙ୍ଗୁଳିରେ ଫିତାଟିକୁ ଯଥାସ୍ଥାନରେ ବାନ୍ଧି ଗଣ୍ଠି ପକାଇଦେଲା । ଜେରାର୍ଡ଼ ଅଖି ଆଗରେ ମାର୍ଗାରେଟ୍‌ର ରୂପାଜାଲରେ ଆବଦ୍ଧ ସୁନେଲି କେଶରାଶି ଦେଖି ଓ ତାର କୋମଳ କରସ୍ପର୍ଶ ଅନୁଭବ କରି ଏକପ୍ରକାର ଅପୂର୍ବ ପୁଲକରେ ମୁଗ୍‌ଧ ହୋଇଗଲା । ଏଭଳି ଅନୁଭୂତି ଜେରାର୍ଡ଼ର ଜୀବନରେ ଏଇ ପ୍ରଥମ ।

ଗଣ୍ଠି ବାନ୍ଧିସାରି ମାର୍ଗାରେଟ୍ କିଛି ସମୟ ଯାଏ ଜେରାର୍ଡ଼ଙ୍କୁ ଚାହିଁରହିଲା; ଜେରାର୍ଡ ମଧ୍ୟ ମାର୍ଗାରେଟ୍ ଉପରୁ ତାର ଆଖି ଫେରାଇ ନେଇ ପାରିଲା ନାହିଁ । ଏ ଦେଖାରେ ଗୋଟାଏ ବିଶେଷତ୍ୱ ଥିଲା । ଦୁହେଁ ଚିରଦିନ ପାଇଁ ଏହିପରି ପରସ୍ପରକୁ ଚାହିଁ ରହିବାକୁ ଇଚ୍ଛା କରୁଥିଲେହେ ଦୁହେଁ ମୁହଁ ତଳକୁ କରି ପରସ୍ପରଠାରୁ ଦୂରକୁ ଚାଲିଗଲେ । ମାର୍ଗାରେଟ୍ ପିତାଙ୍କର ଗୋଟିଏ ହାତ ଧରି ଯିବାର ଉପକ୍ରମ କଲାକ୍ଷଣି ଜେରାର୍ଡ଼ ଅନ୍ୟ ହାତଟି ଧରି ଚାଲିବାକୁ ଲାଗିଲା । ଦୁହେଁ ବୃଦ୍ଧଙ୍କୁ ସାହାଯ୍ୟ କରୁଥିଲେ ହେ କାହାରି ତୁଣ୍ଡରୁ କିଛି କଥା ବାହାରୁ ନଥିଲା ।

ରଟରଡ଼ାମରେ ପହଞ୍ଚିବାରୁ ପିଟର ଜେରାର୍ଡ଼ଙ୍କୁ ରାଜପ୍ରାସାଦ ଆଡ଼କୁ ବାଟ ଦେଖାଇଦେଲେ । ଜେରାର୍ଡ଼ ପଚାରିଲା, "ମଉସା, ତୁମେ କେଉଁଠାରେ ରହିବ ?" ବୃଦ୍ଧ ଉତ୍ତର କଲେ, "ଏଠାରେ ଉଇଲିଅମ ଜନସନ ବୋଲି ଜଣେ ଲୋକ ଅଛନ୍ତି । ସେ ମୋର ଦାଦାପୁଅ ଭାଇ । ଆମେ ଦୁହେଁ ତାଙ୍କର ଘରକୁ ଯାଉଛୁ ।"

ଜେରାର୍ଡ଼ ଲୋକଗହଳି ଭିତରେ ଯାଇ ରାଜବାଟୀର ଗୋଟିଏ ଫାଟକ ପାଖରେ ପହଞ୍ଚିଲା । କିନ୍ତୁ ପ୍ରହରୀ ତାକୁ ଭିତରକୁ ଛାଡ଼ିଲା ନାହିଁ । ସେ ଅନ୍ୟ କେତୋଟି ଫାଟକ ପାଖକୁ ଗଲା; କିନ୍ତୁ କୌଣସିଠାରେ ତାକୁ ଭିତରେ ପ୍ରବେଶ କରିବାର ଅନୁମତି ମିଳିଲା ନାହିଁ । ଶେଷରେ ସେ ଗୋଟିଏ ବଡ଼ ଫାଟକ ଦେଖିଲା । ସେଠାରେ ସୈନିକମାନେ ଜଗି-ରହିଥିଲେ । ସେମାନଙ୍କ ଛଡ଼ା ରାଜପୁରର ଜଣେ ଭୃତ୍ୟ ମଧ୍ୟ ସେଠାରେ ଥିଲା । ଜେରାର୍ଡ଼ ଲୋକଙ୍କୁ ଠେଲି ଠେଲି ଫାଟକ ପାଖକୁ ଗଲା । ଦେଖେ ତ ପିଟର ମାର୍ଗାରେଟ୍ ଉପରେ ଭରାଦେଇ ଭିତରକୁ ଯିବାପାଇଁ ଆକୁଳ ପ୍ରାର୍ଥନା କରୁଛନ୍ତି—

"ମୋର ବନ୍ଧୁ ଉଇଲିଅମ ଜନସନଙ୍କ ଘରକୁ ଯାଇଥିଲି । ସେ ଘରେ ନାହାନ୍ତି । ତାଙ୍କ ଚାକର କହିଲା, ସେ ଏଠାକୁ ଆସିଅଛନ୍ତି । ମୋତେ ଭିତରକୁ ଛାଡ଼ିଦିଅ ।"

"ଆରେ ବୁଢ଼ା, ସେଥିରେ ମୋର କଅଣ ଅଛି ?"

"ମୋତେ ଭିତରକୁ ଯେବେ ନ ଛାଡ଼ିବ, ଏ ଚିଠି ଖଣ୍ଡିକ ନେଇ ତାଙ୍କୁ ଦିଅ । ଚିଠି ପାଇଲେ ସେ ଏଠାକୁ ଆସିବେ ।"

"ତୁ ମୋତେ କଅଣ ମନେ କରିଛୁ କି ? ମୁଁ ଫାଟକର ଜଗୁଆଳି—ଚିଠି ବୋହିବା ମୋର କାମ ନୁହେଁ । ହଁ, ସମସ୍ତେ ଶୁଣ । କେବଳ ଯେଉଁମାନେ ପ୍ରତିଯୋଗିତାରେ ଯୋଗ ଦେଇଅଛନ୍ତି ସେମାନେ ଓ ସେମାନଙ୍କ ବନ୍ଧୁମାନଙ୍କ ଛଡ଼ା ଅନ୍ୟ କେହି ଭିତରକୁ ପଶି ପାରିବେ ନାହିଁ ।"

ଏହା ଶୁଣିଲା କ୍ଷଣି ଜେରାର୍ଡ଼ ବୃଦ୍ଧଙ୍କୁ କହିଲା, "ଆଉ ଅପେକ୍ଷା କାହିଁକି ? ଆସ, ଆମକୁ ଭିତରକୁ ଯିବାପାଇଁ ଅନୁମତି ମିଳିଗଲା ।"

ଜେରାର୍ଡ଼ ଫାଟକ ପାଖକୁ ଯାଇ ଭୃତ୍ୟଟିକୁ କହିଲା, "ମୁଁ ପ୍ରତିଯୋଗିତା ପାଇଁ କେତୋଟି ଶିଳ୍ପକାର୍ଯ୍ୟ ପଠାଇଛି । ମୋର ନାମ ଜେରାର୍ଡ଼, ପିତାଙ୍କ ନାମ ଇଲିଆସ୍ ।"

ଲୋକଟି ହାତରେ ଖଣ୍ଡିଏ କାଗଜ ଧରିଥିଲା । ତାହାକୁ ପଢ଼ି କହିଲା, "ହଁ, ଇଲିଆସ୍‌ଙ୍କ ପୁଅ ଜେରାର୍ଡ଼ ଭିତରକୁ ଯାଆନ୍ତୁ ।"

"ମୋ ସାଥିରେ ଏ ଦୁଇଜଣ ମଧ୍ୟ ଯିବେ ।"

"ନା, ସେମାନେ ତୁମର ବନ୍ଧୁ ହୁଅନ୍ତି । ତୁମେ ଆସିବା ଆଗରୁ ସେ ଦୁହେଁ ଆସିଛନ୍ତି ।"

"ଆଗରୁ ଆସିବା କଅଣ ଦୋଷ ହେଲା ? ସେ ଦୁହେଁ ମୋର ବନ୍ଧୁ । ତାଙ୍କୁ ନ ନେଇ ମୁଁ ଭିତରକୁ ଯାଇପାରିବି ନାହିଁ ।"

"ବେଶ୍, ତାହାହେଲେ ବାହାରେ ଥାଅ ।"

"ନା, ମୁଁ ବାହାରେ ରହିବି ନାହିଁ । ସେମାନଙ୍କୁ ସଙ୍ଗରେ ନେଇ ଭିତରକୁ ଯିବି ।"

"ଦେଖ ଯାଉ, କେମିତି ଭିତରେ ପଶିବ ?"

ଏହା ଶୁଣି ଜେରାର୍ଡ଼ ଖୁବ୍ ଜୋର୍‌ରେ ଚିତ୍କାର କରି କହିଲା, "ହେ ମହାରାଜ, ଦେଖିବା ହେଉ, ଜଣେ ଭୃତ୍ୟ ଆପଣଙ୍କ ଆଦେଶକୁ ଅମାନ୍ୟ କରୁଛି ।" ଭୃତ୍ୟ କହିଲା, "ଏ କଅଣରେ ପାଗଳ ! ରାଜା ଏ କଥା ଶୁଣିଲେ ମୋ ଚାକିରିଟି ଯିବ ।" ସେ ଜେରାର୍ଡ଼ର ଚିତ୍କାରଠାରୁ ଆହୁରି ଜୋର୍‌ରେ ଚିତ୍କାର କଲା, "ଇଲିଅସ୍‌ଙ୍କ ପୁଅ ଜେରାର୍ଡ଼ ଓ ତାଙ୍କ ସାଥୀମାନଙ୍କୁ ସମ୍ମାନେ ଭିତରକୁ ନେଇଯାଅ ।" ଏହା କହି ସେ ଫାଟକ ଫିଟାଇଦେଲା । ଜେରାର୍ଡ଼, ପିଟର ଓ ମାର୍ଗାରେଟ୍ ଭିତରକୁ ଗଲେ । ସୈନିକମାନେ ସେମାନଙ୍କର ଦୁଇ ପାଖରେ ଠିଆହୋଇ ସମ୍ମାନ ଦେଖାଇଲେ ।

ଅଗଣାରେ ଅନେକ ଚଉକି ଓ ଟେବୁଲ ପଡ଼ିଥିଲା । ଟେବୁଲ ଉପରେ ସୁନା ଓ ରୁପାର ପାତ୍ରରେ ନାନାପ୍ରକାର ଖାଦ୍ୟ ଓ ପାନୀୟ ସଜ୍ଜିତ ହୋଇ ରହିଥିଲା । ଅଗଣାଟି ସୁନ୍ଦରଭାବରେ ସଜାଯାଇଥିଲା । ଚଉକିମାନଙ୍କରେ ବହୁମୂଲ୍ୟ ବସ୍ତ୍ର ପରିହିତ ଭଦ୍ରବ୍ୟକ୍ତି ଓ ମହିଳାମାନେ ବସି

ମଧୁର ସଙ୍ଗୀତ ଉପଭୋଗ କରୁଥିଲେ । ଏ ପ୍ରକାର ଆଡ଼ମ୍ବରପୂର୍ଣ୍ଣ ସାଜସଜ୍ଜା ଜେରାର୍ଡ଼ ଓ ତାର ସାଥୀ ଦୁହେଁ କେବେ ଦେଖି ନ ଥିଲେ । ସେମାନେ ବିସ୍ମୟରେ ଅଭିଭୂତ ହୋଇ ଛିଡ଼ାହୋଇ ରହିଲେ । ଏହି ସମୟରେ ଶୁଣାଗଲା––ମହାରାଜ ବିଜେ କରୁଛନ୍ତି । ଜେରାର୍ଡ଼ ଚମକିପଡ଼ି ଦେଖିଲା, ମହାରାଜ ଫିଲିପ୍ ହାତ ହଲାଇ ସମସ୍ତଙ୍କୁ ସ୍ୱାଗତ କଣାଉ- ଅଛନ୍ତି । ଲୋକେ ମୁଣ୍ଡ ନୁଆଁଇ ରାଜାଙ୍କୁ ପ୍ରଣାମ କଲେ । ସମସ୍ତଙ୍କ ଭଳି ଜେରାର୍ଡ଼ ଓ ତା'ର ସାଥୀ ଦୁହେଁ ମଧ୍ୟ ଗୋଟିଏ ଗୋଟିଏ ଟେବୁଲ ପାଖରେ ବସିଗଲେ । ଉଭୟେ କଥାବାର୍ତ୍ତା ହେବାକୁ ଲାଗିଲେ । ପିଟର କହିଲେ ଯେ ଜେରାର୍ଡ଼ ଯେ ଦୁହିଙ୍କୁ ସ୍ୱର୍ଗୀୟ ଦୂତ ପରି ରକ୍ଷା କରିଆସିଛି । ଜେରାର୍ଡ଼ କହିଲା, "ପୁନରାୟ ସାକ୍ଷାତ ହେବାରୁ ସମସ୍ତଙ୍କଠାରୁ କିଏ ବେଶି ଆନନ୍ଦିତ, ତାହା ମୁଁ ଜାଣେ ।"

ମାର୍ଗାରେଟ୍––କିଏ ? ମୁଁ ?

ଜେରାର୍ଡ଼––ନା, ଉତ୍ତରରେ ଅନୁମାନ କର ।

ମାର୍ଗାରେଟ୍––କିଏ ? ବାପା ?

ଜେରାର୍ଡ଼––ନା ।

ମାର୍ଗାରେଟ୍––ତାହାହେଲେ ଆଉ କିଏ ମୁଁ ଅନୁମାନ କରିପାରୁ ନାହିଁ ।

ଏହା କହି ମାର୍ଗାରେଟ୍ ଆନନ୍ଦରେ ହସିଉଠିଲା ।

ଭୋଜନ କାର୍ଯ୍ୟ ସରିଲା । ହଠାତ୍ ଜେରାର୍ଡ଼ର ମନେପଡ଼ିଗଲା ଯେ ସେ ମାର୍ଗାରେଟ୍ ଭାନ ଇକ୍‌ଙ୍କଠାରୁ ରାଣୀଙ୍କ ପାଖକୁ ଚିଠି ଆଣିଛି । ସେ ଜଣେ ଭୃତ୍ୟର ହାତରେ ଚିଠିଖଣ୍ଡିକ ପଠାଇଦେଲା ।

ଯେଉଁ ଭଦ୍ରଲୋକଙ୍କ ଘରୁ ପିଟର ଓ ମାର୍ଗାରେଟ୍ ଫେରି ଆସିଥିଲେ ସେ ଏମାନଙ୍କଠାରୁ ଅଳ୍ପ ଦୂରରେ ବସି ସବୁ ଦେଖୁଥିଲେ । ଏମାନଙ୍କର ସାଧାସିଧା ପୋଷାକ ଦେଖି ସେମାନଙ୍କୁ ନ ଦେଖିଲା ପରି ରହିଥିଲେ । ସନ୍ଧ୍ୟା ହୋଇଗଲେ ଏମାନଙ୍କୁ ଘରକୁ ଡାକିନେବେ ବୋଲି ତାଙ୍କର ଇଚ୍ଛା ଥିଲା ।

ମାର୍ଗାରେଟ୍ ଜେରାର୍ଡ଼୍‌ଙ୍କୁ କହିଲେ, "କି ସୁନ୍ଦର ସୂର୍ଯ୍ୟକିରଣ ପଡ଼ିଛି । ଲୋକମାନଙ୍କର ବିଚିତ୍ର ପୋଷାକ ଦେଖିଲେ ଆଖି ଫେରାଇ ହେଉ ନାହିଁ । କେଡ଼େ ମଧୁର ସଙ୍ଗୀତ ଶୁଣାଯାଉଛି ? ତୁମରି ଯୋଗୁ ଆମେ ଏ ସବୁ ଦେଖିବାକୁ ପାଇଲୁ । କହିଲ, "ଏଠାରେ ସବୁଠାରୁ ସୁନ୍ଦର କଅଣ ଦେଖୁଛ ?"

ଜେରାର୍ଡ଼୍ କହିଲା, "ସବୁଠାରୁ ସୁନ୍ଦର କଅଣ—ତୁମେ ଟିକିଏ ଭୁଲିପଡ଼ି ବସିଲେ ମୁଁ କହିବ ।"

"ଏଇ ଡାହାଣ ଆଡ଼କୁ ?"

"ହଁ, ଏବେ ସୂର୍ଯ୍ୟକିରଣ ତୁମ ମୁଣ୍ଡ ଉପରେ ପଡ଼ିଲା । ଏଠି ସବୁ ସୁନ୍ଦର; କିନ୍ତୁ ତୁମ ମୁଣ୍ଡର ସୁନେଲି ରଙ୍ଗର କେଶଗୁଡ଼ିକ ରୁପାର ଜାଲି ଭିତରୁ ସୂର୍ଯ୍ୟକିରଣରେ ଯେପରି ସୁନ୍ଦର ଦିଶୁଛି ତା'ର ତୁଳନା ନାହିଁ ।"

"ଜେରାର୍ଡ଼୍—ଏ କଅଣ କହୁଛ ?"

"ମୋ ଉପରେ ରାଗ କର ନାହିଁ । ମୁଁ ତୁମକୁ ଭଲପାଏ ।"

"ମୋର ଅନୁରୋଧ ଆଉ ସେପରି କୁହ ନାହିଁ । ତୁମେ ଏପରି କହିବ ବୋଲି ମୁଁ ଆଶା କରି ନ ଥିଲି ।"

ଜେରାର୍ଡ଼୍ ଦେଖିଲା, ମାର୍ଗାରେଟ୍ ରାଗିଯାଇଛି । ସେ କହିଲା, "ମୋର ଧୃଷ୍ଟତା ପାଇଁ କ୍ଷମା କରିବ; କିନ୍ତୁ ତୁମକୁ ଦେଖିଲେ କିଏ ତୁମକୁ ଭଲ ନ ପାଇ ରହିପାରିବ ?"

"ହେଉ, ମୁଁ ସେ କଥା ଭୁଲିଯିବି । ତୁମେ ଆମର ଯଥେଷ୍ଟ ଉପକାର କରିଛ । ଆଉ ଏପରି କହିବ ନାହିଁ ବୋଲି ଜବାବ ଦିଅ ।"

"ହେଉ" ଏହା କହି ଜେରାର୍ଡ଼୍ ହାତ ବଢ଼ାଇଦେଲା । ମାର୍ଗାରେଟ୍ ମଧ୍ୟ ନିଜ ହାତଟିକୁ ବଢ଼ାଇଦେଲେ । ଦୁଇ ହାତର ମିଳନ ହେଲା । ଅନେକ ବେଳ ଯାଏଁ ସେ ଦୁହେଁ ପରସ୍ପରର ହାତ ଧରି ବସିରହିଲେ । ଦୁହେଁ ଶରୀରରେ ଏକ ଅପୂର୍ବ ଶିହରଣ ଅନୁଭବ କଲେ ।

ସୂର୍ଯ୍ୟ ଅସ୍ତ ହୋଇଗଲେ । ଜେରାର୍ଡ଼୍ ଓ ମାର୍ଗାରେଟ ସ୍ୱର୍ଗରାଜ୍ୟରେ ବିଚରଣ କରୁଥିଲା ପରି ମନେକଲେ ।

## ଜେରାର୍ଡ୍ ଓ ମାର୍ଗାରେଟ୍‌ଙ୍କ ବିଚ୍ଛେଦ

ଅନ୍ତଃପୁରର ଜଣେ ବୃଦ୍ଧ କର୍ମଚାରୀ ଜେରାର୍ଡ଼ର ଟେବୁଲ ପାଖକୁ ଆସି କହିଲା, "ରାଣୀ ଆପଣଙ୍କୁ ଡକାଇଛନ୍ତି । ମୋ ସାଙ୍ଗରେ ଆସ ।" ସଙ୍ଗେ ସଙ୍ଗେ ସମସ୍ତଙ୍କ ଆଖି ପଡ଼ିଲା ଜେରାର୍ଡ଼ ଉପରେ । କିଏ ଏହି ଭାଗ୍ୟବାନ୍ ଯୁବକ, ଯାହାକୁ ସ୍ୱୟଂ ରାଣୀଙ୍କର ସାକ୍ଷାତ୍ର ନିମିତ୍ତ ଏପରି ନିମନ୍ତ୍ରଣ ! ଜେରାର୍ଡ ଯିବାକୁ ବାହାରିବାରୁ ମାର୍ଗାରେଟ୍ କହିଲା, "ତୁମେ ଯାଉଛ । ବୋଧହୁଏ ତୁମ ସହିତ ଆମର ଆଉ ଭେଟ ହେବ ନାହିଁ ।" ଏହା କହିଲାବେଳେ ମାର୍ଗାରେଟ୍ ମୁହଁ ଲାଲ ପଡ଼ିଯାଇ-ଥିଲା ।

"ନିଶ୍ଚୟ ଦେଖା ହେବ । ମୋର ଅନୁରୋଧ, ଏହିଠାରେ ଅପେକ୍ଷା କରି ରହିଥାଅ । ମୁଁ ଶୀଘ୍ର ଫେରିଆସିବି ।"

ଜେରାର୍ଡ଼ କର୍ମଚାରୀ ସହିତ ଚାଲିଗଲା । ପିଟର ଓ ମାର୍ଗାରେଟ୍ ସେହି ଟେବୁଲ ପାଖରେ ବସିରହିଲେ । ଏବେ ଭୋଜିସଭାର ସଭିଙ୍କ ଦୃଷ୍ଟି ସେହି ଦୁଇଜଣଙ୍କ ଉପରେ । ଏହି ସମୟରେ ଉଇଲିଅମ ଜନ୍‌ସନ୍ ସେମାନଙ୍କ ପାଖକୁ ଚାଲିଆସି କହିଲେ, "ମୁଁ ଏଇ ପାଖରେ ବସିଥିଲି । କି ଦୁର୍ଭାଗ୍ୟର କଥା, ଏତେବେଳଯାଏ ତୁମକୁ ଦେଖିପାରି ନ ଥିଲି ।"

ମାର୍ଗାରେଟ୍ କହିଲେ, "କିନ୍ତୁ ଅନେକ ବେଳୁ ମୁଁ ତୁମକୁ ଦେଖିଲିଣି ।"

"ମୋତେ ଦେଖିଲ—ମୋ ପାଖକୁ ଗଲ ନାହିଁ କି କିଛି କହିଲ ନାହିଁ ?"

"ତୁମେ ଯିନା ଆମକୁ କହିଥାନ୍ତ—ଆମେ କହନ୍ତୁ କିପରି ? ତୁମ ଘରକୁ ଯାଇଥିଲୁ ଯେ ତୁମ ଚାକର ଆମକୁ ଟିକିଏ ବସିବାପାଇଁ ଜାଗା ସୁଦ୍ଧା ଦେଲା ନାହିଁ ।"

ଜନ୍‌ସନ୍ ଦେଖିଲେ, ମାର୍ଗାରେଟ୍ ପ୍ରକୃତ କଥା ଜାଣିପାରିଛୁ । ସେ ତତ୍‌କ୍ଷଣାତ୍ ସେ ଦୁହିଁଙ୍କୁ ତାଙ୍କ ଘରକୁ ଯିବାପାଇଁ ଡାକିଲେ । ମାର୍ଗାରେଟ୍ କହିଲା, "ଆଉ ଟିକିଏ ଯାଉ । କେଡ଼େ ସୁନ୍ଦର ସଙ୍ଗୀତ ହେଉଛି । ଛାଡ଼ିଯିବାକୁ ମନ ହେଉନାହିଁ ।"

ପନ୍ଦର କୋଡ଼ିଏ ମିନିଟ୍ ପରେ ଜନ୍‌ସନ୍ ପୁଣି ଯିବାପାଇଁ ଅନୁରୋଧ କରି କହିଲେ, "ଲୋକେ ଚାଲିଗଲେଣି । ଆଉ ଅଳ୍ପ ଲୋକ ଅଛନ୍ତି । ଚାଲ ଯିବା ।"

ମାର୍ଗାରେଟ୍ ଏବେ ବିଳମ୍ବର ପ୍ରକୃତ କାରଣ କହିବାକୁ ବାଧ୍ୟ ହେଲା । ସେ କହିଲା, "ଆମର ଜଣେ ବନ୍ଧୁ ରାଣୀଙ୍କ ସଙ୍ଗେ ଦେଖା କରିବାକୁ ଯାଇଛନ୍ତି । ଆମେ ତୁମ ଘରକୁ ଯାଉଛୁ ବୋଲି ସେ କିପରି ଜାଣିବେ ? ସେ ତୁମର ଘର ମଧ୍ୟ ଦେଖିନାହାନ୍ତି ।"

"ଓଃ, ମୁଁ ତା'ର ବନ୍ଦୋବସ୍ତ କରିଦେଉଛି । ମୋର ଚାକର ହାନ୍‌ସକୁ ଏଠାରେ ରଖାଇ ଯିବା । ତୁମ ବନ୍ଧୁ ଆସିଲେ ସେ ତାଙ୍କୁ ମୋ ଘରକୁ ନେଇଯିବ ।"

ହାନ୍‌ସକୁ ଟେବୁଲ ପାଖରେ ବସାଇଦେଇ ଜନ୍‌ସନ୍, ପିଟର୍ ଓ ମାର୍ଗାରେଟ୍ ସହିତ ନିଜ ଘରକୁ ଚାଲିଗଲେ । ହାନ୍‌ସ ଟେବୁଲ୍‌ରେ ଥିବା ମଦ ଆଣି ବାରମ୍ବାର ପିଇବାରେ ଲାଗିଲା ଓ ମଦ ନିଶାରେ ଭୋଳ ହୋଇ ଚଉକିରୁ ପଡ଼ିଯାଇ ତଳେ ଗଡ଼ିଲା । ତା'ର ଚେତା ରହିଲା ନାହିଁ ।

ଏଣେ ଉକ୍ତ ରାଜକର୍ମଚାରୀ କେସର୍‌ଙ୍କୁ ରାଜଅନ୍ତଃପୁରର ଗୋଟିଏ କୋଠରୀକୁ ନେଇଗଲେ । ସେଠାରେ ତିନିଜଣ ମହିଳା ଓ ଗୋଟିଏ ଅତି ସୁନ୍ଦରୀ ବାଳିକା ଥିଲେ । ବାଳିକାଟି ବୀଣା ବଜାଉଥିଲା । ରାଜକର- ଜଣକ ମହିଳାମାନଙ୍କ ମଧ୍ୟରୁ ଜଣକୁ କିଛି କହି ଚାଲିଗଲା । ସେ ଈଷତ୍ ହସି କେସର୍‌ଙ୍କୁ କହିଲେ, "ମାର୍ଗାରେଟ୍ ଭନ ଇକ୍ ମୋର ଜଣେ ପୁରୁଣା ବନ୍ଧୁ । ତାଙ୍କ ପତ୍ର ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ । ତୁମେ ପତ୍ରଟି ଆଣିଥିବାରୁ ତୁମକୁ ମୋର ଧନ୍ୟବାଦ । ମେରି, ତୁମପାଇଁ ମାର୍ଗାରେଟ୍

ସାନ ଇନ୍ ଯେଉଁ ଗ୍ରେଟ ଛବିଟି ପଠାଇଥିଲେ, ସେଇଟିକୁ ଏହି ଯୁବକ ଆଣିଥିଲେ ।''

ବାଳିକା ଜେରାର୍ଡଙ୍କୁ ବହୁତ ଧନ୍ୟବାଦ ଦେଲା ।

ମହିଳାଙ୍କର ନାମ ଲେଡ଼ି ଗୁର୍ଲେଗ୍ରେଇସ୍ । ସେ ହେଉଛନ୍ତି ରାଜମାତା । ବାଳିକାଟି ହେଉଛନ୍ତି ରାଣୀ ମେରୀ ।

ଏହା ପରେ ରାଜମାତା ଜେରାର୍ଡଙ୍କୁ କହିଲେ, "ମୋର ବନ୍ଧୁ ମାର୍ଗାରେଟ୍ ତୁମକୁ ସାହାଯ୍ୟ କରିବାକୁ ଲେଖିଛନ୍ତି । ତୁମେ କଅଣ ଜଣେ ଧର୍ମଯାଜକ ?''

"ନା, ମୁଁ ଧର୍ମଯାଜକ ହୋଇନାହିଁ; କିନ୍ତୁ ତାହାହିଁ ମୋର ଇଚ୍ଛା ।''

"ତୁମର ଧର୍ମଯାଜକ ହେବା ବିଶେଷ କଷ୍ଟକର ହେବ ନାହିଁ । କୌଣସି ଗିର୍ଜାରେ ତୁମକୁ ନିଯୁକ୍ତ କରିଦେବି । ତୁମର ଘର ପାଖରେ ହେଲେ ସୁବିଧା ହେବ । ତୁମ ଘର କେଉଁଠି ?''

"ଟର୍ଗାଓ ।''

"ବେଶ୍, ଟର୍ଗାଓ ନିକଟରେ ତୁମକୁ ନିଯୁକ୍ତ କରାଯିବ । ସମସ୍ତ ହେଲଣି । ଆମର ଜଣେ ଚାକର ତୁମକୁ ନେଇ ସରାଇଘରରେ ଛାଡ଼ିଦେଇ ଆସିବ ।''

ଜେରାର୍ଡ ରାଣୀ ଓ ରାଜମାତାଙ୍କୁ ପ୍ରଣାମ କରି ବିଦାୟ ନେଲା ।

ଜେରାର୍ଡ ଏହି ଶୁଭ ସମ୍ବାଦ ମାର୍ଗାରେଟକୁ ଜଣାଇବା ପାଇଁ ଆସି ଦେଖିଲା, ଟେବୁଲ ପାଖରେ ମାର୍ଗାରେଟ୍ ନାହିଁ କି ତାର ବାପା ନାହାନ୍ତି । କେବଳ ଜଣେ ଲୋକ ହାତରେ ଗୋଟିଏ ମଦଗ୍ଲାସ ଧରି ଟେବୁଲ ତଳେ ପଡ଼ିଛି । ହାୟ ! ଜେରାର୍ଡ ଆଶା କରିଥିଲା, ମାର୍ଗାରେଟକୁ ଦେଖିବ, ନିଜର ସୌଭାଗ୍ୟ ଜଣାଇଦେବ । କିନ୍ତୁ ଦେଖିଲା ଜଣେ କୁତ୍ସିତ ମଦ୍ୟପକୁ । ସେ ପିଟର ବା ମାର୍ଗାରେଟ୍‌କୁ ସହରର ରାସ୍ତାବଜାର ବୁଲି ଖୋଜିଲା । କିନ୍ତୁ ସେ ଦୁହିଁଙ୍କର ସନ୍ଧାନ ନ ପାଇ କ୍ଲାନ୍ତ ଭାବରେ ଗୋଟିଏ ହୋଟେଲକୁ ଯାଇ ସେଠାରେ ଶୋଇପଡ଼ିଲା । ସେ ଉଠିଲା ବେଳକୁ ସୂର୍ଯ୍ୟ ଉଇଁସାରିଥିଲା ।

ଦିନକଯାକ ସେ ମାର୍ଗାରେଟ୍‌କୁ ଖୋଜି ବୁଲିଲା, କିନ୍ତୁ କୌଣସି-ଠାରେ ତାର ସମ୍ବାଦ ପାଇଲା ନାହିଁ । ହାତଲେଖା ପ୍ରତିଯୋଗିତାରେ ସେ ଗୋଟିଏ ପୁରସ୍କାର ପାଇଛି; କିନ୍ତୁ ଏଥିରେ ସେ ଆନନ୍ଦ ପାଇ ପାରିଲା ନାହିଁ । ଏହାର ପରଦିନ ସେ ରାଜାଙ୍କର ପୁରସ୍କାର ଓ ପନ୍ଦରଟି ମୋହର ଧରି ଟର୍ଗାଓଁକୁ ଫେରିଯିବାକୁ ବାହାରିଲା ।

## ଜେରାର୍ଡ଼ର ଗୃହକୁ ପ୍ରତ୍ୟାବର୍ତ୍ତନ

ଦୁଇ ତିନି ଦିନ ଭିତରେ ଜେରାର୍ଡ଼ ଘରକୁ ନ ଫେରିବାରୁ ଘରେ ସମସ୍ତେ ତା ପାଇଁ ଚିନ୍ତିତ ଥିଲେ ।

ଏହି ସମୟରେ ହଠାତ୍ ଜେରାର୍ଡ ଘରେ ପହଞ୍ଚିଗଲା । ସମସ୍ତେ ବିସ୍ମୟରେ ତାକୁ ସ୍ୱାଗତ ଜଣାଇଲେ । ଘରର ସମସ୍ତେ ତାକୁ ବେଢ଼ିଯାଇ ପ୍ରତିଯୋଗିତାର ଫଳ କଅଣ ହେଲା ବୋଲି ପଚାରିଲେ । ସେ ସହରର ଆଡ଼ମ୍ବର ବର୍ଣ୍ଣନା କରି କହିଲା, "କେଟ୍, ମୁଁ ସେଠାର ଛବିମାନ ଦେଖି ନିରାଶ ହୋଇପଡ଼ିଲି । ଓଃ, କି ସୁନ୍ଦର ଛବି ! ତା ପାଖରେ ମୋ ଛବିର ତୁଳନା ହୋଇ ନ ପାରେ । ତା ଆରଦିନ ହାତଲେଖା ପାଇଁ ଆସିଥିବା କାମଗୁଡ଼ିକ ପରୀକ୍ଷା କରି ଦେଖାଗଲା । କହିଲୁ, ସେଥିରେ କିଏ ପ୍ରଥମ ସ୍ଥାନ ଅଧିକାର କରିଥିବ ?"

କେଟ୍ କହିଲା, "ତୋର ।" ଏହା ଶୁଣି ସମସ୍ତେ ହସିଉଠିଲେ ।

"ତୁମେ ସବୁ ହସିପାର । କିନ୍ତୁ ଘୋଷଣା କରାଗଲା—ଟର୍ଗାଓର ଇଲିଆସ୍‌ଙ୍କ ପୁତ୍ର ଜେରାର୍ଡ଼ ହାତଲେଖା ପାଇଁ ପ୍ରଥମ ପୁରସ୍କାର ପାଇ ଅଛନ୍ତି । ମୁଁ ଛିଡ଼ାହୋଇ ରହିଲି । କଥାଟା ବିଶ୍ୱାସ କରି ପାରିଲି ନାହିଁ । କେତେ ଜଣ ମୋତେ ଠେଲିଠେଲି ଆଗକୁ ନେଇଗଲେ । ଦେଖିଲି ମୋ ଆଗରେ ସ୍ୱୟଂ ହଲାଣ୍ଡର ରାଜା । ମୁଁ ଆଣ୍ଠେଇପଡ଼ି ତାଙ୍କୁ ସମ୍ମାନ

ଦେଖାଇଲି । ସେ କଅଣ ଆଣିବାପାଇଁ ପାଖକୁ ହାତ ବଢ଼ାଇଲେ । ମୁଁ ଭାବିଲି, ରାଜା କଅଣ ମୋ ମୁଣ୍ଡ କାଟିବାକୁ ଖଣ୍ଡା ଆଣୁଛନ୍ତି କି ? କିନ୍ତୁ ସେ ଗୋଟିଏ ସୁନାର କପ୍ ଓ ପନ୍ଦରଟି ସୁନାମୋହର ଆଣି ମୋ ହାତକୁ ବଢ଼ାଇଦେଲେ । ହେଇଟି ସେ ସୁନାକପ୍ । ମୁଁ ଥରେ ଗୋଟାଏ ସୁନା ମୋହର ଦେଖିଥିଲି; କିନ୍ତୁ କେବେ ହାତରେ ଗୋଟାଏ ମୋହର ଧରି ନ ଥିଲି । ଏଇ ଦେଖ, ରାଜା ମୋତେ ଏତେ ମୋହର ଦେଇଛନ୍ତି !"

ସମସ୍ତଙ୍କ ମୁହଁରେ ଜେରାର୍ଡ଼ର ପ୍ରଶଂସା ।

ଜେରାର୍ଡ଼ ଭାଇ ଭଉଣୀଙ୍କ ଭିତରେ କେତୋଟି ମୋହର ବାଣ୍ଟିଦେଲା । ଇଲିଆସ୍ ଆନନ୍ଦରେ ଅଧୀର ହୋଇ କହିଲେ, "ଅରେ ଜେରାର୍ଡ଼, ମୋତେ ସେ ସୁନାକପ୍‌ଟା ଦେଲୁ ! ମୁଁ ଯାଇ ପିଟର ବୁଇସ୍କିନଙ୍କୁ ଦେଖାଇ ଆସେ । ତା ପୁଅ ଜୋରଆନ ଥରେ ଲକ୍ଷ୍ୟଭେଦ ପ୍ରତିଯୋଗିତାରେ ଗୋଟାଏ ଟିଣର କପ୍ ପୁରସ୍କାର ପାଇଥିଲା ବୋଲି ସେ ବରାବର କହେ । ଏବେ ଦେଖୁ ମୋ ପୁଅ ସୁନାକପ୍ ପାଇଛି ।"

ଜେରାର୍ଡ଼ କହିଲା, "ଟିକିଏ ପରେ ଯିବ । ଆଉ ଗୋଟାଏ ଶୁଭ ଖବର ଅଛି ।"

"ଏଁ, ଏହାଠାରୁ ବଳି ଶୁଭ ଖବର ?"

"ହଁ, ମୁଁ ରାଣୀ ଓ ରାଜମାତାଙ୍କ ସଙ୍ଗେ ଦେଖାକଲି । ମାର୍ଗାରେଟ୍ ଭାନ୍ ଇକ୍‌ଙ୍କଠାରୁ ଖଣ୍ଡେ ଚିଠି ନେଇ ଯାଇଥିଲି । ମୋତେ ଗୋଟିଏ ଗୀର୍ଜାରେ ଧର୍ମଯାଜକ ରୂପେ ନିଯୁକ୍ତ କରାଯିବ ।"

କାଥେରିନ୍ କହିଲେ, "ସାବାସ୍ ଜେରାର୍ଡ଼ । ଏଣିକି ଆମର ଚିନ୍ତା ଗଲା । ବୁଢ଼ାବୁଢ଼ୀ ଶାନ୍ତିରେ ମରିବୁ । ତୁ ଆଉ ଆଉ ତୋ ଭାଇଭଉଣୀଙ୍କର କିଛି ଚିନ୍ତା ରହିବ ନାହିଁ ।"

# କେରାର୍ଡ଼ ଓ ମାର୍ଗାରେଟ୍‌ଙ୍କ ଦେଖା

ଦିନେ ସନ୍ଧ୍ୟାବେଳେ କେରାର୍ଡ଼ ଘରେ ପହଞ୍ଚିଲାକ୍ଷଣି କେଟ୍ କହିଲା, "କେରାର୍ଡ଼, ଆଜି ତୋତେ ଖୋଜିବା ପାଇଁ ଆମ ଘରକୁ କିଏ ଆସିଥିଲା ଜାଣିଛୁ ?"

"ନା, ମୁଁ ତ ଘରେ ନ ଥିଲି—ଜାଣନ୍ତି କପରି ?"

"ଖୋଦ୍ ବର୍ଗୋମାଷ୍ଟର ।"

"ବର୍ଗୋମାଷ୍ଟର ଘିସ୍‌ବ୍ରେକ୍‌ଟ ! ତାଙ୍କର ମୋ ପାଖରେ କି କାମ ?"

"ମୁଁ ଜାଣେ ନାହିଁ । ସେ କଅଣ ଗୋଟାଏ ଜରୁରୀ କାମରେ ତୋତେ ଖୋଜୁଥିଲେ । ଘରକୁ ଆସିଲାକ୍ଷଣି ତାଙ୍କ ପାଖକୁ ଯିବା ପାଇଁ କହିଯାଇଛନ୍ତି ।"

"ହେଉ । ଯେତେବେଳେ ସେ ସହରର ହର୍ତ୍ତାକର୍ତ୍ତା, ମୋର ଯିବା ଦରକାର । କିନ୍ତୁ କେଟ୍, ମୋର ଯିବାକୁ ଇଚ୍ଛା ହେଉନାହିଁ । ତାର ଆଖିଯୋଡ଼ାକ ଦେଖିଲେ ଜଣାଯାଏ, ଲୋକଟାର ମତଲବ୍ ଭଲ ନୁହେଁ ।"

ଯାହାହେଉ କେରାର୍ଡ଼ ଘିସବ୍ରେକ୍‌ଟଙ୍କ ପାଖକୁ ଗଲା । ସେ ଖୁବ୍ ଖୁସି । ଅଯଥା ଉଦ୍ଦେଶ୍ୟ ପ୍ରକାଶ ନ କରି ସେ କହିଲେ, "କେରାର୍ଡ଼, ସହରର ଅଫିସ କାଗଜପତ୍ର ବହୁତ ପୁରୁଣା ହୋଇଗଲାଣି । ଲେଖା-ପଢ଼ି ହେଉନାହିଁ । ତୁମର ଅକ୍ଷର ଖୁବ୍ ଭଲ ବୋଲି ଶୁଣିଲି । ଅଫିସ ଖାତାଗୁଡ଼ିକ ନକଲ କରିଦିଅ ।"

"କରିପାରିବି । ସେଥିପାଇଁ ମୋତେ କେତେ ପାରିଶ୍ରମିକ ମିଳିବ ?"

"ଆମେ ଯାହା ଦେବାର କଥା ଦେବା । କଲମ କାଗଜର ଦାମ୍ ତୁମକୁ ମିଳିବ ।"

"କିନ୍ତୁ ମୋ ପରିଶ୍ରମର ମୂଲ୍ୟ କିଏ ଦେବ ? ଏସବୁ ନକଲ କରିବାକୁ ବର୍ଷେ ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ହେବ ।"

"ଲେଖିବା କଅଣ ଗୋଟାଏ ପରିଶ୍ରମ ? କାଗଜରେ ଗାର ଟାଣିବା କଥା ।"

"ଆପଣ ଯାହା କହନ୍ତୁ, ଲେଖିବା ଗୋଟାଏ କଳାବିଦ୍ୟା । ମୋ ସମୟର ମୂଲ୍ୟ ଅଛି ତ ?"

"ଓଃ, ତୁମର ସମୟ ! ତାର ପୁଣି ମୂଲ୍ୟ ? ବାଇଶ ବର୍ଷର ଯୁବକ ପକ୍ଷରେ ସମୟର କି ମୂଲ୍ୟ ? ଅସଲ କଥା ହେଉଛି, ତୁମେ ବୃଥା ସମୟ ନଷ୍ଟ କରିବାକୁ ଚାହୁଁ । ତୁମେ ପ୍ରେମରେ ପଡ଼ିଛ । ତୁମ ଦେହଟା ଯିନା ଏଠାରେ, ତୁମର ମନ ରହିଛି ପିଟର ବ୍ରାଣ୍ଡ ଘରେ, ତା ଝିଅ ପାଖରେ ।"

"ପିଟର ବ୍ରାଣ୍ଡ କିଏ ମୁଁ ଜାଣେ ନାହିଁ ।"

"ତୁମେ ମିଛ କହୁଛ । ରଟରଡ଼ାମ୍‌କୁ ଯିବା ରାସ୍ତାରେ ତା ଝିଅ ସାଙ୍ଗରେ ମୁଁ ଥରେ ତୁମକୁ ଦେଖିଛି । ଏଇ କେତେ ଦିନ ଆଗେ ତୁମେ ସ୍ପେଟେନ୍‌ବର୍ଗକୁ ଯାଇଥିଲ ।"

"ସ୍ପେଟେନବର୍ଗକୁ ?"

"ହଁ, ସ୍ପେଟେନ୍‌ବର୍ଗର ପିଟର ଘରକୁ ।"

ବର୍ଗୋମାଷ୍ଟର ଶେଷ କଥାଟି ମନରୁ ଗଢ଼ି କହି ଦେଇଥିଲେ । ଜେରାର୍ଡ଼ର ଉତ୍ତରରୁ ସେ ପ୍ରକୃତ ଘଟଣା ଜାଣିବାର ଆଶା ରଖିଥିଲେ । ଜେରାର୍ଡ଼ କହିଲା, "ଜନ୍ମବର୍ଷ ହେଲା ମୁଁ ସ୍ପେଟେନ୍‌ବର୍ଗକୁ ଯାଇ ନାହିଁ । ତୁମେ ଯାହାଙ୍କ ନାଁ କହୁଛ ମୁଁ ତାଙ୍କୁ ଚିହ୍ନେ ନାହିଁ କି ସେ କେଉଁଠି ରହନ୍ତି ଜାଣେ ନାହିଁ । ତୁମେ ଭାବୁଛ ମୋର ସମୟର ମୂଲ୍ୟ ନାହିଁ—କିନ୍ତୁ ମୋର ସମୟ ମୂଲ୍ୟବାନ୍ । ମୋତେ ବିଦାୟ ଦିଅ ।" ଏହା କହି ଜେରାର୍ଡ଼ ଚାଲିଆସିଲା ।

ଘିସବ୍ରେକ୍ଟ ଜଣେ ଚାକରକୁ ଡାକି କହିଲେ, "ଏ ଟୋକାର ପଛେ ପଛେ ଯାଅ । ସେ କୁଆଡ଼େ ଯାଇ କଅଣ କରୁଛି ନଜର ରଖି ମୋତେ କହିବୁ । ଟୋକାଟା ଖୁବ ଚାଲାଖ । ତୁ ତା' ପଛେ ପଛେ ଅଛୁ ବୋଲି ସେ ଯେପରି ନ ଜାଣେ । ସାବଧାନରେ କାମ କରିବୁ ।"

ରାତି ଦୁଇଘଡ଼ି ବେଳକୁ ଚାକର ଆସି ବର୍ଗୋମାଷ୍ଟରଙ୍କୁ କହିଲା, "ସେ ଟୋକା ଆପଣଙ୍କ ପାଖରୁ ଯାଇ ସିଧା ସ୍ପେଟେନ୍‌ବର୍ଗକୁ ଗଲା ।"

ଘିସବ୍ରେକ୍ଟ ସ୍ଥିର କଲେ, ଜେରାର୍ଡ଼ ପିଟର ଘରକୁ ଯାଇଛି ।

× × × ×

ଜେରାର୍ଡ଼ ପିଟର୍‌ଙ୍କ ଘରେ ପହଞ୍ଚି ଦେଖିଲା, ମାର୍ଗାରେଟ୍ ଦ୍ୱାର ପାଖରେ ବସି ସୂଚୀକାମ କରୁଛି । ପାଖରେ ଜଣେ ଡେଙ୍ଗା ଲୋକ ଗୋଟାଏ ଧନୁ ଧରି ତା ସଙ୍ଗେ କଥାବାର୍ତ୍ତା ହେଉଛି । ଲୋକଟିର ବୟସ ପ୍ରାୟ ୫୦ ବର୍ଷ । ସେ ଆଗେ ସୈନ୍ୟବିଭାଗରେ କାମ କରୁଥିଲା । ଏଥିପୂର୍ବରୁ ଜେରାର୍ଡ଼ ତାକୁ ଶର ମାରିବା ପ୍ରତିଯୋଗିତାରେ ପୁରସ୍କାର ପାଇବାର ଦେଖିଥିଲା ।

ଜେରାର୍ଡ଼କୁ ଦେଖିବାମାତ୍ରେ ମାର୍ଗାରେଟ୍ ନିଜର ସୂଚୀକାମ ରଖି-ଦେଲା । ତାର ମୁହଁ ଲଜରେ ଲାଲ ପଡ଼ିଗଲା । ସେ କହିଲା, "ଏ କଅଣ ଜେରାର୍ଡ଼ ! ତୁମେ କିପରି ଆସିଗଲ ?"

"ମୁଁ ଏଇବାଟେ ଯାଉଥିଲି । ତୁମକୁ ଦେଖି ଭାବିଲି ତୁମ ବାପା କିପରି ଅଛନ୍ତି ବୁଝିଯିବି ।"

"ବାପା ଭଲ ଅଛନ୍ତି । ଏଇକ୍ଷଣି ସେ ଆସିବେ ।"

"ତେବେ ସେ ଆସିବାଯାଏ ମୁଁ ରହିବି ।"

"ଯାହା ତୁମ ଇଚ୍ଛା । ମାର୍ଟିନ, ଯାଅ, ବାପାଙ୍କୁ କହିଦେବ ତାଙ୍କର ଜଣେ ବନ୍ଧୁ ଆସିଛନ୍ତି ।"

"ତୁମର ବନ୍ଧୁ ନୁହେଁ ?"

"ବାପାଙ୍କର ଯିଏ ବନ୍ଧୁ ସେ ମୋର ମଧ୍ୟ ବନ୍ଧୁ ।"

"ସେଦିନ ମୁଁ ଯିବାକ୍ଷଣି ତୁମର ଚାଲି ଆସିବାଟା କଅଣ ବନ୍ଧୁର କାମ ?"

"ତୁମେ ମି: ଜନ୍‌ସନ୍‌ଙ୍କ ଘରକୁ ଆସିଲ ନାହିଁ କାହିଁକି ? ସେ ତୁମକୁ ମଧ୍ୟ ଆଦର ଅଭ୍ୟର୍ଥନା କରିଥାନ୍ତେ ।"

"ରାଣୀଙ୍କ ପାଖରୁ କାମ ସରିଲା ମାତ୍ରେ ମୁଁ ତୁମେ ବସିଥିବା ଜାଗାକୁ ଆସିଲି; କିନ୍ତୁ ତୁମର ଦେଖା ମିଳିଲା ନାହିଁ ।"

"ତୁମେ ଆସି ନ ଥିଲ—ଆସିଥିଲେ ହ୍ୱାନ୍‌ସକୁ ଦେଖିଥାନ୍ତ । ତୁମକୁ ଜନ୍‌ସନ୍‌ଙ୍କ ଘରକୁ ନେଇ ଆସିବା ପାଇଁ ଆମେ ତାକୁ ସେଠାରେ ବସାଇ ଯାଇଥିଲୁ ।"

"ମୁଁ ସେଠାରେ କାହାରିକୁ ଦେଖିଲି ନାହିଁ । କେବଳ କିଏ ଜଣେ ମଦ ପିଇ ତଳେ ଗଡୁଥିଲା ।"

"ଆମ ଟେବୁଲ ପାଖରେ ? ତା'ର ପୋଷାକ କିପରି ?"

"ମୁଁ ସେତେ ଭଲକରି ଦେଖିନି; ତେବେ କଳାରଙ୍ଗର ପୋଷାକ ପିନ୍ଧିଥିଲା ବୋଲି ମନେପଡ଼ୁଛି ।"

ମାର୍ଗାରେଟ୍‌ଙ୍କର ସବୁ ସନ୍ଦେହ ଦୂର ହୋଇଗଲା । ଏହି ମାତାଲ ଲୋକଟି ହିଁ ସମସ୍ତ ଭୁଲ ବୁଝାମଣାର କାରଣ ବୋଲି ଦୁହେଁ ବୁଝି-ପାରିଲେ ।

ଏହି ସମୟରେ ପିଟର ପହଞ୍ଚିଗଲେ ଓ କହିଲେ, "ବାପ ଜେରାର୍ଡ଼, ଆଜି ତୁମେ ଆମ ଘରେ ଖାଇବ ।" ମାର୍ଗାରେଟ୍ ଚାଲିଗଲା । ପିଟର ଓ ଜେରାର୍ଡ଼ ବସି ନାନା ବିଷୟରେ ଗଳ୍ପ କଲେ । କିଛି ସମୟ ପରେ ମାର୍ଗାରେଟ୍ ଆସି ଟେବୁଲ ସଜାଇ ଖାଇବାକୁ ଦେଲା । ଭୋଜନ ପରେ ଜେରାର୍ଡ଼ ଓ ମାର୍ଗାରେଟ୍ ହାତ ଧରାଧରି ହୋଇ କିଛିବେଳ ବଗିଚାରେ ବୁଲିଲେ । ଜେରାର୍ଡ଼ ଆନନ୍ଦ ମନରେ ନିଜ ଘରକୁ ଫେରିଲା ।

ଏହି ଦିନଠାରୁ ଜେରାର୍ଡ଼ ପ୍ରାୟ ପ୍ରତିଦିନ ପିଟରଙ୍କ ଘରକୁ ଯିବାକୁ ଲାଗିଲା । ଜେରାର୍ଡ଼ ଓ ମାର୍ଗାରେଟ୍ ପ୍ରେମରେ ବୁଡ଼ିରହିଲେ ।

## ବର୍ଗୋମାଷ୍ଟରଙ୍କ ଆଗମନ

ପ୍ରେମର ପଥ ବିପଦପୂର୍ଣ୍ଣ । ଜେରାର୍ଡ଼ ଓ ମାର୍ଗାରେଟ୍‌ଙ୍କ ଜୀବନରେ ବିପଦ ଦେଖାଦେଲା । ଦିନେ ଉପରବେଳା କାଥେରିନ୍ ଓ କେଟ୍ ବସି ଜେରାର୍ଡ଼ ବିଷୟରେ କଥାବାର୍ତ୍ତା ହେଉଛନ୍ତି, କେଟ୍ କହିଲା—

"ମାଆ, ତୁମକୁ ଲୁଚାଇ ଗୋଟିଏ ଜିନିଷ ଦେଖାଇବ । ଜେରାର୍ଡ଼ ତାକୁ କନାରେ ଗୁଡ଼ାଇ ଲୁଚାଇ ରଖିଛି । ବେଳେ ବେଳେ ସେ ତାକୁ ଲୁଆଡ଼େ ନେଇଯାଏ ।"

ଏହା କହି କେଟ୍ ଘରଭିତରୁ କନାରେ ଗୁଡ଼ାହୋଇଥିବା ଗୋଟିଏ ଛବି ଧରି ଆସିଲା । ଛବିଟି ହେଉଛି ଯୀଶୁଙ୍କର ମାତା ମେରୀଙ୍କର । ତାଙ୍କର ମଥାରେ ଗୋଟିଏ ମୁକୁଟ । ସୁନେଲି ରଙ୍ଗର ବାଳଗୁଡ଼ିକ କାନ୍ଧ ଉପରକୁ ଲମ୍ବି ଯାଇଛି । କାଥେରିନ୍ ଛବିଟି ଦେଖିଲାକ୍ଷଣି କହିଲେ, "ଆହା, ସ୍ୱର୍ଗର ଦେବୀ ଯୀଶୁ—ମାତା ମେରୀଙ୍କର ଏଭଳି ସୁନ୍ଦର ଛବି ମୁଁ ଦେଖି ନ ଥିଲି ।"

ସେ ଦୁହେଁ ଛବିର ପ୍ରଶଂସା କରୁଛନ୍ତି, ଏହି ସମୟରେ କବାଟ ପାଖରେ କାହାର ପାଦଶବ୍ଦ ଶୁଣାଗଲା । କାଥେରିନ୍ ହଠାତ୍ ଛବିଟିକୁ କନାରେ ଘୋଡ଼ାଇ ଦେଲେ । ବର୍ଗୋମାଷ୍ଟର ଘିସବ୍ରେକ୍ଟ ଘର ଭିତରକୁ ପଶିଗଲେ । କେଟ୍ ଓ ତାର ମାଆ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ଆପଣ କୁଆଡ଼େ ଆସିଲେ ?"

"ମୁଁ ବନ୍ଧୁ ଭାବରେ ଆସିଛି ତୁମକୁ ସାହାଯ୍ୟ କରିବାପାଇଁ ।" କାଥେରିନ୍ ଓ କେଟ୍ ଜାଣନ୍ତି, ବର୍ଗୋମାଷ୍ଟର ଭଲ ଲୋକ ନୁହନ୍ତି । ତାଙ୍କର ପ୍ରକୃତି କୁଟିଳ । ସେ ଦୁହେଁ ପରସ୍ପରକୁ ଚାହିଁଲେ । ବର୍ଗୋମାଷ୍ଟର କହିଲେ, "ତୁମ ପୁଅ ଜେରାର୍ଡ଼ ବିଷୟରେ କିଛି କହିବାକୁ ଆସିଛି ।"

"ହଁ, ମୁଁ ଶୁଣିଥିଲି ଆପଣ ତାକୁ କେତେକ କାମ କରିବାକୁ କହିଥିଲେ । କିନ୍ତୁ ଟଙ୍କା ଦେବାକୁ ନାହିଁ କରିବାରୁ ସେ ମନା କରି-ଦେଲା । ସେଇ କଥା ତ ।"

"ନା, ମୁଁ ସେ ବିଷୟରେ କହିବାକୁ ଆସିନାହିଁ । ମୁଁ ଆସିଛି ଅନ୍ୟ ବିଷୟରେ । ଜାଣିଛ, ସେ କୁସଂସର୍ଗରେ ପଡ଼ିଲାଣି ।"

"ମୋ ପୁଅ ଜେରାର୍ଡ଼ କୁସଂସର୍ଗରେ ପଡ଼ିଛି ? ମନରୁ ବାନ୍ଧି କିଛି କହନ୍ତୁ ନାହିଁ । ଯାହା ଜାଣନ୍ତି ଶୀଘ୍ର କହନ୍ତୁ ।"

"କହିବି କଅଣ ? ତୁମ ଜେରାର୍ଡ଼ ଧର୍ମଯାଜକ ହେବନାହିଁ ସେ ଗୋଟିଏ ଗୃହସ୍ଥ ହେବ । ପିଟର ବ୍ରାଣ୍ଡର ଯେଉଁ ଝିଅ, ତା ପାଲରେ ସେ ପଡ଼ିଲାଣି ।"

ଏହା ଶୁଣିଲାକ୍ଷଣି ମାଆ ଝିଅ ଦୁହେଁ ଠୋ ଠୋ ହସିଉଠିଲେ । ବର୍ଗୋ-ମାଷ୍ଟର କହିଲେ, "ତାହାହେଲେ ତୁମେ ଆଗରୁ ଏକଥା ଜାଣିଥିଲ ।"

"ମୁଁ ଜାଣେ, ଜେରାର୍ଡ଼ କୌଣସି ସ୍ତ୍ରୀଲୋକକୁ ଆଉ ଆଖିରେ ସୁଦ୍ଧା ଚାହେଁ ନାହିଁ ।"

"ହଁ, ଅନ୍ୟ ସ୍ତ୍ରୀଲୋକଙ୍କୁ ଚାହୁଁ ନ ଥିବ, କିନ୍ତୁ ଏଇଟି ହେଉଛି ତାର ସର୍ବସ୍ୱ ।"

"କେଟ୍, ତୋର ଏ କଥାରେ ବିଶ୍ୱାସ ହେଉଛି ?"

"ନା, ନା, ମୋର ମୋଟେ ବିଶ୍ୱାସ ହେଉନି । ଜେରାର୍ଡ଼ ସେଭଳି ପ୍ରକୃତିର ପିଲା ନୁହେ । ଯେ ଯଦି କାହାକୁ ଭଲପାଉଥାଏ, ସେ ହେଉଛନ୍ତି ମେରୀ, ସ୍ୱର୍ଗର ଦେବୀ । ସେ ଏହି ଦେବୀଙ୍କର କପରି ଛବି ଆଙ୍କିଛି ଦେଖାଇଦେବି ।" ଏହା କହି ସେ ଛବିଟି ଉପରୁ କନା କାଢ଼ିଦେଲା ।

ବର୍ଗୋମାଷ୍ଟର ଚମକି ପଡ଼ିଲା ପରି କହିଲେ, "ଏ ତ ଠିକ୍ ସେଇ ।"

"ଦେଖିଲେ, ଆପଣଙ୍କର ଧାରଣା କେଡ଼େ ଭୁଲ ।"

"ସମସ୍ତେ କଅଣ ପାଗଲ ହୋଇଛ ? ଏ ହେଉଛି ପିଟରବ୍ରାଣ୍ଡର ଝିଅ ମାର୍ଗାରେଟ୍‌ର ଛବି ।"

ଏହି ସମୟରେ ପିଟର ବ୍ରାଣ୍ଡଙ୍କର ପଡ଼ୋଶୀ ପାଟିଶୁଣି ଦ୍ୱାରମୁହଁକୁ ଆସିଲେ । ସେସବୁ କଥା ଶୁଣି ଛବିଟି ଦେଖି କହିଲେ – "ମୁଁ ବାପଝିଅଙ୍କୁ ଭଲ କରି ଚହ୍ନେ । ଏ ତ ଠିକ୍ ତାର ଛବି । ତେବେ ତା ମୁଣ୍ଡରେ ଗୋଟାଏ ମୁକୁଟ ଦିଆହୋଇଛି କାହିଁକି ?"

ଏହି ସମୟରେ ଇଲିଆସ୍ ଦୋକାନରୁ ଆସି ପହଞ୍ଚିବାରୁ କାଥେରିନ୍ ବର୍ଗୋମାଷ୍ଟରଙ୍କୁ କହିଲେ, "ଏଇ ତାର ବାପା ଆସିଲେଣି । ମୋର ତାଙ୍କୁ କହିବାକୁ ସାହସ ହେଉନାହିଁ—ଆପଣ କହନ୍ତୁ ।"

ଇଲିଆସ୍ ଜାଣିପାରିଲେ ଯେ ଗୋଟାଏ କିଛି କାଣ୍ଡ ଘଟିଛି । ବର୍ଗୋମାଷ୍ଟର କହିଲେ, "ସେପରି ବିଶେଷ କିଛି ଘଟି ନାହିଁ—ଏତେ ଭୟ କରୁଛ କାହିଁକି ?" ଏହା ପରେ ସେ ଜେରାର୍ଡ଼ ଓ ମାର୍ଗୋରେଟର ସମ୍ବନ୍ଧ ବର୍ଣ୍ଣନା କରି ଛବିଟି ଦେଖାଇଦେଲେ ।

ଇଲିଆସ୍ କହିଲେ, "ଜେରାର୍ଡ଼ ତାକୁ ବିଭା ହେବ ? ସେ କଥା ଅସମ୍ଭବ । ସେ ବିଭା ହେବାକୁ ବସିଲେ ମୁଁ ଜୋର୍‌କରି ବନ୍ଦ କରିବି । ଦରକାର ହେଲେ ଜନ୍ ଯାହା କରିଥିଲା ତାହା କରିବି ।"

କାଥେରନ୍ ପଚାରିଲେ "ଜନ୍ କଣ କରିଥିଲା ?"

ଇଲିଆସ୍ କିଛି କହିବା ପୂର୍ବରୁ ବର୍ଗୋମାଷ୍ଟର କହିଲେ, "ଜନ୍‌ର ପୁଅ ଆଲବର୍ଟ ବାପର ଇଚ୍ଛା ବିରୁଦ୍ଧରେ ବିବାହ କରିବାକୁ ବସିଥିଲା । ଜନ୍ ମୋତେ ଏହା ଜଣାଇବାରୁ ମୁଁ ଆଲବର୍ଟକୁ ଜେଲଖାନାରେ ବନ୍ଦକରି ରଖିଲି । ଜେଲ୍‌ଖାନାରେ ତାକୁ ଖଣ୍ଡିଏ ରୁଟି ଓ ଗିଲାସେ ପାଣି ଛଡ଼ା କିଛି ଦିଆଯାଉ ନ ଥିଲା । ବେଶ୍, ଦିଓଟି ଦିନରେ ପୁଅ ବାଟକୁ ଆସିଗଲା ।"

କାଥେରନ୍‌ଙ୍କୁ ଏ କଥା ବଡ଼ ଖରାପ ଲାଗିଲା । ସେ କହିଲେ, "ନା ନା, ମୋ ପୁଅ କଥା ଏତେ ଦୂରକୁ ଯିବ ନାହିଁ । ମୋ କଥା ସେ କେବେ ଅମାନ୍ୟ କରନାହିଁ । କେଟ୍, ଜେରାର୍ଡ଼ କୁଆଡ଼େ ଯାଇଛି ?"

"ମୁଁ ଜାଣିନ ?"

ବର୍ଗୋମାଷ୍ଟର କହିଲେ, "ମୁଁ ଜାଣିଛି । ଜେରାର୍ଡ଼ ସେଭେନ୍ ବର୍ଜନକୁ ଯାଇଛି । ମୋ ଚାକର ତାକୁ ବାଟରେ ଦେଖିଥିଲା । ସେ ପିଟର ବ୍ରାଣ୍ଡ ଘରେ ଥିବ ।"

## ଲେଡ଼ି ଭାନ୍‌ଇକ୍‌ଙ୍କ ସାହାଯ୍ୟ

ସେଦିନ ଜେରାର୍ଡ଼ ଅନେକ ବେଳ ଯାଏ ସେଭେନ୍‌ବର୍ଗରେ ରହିଗଲା । ଫେରିଲାବେଳକୁ ରାତି ହୋଇଯାଇଥିଲା । ଘରଠାରୁ ଅଳ୍ପ ଦୂରରେ ସେ ଗୋଟିଏ ଗଛମୂଳେ ଦୁଇଜଣ ଲୋକଙ୍କୁ ଦେଖିଲା । ହଠାତ୍ ସେ ଦୁହେଁ ରାସ୍ତା ଉପରକୁ ଆସି ତା ଆଗରେ ଛିଡ଼ା ହୋଇଗଲେ । ଜେରାର୍ଡ଼ ଦେଖିଲା, ସେ ଦୁହେଁ ତାର ବାପା ଓ ମାଆ । ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ତୁମେ କୁଆଡ଼େ ? ଘରେ କଅଣ ବିଶେଷ କିଛି ଘଟିଛି ?"

ପିଟର କହିଲେ, "ପଚାରିବା ଦରକାର କଅଣ ? ତୁ ଜାଣି ପାରୁଥିବୁ ଆମେ କାହିଁକି ଆସିଛୁ ।"

ଜେରାର୍ଡ଼ ନୀରବ । ତାର ବାପାଙ୍କ ମନରେ ଦୁଃଖ ହେଲା । ସେ କହିଲେ, "ହେଉ, ଘରକୁ ଚାଲ । ଏ ତୋର ଦୋଷ ନୁହେଁ; ତୋ ବୟସର ଦୋଷ । ଯୋଡ଼ାଏ ନୀଳରଙ୍ଗର ଆଖି, ଗୋଟିଏ ସୁନ୍ଦର ମୁହଁ ଦେଖି ଭୁଲିଯାଇଛୁ ଯେ ତୁ ଜଣେ ଧର୍ମଯାଜକ ହେବୁ । ସ୍ତ୍ରୀ ଲୋକଙ୍କ ସାଥିରେ ତୋର କି ସମ୍ବନ୍ଧ ? ମୋତେ ଜବାବ ଦେ, ଏଣିକି ଆଉ ସେଭେନ୍-ବର୍ଜନକୁ ଯିବୁ ନାହିଁ । ବେଶ୍, ଏତିକିରେ କଥା ତୁଟିଯିବ । ଥରେ ଭୁଲ କରିଛୁ—ସେ କଥା ଆମେ ଭୁଲିଯିବୁ ।"

"ନା ବାପା, ମୁଁ ସେପରି ଜବାବ ଦେଇ ପାରିବି ନାହିଁ ।"

"କଅଣ ! ଜବାବ ଦେଇ ପାରିବୁ ନାହିଁ ? କୃତଘ୍ନ..."

"ମୋତେ ଗାଳି ଦିଅନା । ତୁମେଅ ସନ୍ତୁଷ୍ଟ ହେବ ବୋଲି ଏ କଥା ମୁଁ ତୁମକୁ କହି ନ ଥିଲି । ମୁଁ ଧର୍ମଯାଜକ ହେବି ନାହିଁ । ମୁଁ ମାର୍ଗାରେଟ୍‌କୁ ଭଲପାଏ । ତାକୁ ଛାଡ଼ି ଧର୍ମଯାଜକ ହୋଇ ନ ପାରେ ।"

"ଆଚ୍ଛା, ସେ କଥା ପରେ ଦେଖାଯିବ—ଆଗେ ଘରକୁ ଚାଲ ।"

ଏଣିକି ଇଲିଆସ୍‌ଙ୍କ ଘରେ ଆଉ ଶାନ୍ତି ରହିଲା ନାହିଁ । କେବଳ କେଟ୍ ଓ ଜାଇଲସକୁ ଛାଡ଼ିଦେଲେ ଆଉ ସମସ୍ତେ ଜେରାର୍ଡ଼ର ବିରୋଧୀ ହୋଇଉଠିଲେ । ଏହିପରି ଘୋର ଅଶାନ୍ତିରେ ଛଅମାସ କଟିଗଲା । ଘରର ସମସ୍ତେ ଯେତେ କହିଲେ ସୁଦ୍ଧା ଜେରାର୍ଡ଼ର ମନ ବଦଳିଲା ନାହିଁ । ଶେଷରେ ଦିନେ ଇଲିଆସ୍ ସମସ୍ତଙ୍କୁ କହିଦେଲେ, "ଜେରାର୍ଡ଼ କାହାର କଥା ଶୁଣିଲା ନାହିଁ । ମୁଁ ତାକୁ ମାର୍ଗରେଟ୍ ସାଥିରେ କେବେହେଲେ ବିବାହ କରାଇ ଦେବି ନାହିଁ । ଜେରାର୍ଡ଼କୁ ଜେଲ୍‌ଖାନାରେ ରଖିବାପାଇଁ ମୁଁ ବର୍ଗୋମାଷ୍ଟରଙ୍କୁ କହିଦେଇଛି । ଜେରାର୍ଡ଼, ତୋତେ ଭଲ ଲାଗୁ ବା ନ ଲାଗୁ, ତୋତେ ଧର୍ମଯାଜକ ହେବାକୁ ପଡ଼ିବ । ତୁ କଦାପି ବିବାହ କରିପାରିବୁ ନାହିଁ ।"

ଜେରାର୍ଡ଼ ରାଗିଯାଇ କହିଲା, "ତୁମେ ଜବରଦସ୍ତି କରୁଛ, କିନ୍ତୁ ମୁଁ କହିରଖୁଛି ମୁଁ କଦାପି ଧର୍ମଯାଜକ ହେବି ନାହିଁ । ବାପା, ତୁମେ ବଳ ପ୍ରୟୋଗ କଲେ ସୁଦ୍ଧା ମୋର ମନ ବଦଳିବ ନାହିଁ । ତୁମର ଏ ଘର, ଏ ରାଜ୍ୟ ଛାଡ଼ି ଚାଲିଯିବାକୁ ମୁଁ ପ୍ରସ୍ତୁତ ଅଛି ।"

ଏହା କହି ଜେରାର୍ଡ଼ ଘରୁ ବାହାରିଗଲା । ବାଟରେ ମାର୍ଗାରେଟ୍ ଗ୍ଲାନ୍‌ଇକଙ୍କର ଜଣେ ଦାସୀ ସମ୍ବାଦ ଦେଲା ଯେ ସେ ଜେରାର୍ଡ଼ଙ୍କୁ ଡକାଇ ଅଛନ୍ତି । ଜେରାର୍ଡ଼ ଦାସୀ ସହିତ ମାର୍ଗାରେଟ ଗ୍ଲନଇକ୍‌ଙ୍କ ପାଖରେ ପହଞ୍ଚିବାରୁ ସେ କହିଲେ, "ଏ କଅଣ ଜେରାର୍ଡ଼ ! ଏତେ ଦିନ ହେଲା ତୁମେ ଏଆଡ଼େ କାହିଁକି ଆସୁନାହଁ ?"

ଜେରାର୍ଡ଼ ଲାଜରେ ମୁହଁ ତଳକୁ କରିଦେଲା । ତା ତୁଣ୍ଡରୁ କଥା ବାହାରିଲା ନାହିଁ । ଦାସୀଟି କହିଲା, "ସାଆନ୍ତାଣୀ କାହିଁକି ଏପରି କହିଲେ ଜାଣିଲ ? ତୁମେ ଏଥି ଭିତରେ ଜଣକର ପ୍ରେମରେ ପଡ଼ିଛ ଅଥଚ ସେ କଥା ତାଙ୍କଠାରେ ଲୁଚାଇଛ ।"

ଜେରାର୍ଡ଼ ଅତିଶ ଲଜ୍ଜିତ ହୋଇ କହିଲା, "ହଁ, ମୁଁ ଯେ ବୋକାମି କରି ଗୋଟିଏ ଝିଅକୁ ଭଲ ପାଇଛି ସେ କଥା କହିବାକୁ ମୋର ସାହସ ହେଲା ନାହିଁ ।"

"ଭଲପାଇବା କଅଣ ବୋକାମି ?"

"ପ୍ରତିଦିନ ଘରେ ମୋତେ ତାହାହିଁ କୁହାଯାଉଛି । ମୁଁ ଆପଣଙ୍କୁ ମୋ ଅନ୍ତରର କଥା ଜଣାଇଥାନ୍ତି; କିନ୍ତୁ ଆପଣ କଳାର ପୂଜା କରିବାପାଇଁ ପ୍ରେମକୁ ଯୌବନକୁ ତ୍ୟାଗ କରିଛନ୍ତି । ତେଣୁ ଆପଣଙ୍କୁ ମୋର ପ୍ରେମକଥା କହିବାକୁ ଭୟ ହେଲା ।"

"ହଁ, କଳାବେଦିରେ ମୁଁ ପ୍ରେମକୁ ବଳି ଦେଇଛି; କିନ୍ତୁ ତା'ର ପରିଣାମ ଦେଖୁଛ ? ଏ ବୟସରେ ମୋର କେହି ସାହା ନାହିଁ । ମୋର ସଙ୍ଗିନୀମାନେ ବିବାହ କରି କେଡ଼େ ସୁଖରେ ଅଛନ୍ତି । ସବୁ ତ୍ୟାଗକରି ଯେଉଁ କଳାର ପୂଜା କରୁଥିଲି ସେ ମଧ୍ୟ ମୋତେ ଛାଡ଼ିଯାଉଛି । ଜ୍ୟୋତିହୀନ ଆଖି ଓ ଥରଥର ହାତରେ କି କଳାର ଚର୍ଚ୍ଚା କରିହେବ ? ଜେରାର୍ଡ଼, ତୁମେ ମୋର ପଥ ଧର । ମୋର ଜୀବନକୁ ଅନୁସରଣ କରିବା ପାଇଁ ମୁଁ ତୁମକୁ କେବେହେଲେ କହି ନ ପାରେ । ତୁମେ ସେହି ମାର୍ଗାରେଟ୍‌କୁ ବିବାହ କରିବା ଉଚିତ । ସେ ଗୋଟିଏ ଭଲ ଝିଅ ବୋଲି ମୁଁ ବୁଝିଛି ।"

ଜେରାର୍ଡ଼ର ସବୁ ଆଶଙ୍କା ତୁଟିଗଲା । ଭାନ୍‌ଇକ୍‌ଙ୍କ ମୁହଁରେ ମାର୍ଗାରେଟ୍ ବ୍ରାଣ୍ଟଙ୍କର ପ୍ରଶଂସା ଶୁଣି ସେ ଆନନ୍ଦିତ ହେଲା ଓ ଏହି ଘଟଣା ନେଇ ଘରେ ସେ କିପରି ନିର୍ଯ୍ୟାତନା ସହୁଛି ସବୁ ପ୍ରକାଶ କଲା । ତାହା ଶୁଣି ଭାନ୍‌ଇକ୍ କହିଲେ, "ତୁମେ ଅବିଳମ୍ବେ ମାର୍ଗାରେଟ୍ ବ୍ରାଣ୍ଟଙ୍କୁ ବିବାହ କରିପକାଅ । ଥରେ ବିବାହ ହୋଇଗଲେ ପରେ ବାପା ମାଆ ବିରୋଧ କରି ନ ପାରନ୍ତି ।"

ବାପାଙ୍କ କଥାରେ ଜେରାର୍ଡ଼ ରାଗିଯାଇଥିଲା; କିନ୍ତୁ ପ୍ରକାଶ୍ୟରେ ବାପାଙ୍କୁ ଅମାନ୍ୟ କରି ବିବାହ କରିବା କେତେଦୂର ଉଚିତ ହେବ ସେ ସ୍ଥିର କରିପାରିଲା ନାହିଁ । ସେ କହିଲା, "ବାପା ମୋତେ ଜେଲ୍ ଦିଆଇବେ ବୋଲି କହୁଛନ୍ତି; କିନ୍ତୁ ସେ ତାହା କରିବେ ବୋଲି ମୋର ବିଶ୍ୱାସ ହେଉ ନାହିଁ । ମୋର ଭୟ ହେଉଛି ତାଙ୍କ ରାଗକୁ । ମୁଁ କାଲି ମାର୍ଗାରେଟ୍‌କୁ ବିବାହ କରିବାକୁ ପ୍ରସ୍ତୁତ । ମାତ୍ର ତାହାହେଲେ ବାପା ମୋତେ ଘରୁ ତଡ଼ିଦେବେ । ମୁଁ ମାର୍ଗାରେଟ୍‌କୁ ସୁଖରେ ରଖିପାରିବି ନାହିଁ । ବେଳେ ବେଳେ ଭାବୁଛି, ମାର୍ଗାରେଟ୍‌କୁ ଗୋପନରେ ବିବାହ କରି ଯେଉଁ ଦେଶରେ ମୋର କଳା ବିଦ୍ୟାର ଆଦର ହେବ ସେପରି ଦେଶକୁ ପଳାଇଯିବି । ସେଠାରେ ଦୁଇ ତିନିବର୍ଷ ରହି ଟଙ୍କା ଅର୍ଜି ଫେରିଆସି ମାର୍ଗାରେଟ୍‌କୁ ଘେନି ସୁଖରେ ରହିବି ।"

ବୃଦ୍ଧା ମାର୍ଗାରେଟ୍ ଭାନ୍‌ଇକ୍‌ଙ୍କର ଆଖି ଉଜ୍ଜ୍ୱଳ ହୋଇଆସିଲା । ସେ କହିଲେ, "ତୁମେ ଯାହା ଭାବୁଛ ତାହା ଠିକ୍ । କେବଳ ସେ ଭାବନାକୁ କାର୍ଯ୍ୟରେ ପରିଣତ କରିବାପାଇଁ ମନର ବଳ ଦରକାର । ଏ ଦେଶରେ କଳାବିଦ୍ୟାର ଆଦର ନାହିଁ; କିନ୍ତୁ ଇଟାଲୀରେ କଅଣ ହୁଏ ଜାଣ— ସେ ଦେଶରେ ଶିଳ୍ପୀ ଜଣେ ରାଜାର ସମ୍ମାନ ପାଏ ।"

"ମୁଁ ସେ କଥା ଶୁଣିଛି । ରୋମ୍ ଦେଖିବା ମୋର ଜୀବନର ସ୍ୱପ୍ନ ଥିଲା । କିନ୍ତୁ ସେ ଦୂର ଦେଶକୁ ଯିବାର ପାଥେୟ କାହୁଁ ପାଇବି ?"

"ପାଥେୟ କାହୁଁ ମିଳିବ ସେ କଥା ମୁଁ ଜାଣେ; କିନ୍ତୁ ତୁମ ମନର ବଳ ଦରକାର । ତୁମେ ନିଜ ପତ୍ନୀକୁ ନେଇ ଯାଇପାରିବ ତ ?"

ରାତି ଅଧ ପର୍ଯ୍ୟନ୍ତ ଏ ବିଷୟରେ ପରାମର୍ଶ ଚାଲିଲା । ଜେରାର୍ଡ଼ ଘରକୁ ପ୍ରଫୁଲ୍ଲ ମନରେ ଫେରିଲା । ଘରେ ତାକୁ ଗାଳି ଶୁଣିବାକୁ ହେଲା ସତ, କିନ୍ତୁ ସେସବୁକୁ ସେ ଖାତିର୍ କଲା ନାହିଁ ।

ମାର୍ଗାରେଟ୍ ଭାନ୍‌ଇକ୍ ଜେରାର୍ଡ଼ର ବାଟଖର୍ଚ୍ଚ ପାଇଁ ଯଥେଷ୍ଟ ଟଙ୍କା ଦେଲେ । ତାହାଛଡ଼ା ଚିତ୍ର ବିଦ୍ୟା ବିଷୟରେ କେତେଗୁଡ଼ିଏ ମୂଲ୍ୟବାନ୍ ଉପଦେଶ ଦେଲେ । ଜେରାର୍ଡ଼ ବିବାହ କରି ଇଟାଲୀକୁ ପଳାଇବ ବୋଲି ସ୍ଥିର କଲା ।

ପ୍ରଥମେ ସେ ସେଭେନବର୍ଜନକୁ ଯାଇ ମାର୍ଗାରେଟ୍‌କୁ ସବୁ କଥା କହିଲା । କିନ୍ତୁ ମାର୍ଗାରେଟ୍ ବିବାହ ପ୍ରସ୍ତାବରେ ରାଜି ନ ହୋଇ କହିଲା, "ତୁମକୁ ମୁଁ ଯେତେ ଭଲପାଇଲେ ହେଁ ତୁମ ବାପାଙ୍କ ଇଚ୍ଛା ବିରୁଦ୍ଧରେ ଆମର ବିବାହ ହୋଇ ନ ପାରେ ।"

ଜେରାର୍ଡ଼ ଅନେକ ବୁଝାଇଲା; କିନ୍ତୁ ମାର୍ଗାରେଟ୍‌ର ମନ ବଦଳିଲା ନାହିଁ । ସେ କେବଳ କାନ୍ଦିବାକୁ ଲାଗିଲା । ଶେଷରେ ଜେରାର୍ଡ଼ ବିରକ୍ତ ହୋଇ ସେଠାରୁ ଚାଲିଗଲା ।

ପ୍ରାୟ ଘଣ୍ଟାକ ପରେ ଜେରାର୍ଡ଼ ହାତରେ ଖଣ୍ଡେ ଚିରା ଛବି ଧରି ଦଉଡ଼ି ଦଉଡ଼ି ଆସି ମାର୍ଗାରେଟ୍‌କୁ କହିଲା, "ମାର୍ଗାରେଟ୍, ଦେଖ, ତୁମର ଛବିର ଅବସ୍ଥା !"

ମାର୍ଗାରେଟ୍ ଲୁହ ପୋଛି ଦେଖିଲା, ଜେରାର୍ଡ଼ ହାତରେ ତା'ର ଛବିଟି ପାଞ୍ଚଖଣ୍ଡ ହୋଇ ଚିରାହୋଇ ରହିଛି । ତାର ମୁହଁ କ୍ରୋଧରେ ଲାଲ ପଡ଼ିଗଲା । ସେ ପଚାରିଲା, "କିଏ ଏହା କଲା ?"

"ମୁଁ ଜାଣେନା—କାହାକୁ ବା ପଚାରନ୍ତି ? ମୋର ଛଅ ମାସର ପରିଶ୍ରମକୁ କିଏ ମୁହୂର୍ତ୍ତିକେ ଚିରି ନଷ୍ଟ କରିଦେଲା । ଦେଖିଲ, ଛବିରେ ତୁମର ମୁହଁକୁ ଚିରି କିପରି ବିକୃତ କରାଯାଇଅଛି ? ଏମାନଙ୍କ ମନରେ ଦୟାମାୟା କିଛି ନାହିଁ ।"

ମାର୍ଗାରେଟ୍ ଟିକିଏ ରହିଯାଇ କହିଲା, "ମୋ'ର ପାଇଁ ସେମାନେ ତୁମ ଉପରେ ଏଭଳି ଅତ୍ୟାଚାର କରୁଛନ୍ତି । ସେମାନେ ମୋ'ର ଛବିଟାକୁ

ନେଇ ନଷ୍ଟ କରିଦେଲେ । ତୁମଠାରୁ ମୋର ଛବି ସିନା ନେଇଗଲେ—ମୋତେ ଛଡ଼ାଇ ନେଇପାରିବେ ନାହିଁ । ମୁଁ ଚିରଦିନ ତୁମର ।"

"ମାର୍ଗାରେଟ୍ ! ସତ କହୁଛ ?"

"ନିଶ୍ଚୟ, । ସେମାନେ ତୁମ ପ୍ରତି ନିର୍ଦ୍ଦୟ ହେଲେ ବୋଲି ମୁଁ କଣ ନିର୍ଦ୍ଦୟ ହେବି ? ମୁଁ ବିଭା ହେବାକୁ ମନାକରୁଥିଲି—ସେଥିପାଇଁ ମୋତେ କ୍ଷମା ଦିଅ । ମୁଁ ତୁମକୁ ବିଭା ହେବି । ତୁମେ ଇଚ୍ଛାକଲେ କାଲି ଆମ ଦୁହିଙ୍କର ବିବାହ ହୋଇପାରିବ ।"

## ଜେଲ୍‌ଖାନା

ପରଦିନ ସକାଳ ଦଶଟା ବେଳକୁ ଜେରାର୍ଡ଼ ଓ ମାର୍ଗାରେଟ୍ ସେଭେନ-ବର୍ଜେନର ଗୀର୍ଜା ଘରେ ଉପସ୍ଥିତ । ଗୋପନରେ ବିବାହ ହେବାର ସ୍ଥିର ହୋଇଥିବାରୁ ଅନ୍ୟ ଲୋକଙ୍କୁ ଜଣାଇ ଦିଆଯାଇ ନ ଥିଲା । କେବଳ ମାର୍ଗାରେଟ୍‌ର ବାପା ପିଟର ଓ ବୃଦ୍ଧ ସୈନିକ ମାର୍ଟିନ ଉପସ୍ଥିତ ଥିଲେ । ଜେରାର୍ଡ଼ ଓ ମାର୍ଗାରେଟ୍ ସ୍ଥିର କରିଥିଲେ ଯେ ବିବାହ ପରେ ମାର୍ଗାରେଟ୍ ଇଟାଲିକୁ ଯିବ ନାହିଁ । ସେ ତା ବାପାଙ୍କ ପାଖେ ରହିବ—ଜେରାର୍ଡ଼ ଏକୁଟିଆ ଇଟାଲି ଯିବ ।

ପୁରୋହିତ ଆସି ସେ ଦୁହିଁଙ୍କୁ ବେଦି ପାଖକୁ ଡାକିଲେ । ଜେରାର୍ଡ଼ ଓ ମାର୍ଗାରେଟ୍ ହାତ ଧରାଧରି ହୋଇ ଆଗେଇ ଯାଉଛନ୍ତି, ଏହି ସମୟରେ ଶୁଣାଗଲା—"ବିବାହ ବନ୍ଦ କର" । ଦୁଇଜଣ ସୈନିକ ଗୀର୍ଜା ଭିତରକୁ ପଶିଯାଇ ଜେରାର୍ଡ଼ଙ୍କୁ ଧରିପକାଇଲେ । ମାର୍ଟିନ ରାଗରେ ଖଣ୍ଡା ବାହାର କଲା । ପୁରୋହିତ କହିଲେ, "ମାର୍ଟିନ, ଏ କଅଣ କରୁଛ ? ପବିତ୍ର ଗୀର୍ଜାରେ ଖଣ୍ଡା !" ତାହାପରେ ସେ ସୈନିକ ଦୁହିଁଙ୍କୁ କହିଲେ, "ତୁମେ ଏ ଶୁଭ କାର୍ଯ୍ୟରେ ବାଧା ଦେଉଛ କାହିଁକି ? କଥା କଣ ?"

ସୈନିକ ଦୁହେଁ ଉତ୍ତର କଲେ, "ଆମେ ହେଉଛୁ ବର୍ଗୋମାଷ୍ଟରଙ୍କ କର୍ମଚାରୀ । ଏହି ଯୁବକ ତାର ବାପାଙ୍କ ଇଚ୍ଛା ବିରୁଦ୍ଧରେ ବିବାହ କରିବାକୁ ଯାଉଥିବାରୁ ସେ ବର୍ଗୋମାଷ୍ଟରଙ୍କୁ ଦରଖାସ୍ତ କରିଛନ୍ତି । ତେଣୁ ନିୟମ ଅନୁସାରେ ଆମେ ତାଙ୍କୁ ଧରିନେବାକୁ ଆସିଛୁ ।"

ପୁରୋହିତ ଜେରାର୍ଡଙ୍କୁ ପଚାରିଲେ, "ଏ କଥା କଣ ସତ ?"

ଜେରାର୍ଡ କୌଣସି ଉତ୍ତର ନ ଦେଇ ମୁହଁ ପୋତିଦେଲା ।

ଜଣେ ସୈନିକ କହିଲା, "ଆମେ ଏହାକୁ ରଟରଡାମ୍ ନେଇଯାଉଛୁ । ସେଠାରେ ଡିଉକ୍ ତାର ବିଚାର କରି ଯାହା କରିବେ ।"

ମାର୍ଗାରେଟ୍ ଭେଁ ଭେଁ କାନ୍ଦିପକାଇଲା । ତାର କାନ୍ଦ ଦେଖି ସୈନିକମାନଙ୍କର କଠିନ ହୃଦୟ ମଧ୍ୟ ତରଳିଗଲା । ଜଣେ ସୈନିକ ମାର୍ଗାରେଟ ପାଖକୁ ଲାଗିଯାଇ ତାର କାନପାଖେ ଗୁନ୍ ଗୁନ୍ କରି କହିଲା, ରଟରଡାମ୍‌କୁ ନେବା କଥା ମିଛ । ଆମେ ତାକୁ ଟର୍ଗାଓର ଜେଲଖାନାକୁ ନେଉଛୁ ।" ସୈନିକ ଦୁହେଁ ଜେରାର୍ଡଙ୍କୁ ଘୋଡାରେ ବସାଇ ଟର୍ଗାଓକୁ ନେଲେ । ସେଠା ଜେଲଖାନାର ଗୋଟିଏ ଛୋଟ କୋଠରୀରେ ତାକୁ ବନ୍ଦ କରାଗଲା । କୋଠରୀରେ ଗୋଟିଏ ଝରକା ଥିଲା । ଝରକା ମଝିରେ ଗୋଟିଏ ପୁରୁଣା ଲୁହା ଧାରଣା ଥିଲା । ଏହି ଝରକା ବାଟେ କୋଠରୀ ଭିତରକୁ ସାମାନ୍ୟ ଆଲୁଅ ଆସୁଥିଲା । ସେଠାରେ କେବଳ ଗୋଟିଏ ବଡ଼ କାଠସିନ୍ଦୁକ ଛଡ଼ା ଆଉ କିଛି ନଥିଲା ।

ସେ କାଳର ଜେଲଖାନାରେ ଯିଏ ରହୁଥିଲା, ସେ ଜୀବନ ଘେନି ଫେରିବାର ଆଶା ନଥିଲା । ସେମାନଙ୍କୁ ଘୋଡ଼ିହେବା ପାଇଁ କିଛି ଦିଆଯାଉ ନଥିଲା । ଖାଇବାକୁ ଯାହା ଦିଆଯାଉଥିଲା ସେଥିରେ ଜଣକର ଜୀବନ ରହିବା ଅସମ୍ଭବ । ବେଳେବେଳେ ଖାଇବା ଜିନିଷରେ ବିଷ ମଧ୍ୟ ଦିଆଯାଉଥିଲା । ବନ୍ଦୀମାନଙ୍କୁ ପଶୁଠାରୁ ହୀନ ବ୍ୟବହାର କରାଯାଉଥିଲା । ଜେରାର୍ଡ ଭାବିଲା, ତାର ମରଣ ନିକଟ । ତାର ବାପା କେବଳ ତାର ଶତ୍ରୁ ନୁହନ୍ତି, ତାଙ୍କଠାରୁ ବଡ଼ ଶତ୍ରୁ ହେଉଛି ବର୍ଗୋମାଷ୍ଟର । ସେ ଭଗବାନଙ୍କୁ ପ୍ରାର୍ଥନା କରି ଛିଡ଼ାହେଲା, ଘରର ଚାରିଆଡ଼କୁ ଚାହିଁଲା ।

କିଛି ସମୟ ପରେ ସେ ଡେଇଁପଡ଼ି ଝରକାର ଲୁହା ଧାରଣାକୁ ଧରି ବାହାରକୁ ଚାହିଁଲା । ମୁହୂର୍ତ୍ତିକ ପାଇଁ ସେ ମାର୍ଟିନ୍‌ର ପଛପାଖ ଦେଖି ପାରିଲା । ଜେଲଖାନା ପାଖରେ ଗୋଟିଏ ଗ୍ରୋଟ ନଇ ବହିଯାଉଥିଲା । ମାର୍ଟିନ୍ ସେହି ନଈକୂଳରେ ବସି ମାଛ ଧରୁଥିଲା ।

ଜେରାର୍ଡ଼ ବଡ଼ ପାଟିରେ ଡାକିଲା । ମାର୍ଟିନ୍ ଟିକିଏ ବୁଲିପଡ଼ି ଇସାରା ଦେଇ ଚାଲିଗଲା । ଜେରାର୍ଡ଼ ଜାଣିପାରିଲା ଯେ ମାର୍ଟିନ୍ ପ୍ରକୃତରେ ମାଛ ଧରିବାକୁ ଆସି ନ ଥିଲା । ତାକୁ ଉଦ୍ଧାର କରିବାର ଚେଷ୍ଟା ହେଉଛି ବୋଲି ଜଣାଇଦେବାକୁ ଆସିଥିଲା । ତା ମନରେ ସାହସ ଆସିଲା । ସେ ଲୁହା ଧାରଣା ଛାଡ଼ିଦେଇ ତଳକୁ ଡେଇଁପଡ଼ିଲା । ମାତ୍ର ସେ ଡେଇଁପଡ଼ିଲା ବେଳକୁ ଲୁହା ଧାରଣାଟା କାନ୍ଥରୁ ଛାଡ଼ିଯାଇ କୋଠରୀ ଭିତରେ ପଡ଼ିଲା ।

ଠିକ୍ ଏତିକବେଳକୁ ବର୍ଗୋମାଷ୍ଟର କୋଠରୀର ଦ୍ୱାର ଖୋଲି ଭିତରକୁ ଆସିଲେ । ଲୁହା ଧାରଣାଟି ଖସିପଡ଼ିଥିବାର ସେ ଦେଖିଲେ; କିନ୍ତୁ ସେ ବିଷୟରେ କିଛି କହିଲେ ନାହିଁ । ସେ ଜାଣନ୍ତି, ବାହାରପଟେ ଝରକାଟିର ଶହେଫୁଟ ତଳେ ଭୂମି । ଯଦି ଜେରାର୍ଡ଼ ପଳାଇବା ପାଇଁ ଝରକାବାଟେ ଡେଇଁପଡ଼େ ତେବେ ତାଙ୍କର ଆପତ୍ତିର କାରଣ ନଥିଲା ।

ସେ ଖଣ୍ଡିଏ ଶୁଖିଲା ରୁଟି ଓ ଗିଲାସେ ପାଣି ଆଣି ଆସିଥିଲେ । ସେ ତାହାକୁ ସିନ୍ଦୁକ ଉପରେ ଥୋଇଦେଇ କହିଲେ, "ଜେରାର୍ଡ଼, ତୁ ଯେତେବେଳ ଯାଏ ମାର୍ଗାରେଟ୍‌କୁ ଛାଡ଼ି ଧର୍ମଯାଜକ ହେବାକୁ ରାଜି ନ ହେବୁ, ତୋତେ ଏହିପରି ବନ୍ଦୀକରି ରଖାଯିବ—ଏଇ ମୋର ହୁକୁମ ।"

"ମୁଁ ବରଂ ମରିବି, କିନ୍ତୁ ତା କରି ପାରିବି ନାହିଁ ।"

"ବେଶ୍, ଏଇ ବନ୍ଦୀଶାଳାରେ ପଡ଼ିଥା" ଏହା କହି ବର୍ଗୋମାଷ୍ଟର ଦ୍ୱାର ବନ୍ଦ କରି ଚାଲିଗଲେ ।

× × ×

ଏଣେ ମାର୍ଟିନ ସେଭେନ୍‌ବର୍ଜନକୁ ଚାଲିଗଲା । ସେତେବେଳକୁ ମାର୍ଗାରେଟ୍ ବର୍ଗୋମାଷ୍ଟଙ୍କ ଅତ୍ୟାଚାର ବିଷୟ ଜଣାଇ ଲେଡ଼ି ଚାର୍ଲୋଟାଇସଙ୍କ ସାହାଯ୍ୟ ପ୍ରାର୍ଥନା କରି ଖଣ୍ଡିଏ ଚିଠି ଲେଖୁଥିଲା । ମାର୍ଟିନ

ପହଞ୍ଚିଲକ୍ଷଣି କହିଲା, "ମାର୍ଗାରେଟ୍, ମୁଁ ଜେରାର୍ଡ଼୍‌କୁ ଦେଖିଆସିଛି। ସେ ଜେଲଖାନାର ସବା ଉପର ମହଲାର ଗୋଟିଏ କୋଠରିରେ ଅଛି।" ସେ କିପରି ଜେରାର୍ଡ଼୍‌ଙ୍କୁ ଦେଖିଲା ତାହା ବର୍ଣ୍ଣନା କରିଗଲା। ମାର୍ଗାରେଟ୍ କାନ୍ଦ କାନ୍ଦ ହୋଇ କହିଲା—ଆମେ ତାଙ୍କୁ ଉଦ୍ଧାର କରିବୁ ବୋଲି ତାଙ୍କର ଆଶା ଥିବ। ଆମେ କଅଣ କରିପାରିବା, ମାର୍ଟିନ୍।

ପିଟର ଏତେବେଳଯାଏ ଚୁପ୍ କରି ବସି ମାର୍ଗାରେଟ୍ ଓ ମାର୍ଟିନର କଥାବାର୍ତ୍ତା ଶୁଣୁଥିଲେ। ସେ କହିଲେ, "ବୁଦ୍ଧି ଥିଲେ ଉପାୟ ମିଳିବ।"

ମାର୍ଗାରେଟ୍—ବାପା, ତୁମ ବୁଦ୍ଧି ଏଠାରେ କାମ ଦେଲାପରି ମନେ ହେଉନାହିଁ।

ପିଟର—ତୁ ଜାଣିଲୁ କିପରି ? ମନୁଷ୍ୟର ବୁଦ୍ଧି ଲୁହା ଧାରଣାଠାରୁ ଆହୁରି ଟାଣ।

ମାର୍ଗାରେଟ୍—ତା ହୋଇପାରେ; କିନ୍ତୁ ପ୍ରକୃତି ମନୁଷ୍ୟର ବୁଦ୍ଧିଠାରୁ ବଡ଼। ପ୍ରକୃତି ଆମ ବିରୁଦ୍ଧରେ ଅଛି। ଝରକାଟା ଶହେ ଫୁଟ ଉଚ୍ଚରେ। ସେଠାକୁ ଯିବାପାଇଁ ଏତେ ଲମ୍ବ ନିଶୁଣୀ କାହୁଁ ମିଳିବ ?

ପିଟର—ନିଶୁଣୀ ଆଦୌ ଦରକାର ନାହିଁ। ଏଇ ମାର୍ଟିନ୍ ଯେପରି ଧନୁଶର ଧରିଛି ସେହିପରି ଧନୁଶର ଓ ଆଉ କେତୋଟି ସାମାନ୍ୟ ଜିନିଷ ହେଲେ ହେଲା।

ମାର୍ଟିନ୍ ନିଜର ଧନୁଶରକୁ ଅନେକ ବେଳ ଯାଏ ଚାହିଁଲା; କିନ୍ତୁ କିପରି ଏହାଦ୍ୱାରା ଏଭଳି ଅସାଧ୍ୟ ସାଧନ ହୋଇ ପାରିବ ଭାବି ପାରିଲା ନାହିଁ। ପିଟର ଉପାୟ ବତାଇଦେଲେ। ଏଡ଼େ ସହଜ ଉପାୟ ମାର୍ଗାରେଟ୍ ବା ମାର୍ଟିନ୍ କାହାର ମୁଣ୍ଡରେ ପଶିପାରି ନ ଥିଲା ଭାବି ସେ ଦୁହେଁ ଆଶ୍ଚର୍ଯ୍ୟ ହୋଇଗଲେ।

× × × ×

ରାତି ନଅଟା ହେବ। ଉଜ୍ଜ୍ୱଳ ଚନ୍ଦ୍ରକିରଣ ପଡ଼ୁଥାଏ। ଜେରାର୍ଡ଼୍‌ର ବାପା ଇଲିଆସ୍ ବାହାରକୁ ଯାଇଥିଲେ। ଘରର ଆଉ ସମସ୍ତେ ଶୋଇ-ଥିଲେ। ଜାଇଲସ୍‌ର ବିଛଣା ପାଖରେ ଗୋଟିଏ ମୂର୍ତ୍ତି ଦେଖାଗଲା। ସେ ଚମକି ପଡ଼ିଲା। ମୂର୍ତ୍ତିଟି କହିଲା, "ଡରିଗଲୁ କି ? ମୁଁ କେଟ୍। ଚୁପ୍ ଚୁପ୍

କଣ କଥା କହୁ । କର୍ଣ୍ଣେଲସ ଓ ଶିବ୍ରାଣ୍ଡ ଯେପରି ଆମ କଥାବାର୍ତ୍ତା ଶୁଣି ନପାରନ୍ତି । ମୁଁ ଆଜି ଶୁଣିଲି ବାପାଙ୍କ ଅନୁରୋଧରେ ବର୍ଗୋମାଷ୍ଟର ଆମ ଜେରାର୍ଡ଼୍‌କୁ ଜେଲ୍‌ଖାନାରେ ବନ୍ଦୀ କରିଛି । ଚାଲ, ଆମେ ଦୁହେଁ ଯାଇ ତାକୁ ଟିକିଏ ସାନ୍ତ୍ୱନା ଦେବା । ମୁଁ ଏକୁଟିଆ ଯାଇଥାନ୍ତି; କିନ୍ତୁ ଭୂତ ଥିବ ବୋଲି ମୋତେ ଡର ମାଡ଼ୁଛି । ତୁ ସାଥିରେ ଥିଲେ ଭୂତଭୟ ହେବ ନାହିଁ ।”

ଜାଇଲସ୍ କହିଲା, “ଟର୍ଗୌରେ ଭୂତ ଅଛନ୍ତି ବୋଲି ମୋର ବିଶ୍ୱାସ ନାହିଁ । ମୁଁ କେବେ ଭୂତ ଦେଖି ନାହିଁ ।”

ଜାଇଲସ ଓ କେଟ୍ ଧୀରେ କବାଟ ଖୋଲି ବାହାରିପଡ଼ିଲେ । କେଟ୍‌ର ପରାମର୍ଶରେ ଜାଇଲ୍‌ସ ଗୋଟିଏ ଲଣ୍ଠନ ଧରିଲା । ଜହ୍ନ ଆଲୁଅରେ ଲଣ୍ଠନ ନେବା ଦରକାର ନାହିଁ ବୋଲି ଜାଇଲସ କହିବାରୁ କେଟ୍ ଉତ୍ତର ଦେଲା, “ଭୂତମାନେ ଜହ୍ନ ଆଲୁଅକୁ ଡରନ୍ତି ନାହିଁ—ଲଣ୍ଠନକୁ ସେମାନଙ୍କର ଭୟ ।”

## ଉଦ୍ଧାର

ଜେଲଖାନାର କୋଠରୀ ଦିନ ବେଳେ ମଧ୍ୟ ଅନ୍ଧାରୁଆ । ସନ୍ଧ୍ୟାପରେ ତାହା ଆହୁରି ବେଶି ଅନ୍ଧାରୁଆ ମନେହେଲା । ତାହା ସଙ୍ଗେ ଜେରାର୍ଡ଼୍‌ର ଉଦ୍ଧାର ପାଇବା ଆଶା ମଧ୍ୟ କ୍ଷୀଣତର ହୋଇଆସିଲା । ସେଥିରେ ପୁଣି ସେ ଦିନଯାକ ନ ଖାଇ ନ ପିଇ ରହିଥିବାରୁ ସେ ବଡ଼ ଦୁର୍ବଳ ଅନୁଭବ କରୁଥିଲା । ତା ର ଆଶଙ୍କା ହୋଇଥିଲା ଯେ ବର୍ଗୋମାଷ୍ଟର ଯେଉଁ ରୁଟି ଓ ପାଣି ଦେଇ ଯାଇଥିଲା । ସେଥିରେ ବିଷ ମିଶାଇଥିବ । ନିରାଶ ହୋଇ ସେ ସିନ୍ଦୁକ ଉପରେ ବସିଗଲା ।

ହଠାତ୍ କଅଣ ଗୋଟାଏ କାନ୍ଥରେ ବାଜି ତା ପାଦ ପାଖରେ ପଡ଼ିଗଲା । ସେ ଦେଖିଲା, ଏଇଟି ଗୋଟିଏ ଶର । ସେ ଶରଟିକୁ ଧରି ପରୀକ୍ଷା କଲା । ଦେଖେ ତ ଶରର ଅଗରେ ଖଣ୍ଡିଏ ରେଶମ ସୂତା ବନ୍ଧା ହୋଇଛି ଓ ଶର ଉପରେ ଲେଖାଯାଇଛି :

"ବନ୍ଧୁ, ଏହି ରେଶମ ସୂତାର ଗୋଟିଏ ମୁଣ୍ଡରେ ତୁମ ଛୁରିଟି ବାନ୍ଧି ତଳକୁ ପକାଇଦିଅ । ସୂତାର ଆରମୁଣ୍ଡଟି ସାବଧାନରେ ଧରିଥିବ । ଶବ୍ଦ ଗଣିବା ପରେ ପୁଣି ସୂତାଟିକୁ ଟାଣିବ ।"

ଜେରାର୍ଡ଼ ବୁଝିପାରିଲା, ତାର ବନ୍ଧୁମାନେ ତାକୁ ଉଦ୍ଧାର କରିବାପାଇଁ ଗୋଟାଏ କୌଶଳ କରିଛନ୍ତି । ସେ ସିନ୍ଦୁକଟିକୁ ଝରକା ତଳକୁ ଟାଣି ନେଇ ତା ଉପରେ ଛିଡ଼ାହେଲା । ଝରକା ବାହାର ପାଖେ କେତେ ଜଣ ଲୋକ ଦେଖାଗଲେ । ସେ ଅତି ଶୀଘ୍ର ରେଶମ ସୂତାର ଗୋଟିଏ ମୁଣ୍ଡରେ ତାର ଛୁରି ବାନ୍ଧିଦେଲା ଓ ଆର ମୁଣ୍ଡଟି ଧରି ଛୁରିଟିକୁ ତଳକୁ ଗୁଡ଼ି ଦେଲା । ଶବ୍ଦ ଗଣିସାରି ସେ ସୂତାକୁ ଟାଣିଲା । କେତେ ଗଜ ରେଶମ ସୂତା ପରେ ଗୋଟିଏ ଗଣ୍ଠି ପଡ଼ିଲା । ଏହାଦ୍ୱାରା ଗୋଟିଏ ମୋଟ ଦଉଡ଼ି ବନ୍ଧା ହୋଇଥିଲା । ସେ ମୋଟ ଦଉଡ଼ିକୁ ଟାଣିଲା । କିଛି ସମୟ ପରେ ଆଉ ଗୋଟିଏ ଗଣ୍ଠି ଦେଖାଗଲା । ଏଠାରେ ଗୋଟିଏ ଆହୁରି ମୋଟା ଦଉଡ଼ି ବନ୍ଧା ହୋଇଥିଲା । ଏବେ ଜେରାର୍ଡ଼ ସ୍ପଷ୍ଟ ଜାଣିପାରିଲା, ଏହି ମୋଟ ଦଉଡ଼ି ଦ୍ୱାରା ସେ ତଳକୁ ଓହ୍ଲାଇ ଯିବ । ଦଉଡ଼ିଟି ତାର ଓଜନ ସହିବା ବିଷୟରେ ତାର ସନ୍ଦେହ ନଥିଲା ।

ମୋଟ ଦଉଡ଼ିର ଗୋଟିଏ ମୁଣ୍ଡକୁ ଆଣି ସେ ସିନ୍ଦୁକର ଖୁରପାଖେ ଗୁଡ଼ାଇ ବାନ୍ଧିଦେଲା । ସିନ୍ଦୁକର ଜୋର ଜାଣିବାପାଇଁ ସେ ଦୁଇ ତିନି ଥର ତା ଉପରେ ଡେଇଁଲା । ହଠାତ୍ ସିନ୍ଦୁକର ଗୋଟାଏ ପାଖ ଖୋଲିଗଲା ଓ ସେଥିରୁ ଗୁଡ଼ାଏ କାଗଜ ବାହାରି ପଡ଼ିଲା । କାଳେ ସିନ୍ଦୁକ ମଜଭୁତ୍ ହୋଇ ନ ଥିବ ବୋଲି ସେ ଝରକାର ଲୁହାଧାରଣାଟିକୁ ସେଥିରେ ବାନ୍ଧିଦେଲା ।

ଟିକିଏ ବିଶ୍ରାମ ନେଇ ସେ ଝରକା ଉପରକୁ ଉଠିଗଲା । ତାର ଦେହର ଅଧେ ଝରକାର ଭିତର ପାଖକୁ ଓ ଆଉ ଅଧେ ବାହାର ପାଖକୁ ଥାଏ । ଭଗବାନଙ୍କୁ ସ୍ମରଣ କରି ସେ ଦଉଡ଼ିକୁ ଧରି ଓହ୍ଲେଇ ପଡ଼ିଲା । ତଳୁ ସାହାଯ୍ୟକାରୀମାନେ ଆନନ୍ଦରେ ଚିତ୍କାର କଲେ । ହାତ, ଅଣ୍ଠୁ ଓ ପାଦ ସାହାଯ୍ୟରେ ସେ ଧୀରେ ଧୀରେ ତଳକୁ ଖସିଲା । ଖସିଲାବେଳେ ସ୍ଥାନେ ସ୍ଥାନେ କାନ୍ଥରେ ତାର ଦେହ ବାଜୁଥାଏ । ତଳେ ଲୋକମାନେ ଖୁବ୍ ଗ୍ରୋଟ

ହଣୁଥାନ୍ତି । ଜେରାର୍ଡ଼ର ମୁଣ୍ଡ ଭୂମି ଯାଉଥାଏ । ତଳକୁ ଚାହିଁଲେ ତାର ଭୟ ହେଉଥାଏ ।

କିଛି ସମୟ ପରେ ସେ ଝରକାଠାରୁ ଅନେକ ଦୂର ଆସିଗଲା । ତଳେ ମାର୍ଗାରେଟ୍ ଓ ମାର୍ଟିନ୍‌ଙ୍କୁ ସେ ଚିହ୍ନି ପାରିଲା । ସେ ଦୁହେଁ ପାଟିକଲେ, "ଜେରାର୍ଡ଼, ସାବଧାନରେ ଓହ୍ଲାଅ । ତଳକୁ ଅନାଅ ନାହିଁ ।"

ଆଉ କିଛି ସମୟ ପରେ ଜେରାର୍ଡ଼ର ପାଦକୁ ମାର୍ଗାରେଟ୍ ଓ ମାର୍ଟିନ୍ ଧରିପକାଇଲେ ।

ଜେଲଖାନାର କାନ୍ଥ ଛାଇରେ ସମସ୍ତେ ଚାଲିବାକୁ ଲାଗିଲେ । କିଛି ଦୂର ଯିବା ପରେ ଜେଲ୍‌ଖାନାର ଗୋଟିଏ କୋଣରୁ ହଠାତ୍ ଆଲୁଅ ଦେଖାଗଲା ଓ କେତେଜଣ ଲୋକଙ୍କର ଫୁସ୍‌ଫୁସ୍ କଥାବାର୍ତ୍ତା ସଙ୍ଗେ ପାଦ ଶବ୍ଦ ଶୁଣାଗଲା । ମାର୍ଟିନ୍ କହିଲା, "ପଛକୁ ଘୁଞ୍ଚିଯାଇ ଛାଇରେ ରହିଯାଅ ।" ଆଲୁଅଟା ସେମାନଙ୍କର ନିକଟ ହୋଇଗଲା । ସେମାନଙ୍କ ପଛରେ ଲୋକ ଲାଗିଛନ୍ତି, ଏଥିରେ ସନ୍ଦେହ ରହିଲା ନାହିଁ । ମାର୍ଟିନ୍ କହିଲା, "ଭୟ ନାହିଁ । ମୋ ଧନୁ ଶର ଅଛି । ପାଞ୍ଚ ଛଅ ଜଣଙ୍କୁ ନ ମାରି ଛାଡ଼ିବି ନାହିଁ ।" ଏହା କହି ସେ ଧନୁରେ ଗୋଟିଏ ଶର ଖଞ୍ଜିଲା ଓ ସାଥୀମାନଙ୍କୁ ଚୁପ୍ ରହିବା ପାଇଁ ସଙ୍କେତ ଦେଲା । ଜେରାର୍ଡ଼ ଓ ମାର୍ଗାରେଟ୍ ଭୟରେ ତଟସ୍ଥ ହୋଇଗଲେ ।

ମାର୍ଟିନ୍ ଗୁଣ ଟାଣି ଶର ମାରିବାକୁ ପ୍ରସ୍ତୁତ । କିନ୍ତୁ ସେ କଅଣ ଦେଖିଲା କେଜାଣି ତାର ହାତ ଥରିଗଲା; ଶରଟା ତଳେ ଖସିପଡ଼ିଲା । ସେ ଜେରାର୍ଡ଼ର କାନ୍ଧରେ ଭରା ଦେଇ କହିଲା, "ଭୂତ, ଭୂତ ! ମଣିଷ ହୋଇଥିଲେ ସିନା ଶର ମାରିଥାନ୍ତି; ଭୂତ ସାଙ୍ଗରେ ଲଢ଼େଇ ଅସମ୍ଭବ ।"

ମାର୍ଟିନ୍‌ର ଦେହ ଥରୁଥିଲା । ତାର କଥା ଶୁଣି ଜେରାର୍ଡ଼ ଓ ମାର୍ଗାରେଟ୍ ମଧ୍ୟ ଭୟରେ ଥରିଲେ । ମାର୍ଟିନ୍ କହିଲା, "ଚାହିଁଲ, ସେ କାନ୍ଥ ଉପରକୁ ଆଲୁଅ ଧରି କିଏ ଚଢ଼ୁଛି ? ତା ମୁଣ୍ଡ ନିଆଁ ପରି ଜଳୁଛି । ମଣିଷ କଅଣ ଏପରି କାନ୍ଥ ଉପରକୁ ଉଠିପାରେ ? ନିଶ୍ଚୟ ଏ ଭୂତର କାମ ।"

ଜେରାର୍ଡ ଭାବିଲା, ବର୍ଗୋମାଷ୍ଟର ମୋର ପ୍ରଧାନ ଶତ୍ରୁ । ମୁଁ ଜେଲ୍‌ଖାନାରୁ ବାହାରି ଆସିଲିଣି ବୋଲି ସେ ଜାଣି ନ ଥିବ । ତେଣୁ ମୋତେ ମାରିବା ପାଇଁ କାହାକୁ ପଠାଇଥିବ ।

ଜେରାର୍ଡ଼ ପୂର୍ବ କୋଠରି ସିଧା ଆସିଲା ବେଳକୁ ଦେଖେ ତା ପାଖରେ ମାର୍ଗାରେଟ୍ । ଦୁହେଁ ଉପରକୁ ଚାହିଁଲେ । ଯାହା ଦେଖିଲେ ସେଥିରୁ ସେମାନଙ୍କର ଧାରଣା ହେଲା, ପ୍ରାୟ ଚାରି ଫୁଟ ଲମ୍ବର ଗୋଟାଏ କାଳିଆ ଜନ୍ତୁ କାନ୍ଥ ଉପରକୁ ଉଠୁଛି । ତାର ମୁଣ୍ଡଟା ନିଆଁ ପରି ଜଳୁଛି । ତଳେ କାନ୍ଥକୁ ଲାଗି ଗୋଟାଏ ଧଳା ଛାୟାମୂର୍ତ୍ତି ଛିଡ଼ାହୋଇଛି । ଜେରାର୍ଡ଼ ଓ ମାର୍ଗାରେଟ୍ ଭୟ ଓ ବିସ୍ମୟରେ ସ୍ତମ୍ଭୀଭୂତ ହୋଇଗଲେ ।

ଜେରାର୍ଡ଼ କହିଲା, "ଏ ଜୀବଟା ଦଉଡ଼ି ଧରି କାନ୍ଥ ପାଖେ ପାଖେ ଉପରକୁ ଉଠୁଛି ।" ଚାହୁଁ ଚାହୁଁ ସେ ବିଚିତ୍ର ଜୀବ ଜେରାର୍ଡ଼ ଯେଉଁ କୋଠରିରେ ବନ୍ଦୀ ଥିଲା ତାହା ଭିତରକୁ ଝରକାବାଟେ ପଶିଗଲା । ଧଳା ମୂର୍ତ୍ତିଟି ପୂର୍ବପରି ତଳେ ଛିଡ଼ା ହୋଇଥାଏ । ମାର୍ଗାରେଟ୍ କିଛି ସମୟ ବିସ୍ମୟରେ ଛିଡ଼ାହୋଇ ହଠାତ୍ ସେହି ଧଳାମୂର୍ତ୍ତି ଆଡ଼କୁ ଦଉଡ଼ିଗଲା । ଏହି ସମୟରେ ଧଳାମୂର୍ତ୍ତିଟି ଚିତ୍କାର କରି ମାର୍ଗାରେଟ୍‌ର ପାଦତଳେ ପଡ଼ିଗଲା । ଏବେ ଜଣାପଡ଼ିଲା ଯେ ଏହି ଧଳାମୂର୍ତ୍ତିଟି ହେଉଛି କେଟ୍—ଯିଏ ଜେଲଖାନା କୋଠରିରେ ପଶିଥିଲା ସେ ହେଉଛି ଜାଇଲସ୍ । ଜାଇଲସ୍ ନିଶ୍ଚିତରୂପେ ଜାଣିପାରିଲା ଯେ ଏହି ଦଉଡ଼ି ସାହାଯ୍ୟରେ ଜେରାର୍ଡ଼ ବନ୍ଦୀଶାଳାରୁ ଖସିଯାଇଛି । ଜେରାର୍ଡ଼ ଆସି ମାର୍ଗାରେଟ୍ ଓ କେଟ୍‌କୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲା ।

ଜାଇଲସ୍ କୋଠରି ଭିତରେ କାଗଜଗୁଡ଼ିକ ଦେଖି ଆନନ୍ଦରେ ଚିତ୍କାର କରିଉଠିଲା । ସେ ସେଗୁଡ଼ିକ ତଳକୁ ଫିଙ୍ଗିବାକୁ ଲାଗିଲା । ମାର୍ଗାରେଟ୍, କେଟ୍ ଓ ଜେରାର୍ଡ଼ ସେଗୁଡ଼ିକ ଗୋଟେଇବାରେ ଲାଗିଲେ । ଶେଷରେ ଜାଇଲସ୍ ଦଉଡ଼ି ଧରି ତଳକୁ ଓହ୍ଲାଇପଡ଼ିଲା । ଓହ୍ଲାଇବା ପାଇଁ ତାକୁ ମୁହୂର୍ତ୍ତେ ଲାଗିଲା ନାହିଁ ।

ତଳକୁ ଆସିଲାକ୍ଷଣି ସେ ଜେରାର୍ଡ଼କୁ କହିଲା, "ଏ କାଗଜ ପାଇଁ ମୋତେ କେତେ ଟଙ୍କା ଦେବୁ ?"

ଜେରାର୍ଡ଼ କହିଲା, "ଏତେ ପାଟି କରନା । କାଗଜପାକ ଦେଇ ଏଠାରୁ କୌଣସି ନିରାପଦ ସ୍ଥାନକୁ ପଳାଇବା ଦରକାର ।"

କେଟ୍ ପଚାରିଲା, "ଜେରାର୍ଡ଼, ଆମ ସାଥିରେ ଘରକୁ ଯିବୁ ନାହିଁ ?"

"ମୋର ଘର ନାହିଁ ।"

"କାହିଁକି ? ତୋ ବାପାଙ୍କ ଘର କଅଣ ତୋର ଘର ନୁହେଁ ?"

"ମୋର ବାପା ନାହାନ୍ତି । ଯିଏ ବାପା ଥିଲେ ସେ ବର୍ଗୋମାଷ୍ଟରଙ୍କୁ କହି ମୋତେ ଜେଲଖାନାରେ ପକାଇଥିଲେ । ଆଜି ରାତିରେ ମୋର ଜନ୍ମଭୂମିରୁ ବିଦାୟ ନେଇ ଯାଉଛି ।"

କେଟ୍—ଜେରାର୍ଡ଼ ! ତୋ'ଠାରୁ ବିଦାୟ ନେବା କଥା ଶୁଣିଲାକ୍ଷଣି ମୋର ଛାତି ଫାଟିଯାଉଛି ।

ଜାଇଲସ୍ ବିଡ଼ାଏ କାଗଜ ଜେରାର୍ଡ଼ ହାତକୁ ବଢ଼ାଇଦେଲା । ମାର୍ଗାରେଟ୍ କହିଲା, "ଏଗୁଡ଼ାକ ଆମର ନୁହେଁ—ପର ଜିନିଷ ନେବା କାହିଁକି ?"

ଜେରାର୍ଡ଼—ଆମର ନୁହେଁ, ଆମ ଶତ୍ରୁର—ତେଣୁ ଏଗୁଡ଼ିକ ନେବାରେ ଆଦୌ ଦୋଷ ନାହିଁ । ସୁବିଧା ମିଳିଲେ ମୁଁ ତା'ର ଜୀବନ ନିଅନ୍ତି । ଯେତେବେଳେ ତା' ଜୀବନ ନେଇପାରୁ ନାହିଁ ସେତେବେଳେ ଅନ୍ତତଃ ତା'ର କାଗଜତକ ନେଇଥାଏଁ ।"

ଜେରାର୍ଡ଼ ଜାଇଲସ୍‌କୁ କିଛି ଟଙ୍କା ଦେଲା । ଜାଇଲସ୍ ଆନନ୍ଦରେ କେଟ୍ ସାଥିରେ ଘରକୁ ଗଲା । ମାର୍ଟିନ୍, ଜେରାର୍ଡ଼ ଓ ମାର୍ଗାରେଟ୍-ସେଭେନ୍ ବର୍ଜନକୁ ଚାଲିଲେ ।

## ପଳାୟନ

ବର୍ଗୋମାଷ୍ଟର ଘିସବ୍ରେକ୍ଟ ଜେରାର୍ଡ଼ ବନ୍ଦୀ ଥିବା କୋଠରୀର ଚାବି ନିଜ ପାଖରେ ରଖିଥିଲେ । ପରଦିନ ସକାଳ ଦଶଟା ଯାଏ ସେ ବନ୍ଦୀଶାଳାକୁ ଯାଇ ନ ଥିଲେ । ବେଶୀ ବେଳ ପର୍ଯ୍ୟନ୍ତ ଖେକ ଉପାସରେ

ପଡ଼ିଲେ ଜେରାର୍ଡ଼ର ମନୋବଳ ତୁଟିଯିବ ବୋଲି ତାଙ୍କର ଧାରଣା ଥିଲା । ଦଶଟା ପରେ ସେ ଖଣ୍ଡିଏ ରୁଟି ଓ କିଛି ପାଣି ଘେନି ଜଣେ ଚାକର ସହିତ ଧୀରେ ଧୀରେ ଜେଲ୍‌ଖାନା ପାହାଚରେ ଉଠିଲେ । ଜେରାର୍ଡ଼ର କୋଠରୀର ଦ୍ୱାର ପାଖରେ ରହି ସେ କାନେଇଲେ, କିନ୍ତୁ ଭିତରୁ କୌଣସି ଶବ୍ଦ ଶୁଣାଗଲା ନାହିଁ । ସେ ଭାବିଲେ, ଏ ଭିତରେ ପୁଅର ମନ ଜାଣି ଯିବଣି । ସେ ରୁଟି ନେଇ ଘର ଫିଟାଇଲେ ।

କୋଠରୀ ଭିତରେ ଜେରାର୍ଡ଼ଙ୍କୁ ଦେଖି ନ ପାରି ସେ ବିସ୍ମୟରେ ସ୍ତବ୍ଧ ହୋଇଗଲେ । କିଛି ସମୟ ଛିଡ଼ା ହୋଇ ରହି ସେ କ୍ରୋଧରେ ଥରିବାକୁ ଲାଗିଲେ ଓ ଆଣ୍ଠେଇ ପଡ଼ି ସିନ୍ଦୁକ ଭିତର ଅଣ୍ଡାଳିବାକୁ ଲାଗିଲେ । ଚାକରଟି ଏଥିର କାରଣ ବୁଝିପାରିଲା ନାହିଁ । ସେ ପଚାରିଲା, "ହଜୁର, ଘଟଣା କଅଣ ?" କିନ୍ତୁ ତାଙ୍କ ତୁଣ୍ଡରୁ କିଛି କଥା ବାହାରିଲା ନାହିଁ । ଚାକର ପୁଣି କହିଲା, "ହଜୁର, ସେ ସିନ୍ଦୁକ ଖୋଜିଲେ ଲାଭ କଅଣ ? ଜେରାର୍ଡ଼ ସିନ୍ଦୁକ ଭିତରେ ଲୁଚି ନାହିଁ । ଦେଖୁନାହାନ୍ତି, ସେ ଝରକା ଦେଇ ପଳାଇଯାଇଛି ।"

ବର୍ଗୋମାଷ୍ଟର ମୁହୂର୍ତ୍ତିକ ପରେ ନିଜର କର୍ତ୍ତବ୍ୟ ସ୍ଥିର କରିପକାଇଲେ । ସେ ଚାକରକୁ ହଲାଇ ଦେଇ କହିଲେ, "ଆରେ ବୋକା, ଚାହିଁଛୁ କଅଣ ? ଚୋର ମୋର ସବୁ ଜିନିଷ ନେଇ ପଳାଇଛି; ଦଉଡ଼, ତାକୁ ଧରି ମୋ ଜିନିଷ ନେଇଆ—ଶହେ ମୋହର ବକ୍‌ସିସ୍ ଦେବି । ଓଃ, ଆଉ କଣ ସେତେ ମିଳିବ ? ସର୍ବନାଶ ହେଲା ।"

"ହଜୁର, କଅଣ ସର୍ବନାଶ ହେଲା ?"

"ଘର ଗଲା, ଜମି ଗଲା, ମୋର ସୁନାମ ଗଲା । ଆଉ କଅଣ ରହିଲା ? ସର୍ବନାଶ ନୁହେଁ ତ ଆଉ କଅଣ ?"

"ଘର ଜମି ଗଲା କିପରି ?"

"ଆରେ ବୋକା, ସହରର କାଗଜପତ୍ର ଏଇ ସିନ୍ଦୁକରେ ଥିଲା ।"

"ଖାଲି କାଗଜ ! ଟଙ୍କା ପଇସା ନ ଥିଲା ତ !"

"ଆରେ ବୁଡ଼୍‌ବକ୍, ତୁ କଅଣ ବୁଝିବୁ ? ସହରର ଲୋକେ ମୋତେ କଅଣ କହିବେ ? ସହରର କାମ ଚଳିବ କିପରି ? ତୁ ଯାଆ, କହିଦେ,

ଯିଏ ଜେରାଲ୍ଡ଼‌କୁ ଧରି କାଗଜପତ୍ର ଆଣିଦେବ, ତାକୁ ଶହେ ମୋହର ପୁରସ୍କାର ମିଳିବ । ମନେରଖିଥା, ସବୁ କାଗଜ ଦେଲେ ପୁରସ୍କାର ମିଳିବ । ଖଣ୍ଡେ କାଗଜ ଊଣା ଥିଲେ କିଛି ମିଳିବ ନାହିଁ ।”

“ହଜୁର, ମୁଁ ଯାଉଛି, ସହରର ପହରାବାଲାଙ୍କୁ ନେଇ ଜେରାଲ୍ଡ଼‌ର ଘରକୁ ଯିବି । ଚୋରି ଅଭିଯୋଗରେ ତାକୁ ଗିରଫ କରି ଆଣିବା ।”

“ହଁ, ଠିକ୍ କଥା । ସେ ଚୋରି କରିଛି । ତାକୁ ଗିରଫ କରିନେଇ ଆସ ।”

ଅଧଘଣ୍ଟା ଭିତରେ ଡେରିକ୍ ଓ ଚାରିଜଣ ପହରାବାଲା ଯାଇ ଇଲ୍‌ଆସ୍‌ର ଘରେ ପହଞ୍ଚିଲେ । ସଙ୍ଗେ ସଙ୍ଗେ ହୁକୁମ୍ ଦେଲେ, “ଜେରାଲ୍ଡ଼‌କୁ ଦିଅ । ଆମେ ତାକୁ ନେବାକୁ ଆସିଛୁ ।”

ଜେରାଲ୍ଡ଼‌ର ମାଆ କାଥେରିନ୍ ଭୟରେ ପଚାରିଲେ, “ମୋ ପୁଅ କି ଦୋଷ କରିଛି ? ସେ ଘରେ ନାହିଁ ।”

ଡେରିକ୍ କହିଲା, “ମାଉସି, ତମ ପୁଅ କେଉଁଣ ଗୁଡ଼ାଏ କାଗଜ ନେଇ ଆସିଛି । ସେ କାଗଜ ବର୍ଗୋମାଷ୍ଟରଙ୍କ ଜିମାରେ ଥିଲା । ସେ କାଗଜ ପାଇଁ ବର୍ଗୋମାଷ୍ଟର ବ୍ୟସ୍ତ ହେଉଛନ୍ତି । କାଗଜତକ ଦେଇପକାଇଲେ ତୁମ ପୁଅର କିଛି ହେବ ନାହିଁ ।”

କେଟ୍ ଜାଣିପାରିଲା ଯେ ବର୍ଗୋମାଷ୍ଟରର ଉଦ୍ଦେଶ୍ୟ ଭଲ ନୁହେଁ । ସେ ଜେରାଲ୍ଡ଼‌ର ସର୍ବନାଶ କରିବାରେ ଲାଗିଛି । କେଟ ଡେରିକ୍‌କୁ ଏକୁଟିଆ ଡାକିନେଇ କହିଲା, “ମାଆ କିଛି ଜାଣନ୍ତି ନାହିଁ । କାଲି ରାତିରେ ଜେରାଲ୍ଡ଼ ମୋ’ଠାରୁ ବିଦାୟ ନେଇ ସହର ଛାଡ଼ି ଚାଲିଯାଇଛି । କାଗଜଗୁଡ଼ାକ କ’ଣ ସେ ନେଇଯାଇଥିବ ? ନଈକୂଳରେ କି କେଉଁଠି ଖାତରେ ଫିଙ୍ଗିଦେଇଥିବ । ଖୋଜିଲେ ନିଶ୍ଚୟ ପାଇବ ।”

କେଟ୍‌ର କଥାକୁ ସତ ମଣି ଡେରିକ୍ ଚାଲିଗଲା ।

ଘରକୁ ଫେରିଆସି କେଟ୍ ଜାଇଲାସ୍‌କୁ କହିଲା, “ତୁ ଲୁଚିକରି ସେଭେନ୍‌ବର୍ଜନକୁ ଯାଆ । ସେଠି ଜେରାଲ୍ଡ଼‌କୁ ଏସବୁ ଖବର ଦେଇ-ଆସିବୁ । ଶୀଘ୍ର ଚାଲିଯା ।”

# ସେଭେନ୍‌ବର୍ଜନର ଘଟଣା

ଟର୍ଗାଓର ଜେଲଖାନାରୁ ଜେରାର୍ଡ଼ ଖସି ପଳାଇ ଆସିଥିବାରୁ ତାର ଓ ମାର୍ଗାରେଟ୍ ଦୁହିଁଙ୍କ ମନରେ ମହା ଆନନ୍ଦ । କିନ୍ତୁ ଏହି ଆନନ୍ଦ ବେଶୀ ବେଳଯାଏ ରହି ପାରି ନ ଥିଲା । ଜେଲଖାନାରୁ ପଳାଇବା ଏକ ଭୀଷଣ ଅପରାଧ ଓ ସେଥିପାଇଁ ତାକୁ ଯେ କୌଣସି ମୁହୂର୍ତ୍ତରେ ଗିରଫ କରା-ଯାଇପାରେ । ତେଣୁ ସେ ଅନ୍ତତଃ କିଛିଦିନ ପାଇଁ ମାର୍ଗାରେଟ୍‌ଠାରୁ ଦୂରରେ ରହିବା ସ୍ଥିର ହେଲା । ମାର୍ଗାରେଟ୍ ଏହି ପ୍ରସ୍ତାବର ସମର୍ଥନ କରୁଥିଲେ ହେଁ, ଜେରାର୍ଡ଼ ଇଟାଲୀକୁ ଯିବା ତାର ଇଚ୍ଛା ନ ଥିଲା । ଜେରାର୍ଡ଼ର ଇଟାଲୀକୁ ଯିବା ଉଦ୍ଦେଶ୍ୟ ଥିଲେ ହେଁ ମାର୍ଗାରେଟ୍‌ଠାରୁ ଦୂରକୁ ଚାଲିଯିବା ସେ କଳ୍ପନା କରିପାରୁ ନ ଥିଲା । ଜେରାର୍ଡ଼ର ବିଚ୍ଛେଦ କଥା ଭାବି ମାର୍ଗାରେଟ୍ ଦୁଃଖରେ କାନ୍ଦିପକାଇଲା ।

ଦିନ ତିନିଟା ବେଳକୁ ଜାଇଲସ୍ ଆସି କହିଲା, "ଜେରାର୍ଡ, କେଟ୍ ଖବର ପଠାଇଛି, ଜୀବନ ରକ୍ଷିବାର ଇଚ୍ଛା ଥିଲେ ଏହିକ୍ଷଣି ପଳା । ବର୍ଗୋ-ମାଷ୍ଟର ତୋ ଉପରେ ଘୋର ଅଭିଯୋଗ ଆଣିଛି । ତୁ ସେ କାଗଜଗୁଡ଼ିକ ଆଣିବାରୁ ଏପରି ଅସୁବିଧା ହେଲା । ତୋତେ ଧରିବା ପାଇଁ ବର୍ଗୋମାଷ୍ଟର ମୋଟା ପୁରସ୍କାର ଘୋଷଣା କରିଛି । ତୋ ପକ୍ଷରେ ପଳାଇଯିବା ହିଁ ଏକମାତ୍ର ପନ୍ଥା । ଡେରିକ୍ କେତେ ଜଣ ପହରାବାଲା ନେଇ ତୋତେ ଧରିବାପାଇଁ ଆମ ଘରକୁ ଆସିଥିଲା । କେଟ୍ ସେମାନଙ୍କ ମତଲବ୍ ବୁଝିପାରି ସେମାନଙ୍କୁ ଭୁଲାଇ ଦେଇଛି । ଆଉ ବେଳ ନାହିଁ । କେଟ୍‌ର କଥା ମାନି ଶୀଘ୍ର ପଳାଇଯା ।"

ମାର୍ଗାରେଟ୍ ମଧ୍ୟ କହିଲା, "ତୁମେ ଶୀଘ୍ର ପଳାଅ, ଜେରାର୍ଡ଼ ! ନୋହିଲେ ବିପଦ ଘଟିବ ।"

ଜେରାର୍ଡ଼ ଜାଇଲସ୍‌ଠାରୁ ବିଦାୟ ମାଗି କହିଲା, "କେଟ୍‌କୁ କହିବୁ, ମୁଁ ଗଲି । ତୁ ଘରେ ପହଞ୍ଚିବା ଆଗରୁ ମୁଁ ଚାଲିଯାଇଥିବି ।"

ଜେରାର୍ଡ଼ ମାର୍ଗାରେଟ୍ ସାଥିରେ ବଗିଚାକୁ ଗଲା ଓ ସେଠାରେ ଗୋଟାଏ ଗମ୍ଭୀର ଗାତ ଖୋଳି ସେଥିରେ କାଗଜଗୁଡ଼ିକ ପୋତିବାରେ ଲାଗିଲା । ସେ କାଗଜଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଦେଖି ଗାତରେ ପକାଉଥାଏ । ସେଗୁଡ଼ିକ ସବୁ ଟର୍ଗାଓ ସହରର ଜମିଜମା ସମ୍ବନ୍ଧୀୟ କାଗଜ । ପିଟରଙ୍କର ବାପା ଫ୍ଲୋରିସ୍‌ବ୍ରାଣ୍ଟ ଓ ବର୍ଗୋମାଷ୍ଟର ଘିସ୍‌ବ୍ରେକ୍ଟ ମଧ୍ୟରେ ହୋଇଥିବା ଏକ ଚୁକ୍ତିପତ୍ର ସେଥିମଧ୍ୟରେ ଥିଲା । ଜେରାର୍ଡ଼ ସେଖଣ୍ଡିକ ଧରି ପଢ଼ିବାକୁ ଆରମ୍ଭ କଲା ।

ମାର୍ଗାରେଟ୍ କହିଲା, "ଏବେକ୍ଷଣି ପଢ଼ିବାକୁ ବେଳ ନାହିଁ । ଯେତିକି ଡେରି ହେଉଛି ମୋର ସେତିକି ବେଶି ଭୟ ହେଉଛି । ଏଣେ ମେଘ ଘୋଟି ଆସୁଛି । ଟୋପାଏ ଟୋପାଏ ବର୍ଷା ପଡ଼ିଲାଣି ।"

ଜେରାର୍ଡ଼ ସେ କାଗଜଖଣ୍ଡିକ ପକେଟରେ ପୂରାଇ ଦେଇ ଅନ୍ୟଗୁଡ଼ିକ ପୋତିଦେଲା । ଏହି ସମୟରେ ପ୍ରବଳ ବର୍ଷା ଆସିଲା । ମାର୍ଗାରେଟ୍ ଓ ଜେରାର୍ଡ଼ ଘର ଭିତରକୁ ପଳାଇଗଲେ । ସେ ଘରେ ପଶିଗଲା ବେଳକୁ ମାର୍ଟିନ୍ ଆସି ପହଞ୍ଚିଲା ।

ମାର୍ଟିନ୍ କହିଲା, "ତୁମର ଭାଗ୍ୟ ଭଲ । ଝଡ଼ ମାଡ଼ିଆସୁଛି, ଏଥିରେ ଡେରିକ୍ ବା ଘିସ୍‌ବ୍ରେକ୍ଟ ଏ ଆଡ଼କୁ ଆସିବା ସମ୍ଭବ ନୁହେଁ ।"

ପ୍ରବଳ ଝଡ଼ ଆସିଲା । ଜେରାର୍ଡ଼ ଘରର ଝରକା ବନ୍ଦ କରି ବସିଗଲା । ସେ ମନେ ମନେ ଝଡ଼କୁ ଧନ୍ୟବାଦ ଦେଲା । ଏହାରି ଯୋଗୁ ସେ ମାର୍ଗାରେଟ୍ ସହିତ ଆଉ କିଛି ସମୟ କଟାଇ ପାରିଲା । ଦୁହିଁଙ୍କୁ ଖାଇବାକୁ ଦିଆଗଲା— କିନ୍ତୁ କେହି ଖାଇପାରିଲେ ନାହିଁ । ବିଦାୟ ଦୁଃଖରେ ପାଟିକୁ ଆହାର ଗଲା ନାହିଁ । ପିଟର ଶୋଇବାକୁ ଗଲେ । କିନ୍ତୁ ଜେରାର୍ଡ଼ ବା ମାର୍ଗାରେଟ୍ କାହାରି ଆଖିକୁ ନିଦ ଆସିଲା ନାହିଁ । ସିନ୍ଦୁର ଫାଟିଲା ବେଳକୁ ଜେରାର୍ଡ଼ ଯିବାର କଥା ।

ଘର ଭିତରେ ଜେରାର୍ଡ଼ ଓ ମାର୍ଗାରେଟ୍ କଥାବାର୍ତ୍ତାରେ ଲାଗିଛନ୍ତି । ଟିକିଏ ଛଡ଼ାରେ ମାର୍ଟିନ୍ ବସିଛି । ହଠାତ୍ ସେ ହାତ ଠାରି ସେ ଦୁହିଁଙ୍କୁ ଚୁପ୍ ରହିବାକୁ ସଙ୍କେତ ଦେଲା । ସେମାନେ କଥାବାର୍ତ୍ତା ବନ୍ଦକରି କାନେଇ ରହିଲେ; କିନ୍ତୁ କିଛି ଶୁଣି ପାରିଲେ ନାହିଁ । କିଛି ସମୟ ପରେ

ଆଉ ଦ୍ୱାର ପାଖରେ କେତେ ଜଣ ଲୋକଙ୍କର ଅତି ଧୀର ପାଦଶବ୍ଦ ଶୁଣାଗଲା । ପୁଣି ତାହା ବନ୍ଦ ହୋଇଗଲା ।

ମାର୍ଗାରେଟ୍ କହିଲା, କେଟ୍ ସେହି ମୁହୂର୍ତ୍ତରେ ପଳାଇ ଯିବାପାଇଁ ତୁମକୁ କହି ପଠାଇଥିଲା । ମୁଁ ତୁମକୁ ଅଳ ସମୟ ରଖାଇ କି ବିପଦରେ ପକାଇଲି ?"

ମାର୍ଟିନ୍ ତାକୁ ଚୁପ୍ କରିଦେଇ ଆଲୁଅଟା ଲିଭାଇଦେଲା ଓ ଧନୁଶର ଧରି ପ୍ରସ୍ତୁତ ହୋଇଗଲା ।

କବାଟରେ କିଏ ଆସି ଧକ୍କା ମାରିଲା ।

## ଡେରିକ୍‌ର ଅନୁସନ୍ଧାନ

ଠିକ୍ ସେହିକବେଳକୁ ଘରର ପଛପଟ ଦ୍ୱାରରେ ମଧ୍ୟ କେହି ଧକ୍କା ମାରିଲା । ଏଥିରୁ ଜଣାଗଲା, ଘରର ଆଗରେ ଓ ପଛରେ ଲୋକ ଜଗି ରହିଛନ୍ତି । ଏ ଘୋର ବିପଦରେ ମଧ୍ୟ ମାର୍ଗାରେଟ୍‌ର ବୁଦ୍ଧି ହଜିଯାଇ ନଥିଲା । ସେ ଭୁନ କରି ମାର୍ଟିନ୍‌କୁ କହିଲା, "କହିବ, ଜେରାର୍ଡ଼ ଏଠାରେ ଥିଲେ; କିନ୍ତୁ ଚାଲିଗଲେଣି ।"

ଏହା କହିବା ସଙ୍ଗେ ସଙ୍ଗେ ସେ ଜେରାର୍ଡ଼କୁ ଟାଣି ପିଟରଙ୍କ ଶୋଇବା ଘରକୁ ନେଇଗଲା । ବାପାଙ୍କ ଖଟଠାରୁ ଟିକିଏ ଛଡ଼ାରେ ତା ନଜର ଖଟ ପଡ଼ିଥିଲା ।

କବାଟରେ ଧକ୍କା ଉପରେ ଧକ୍କା । ମାର୍ଟିନ୍ କହିଲା, "କିଏ ଏତେ ରାତିରେ କବାଟରେ ଧକ୍କା ମାରୁଛ ?"

"କବାଟ ଫିଟାଅ, କିଏ ଧକ୍କା ମାରୁଛ ଦେଖିବ ।"

"ମୋର ଦେଖିବା ଦରକାର ନାହିଁ । ସମସ୍ତେ ଶୋଇଛନ୍ତି ।"

"ମାର୍ଟିନ୍, ସରକାରଙ୍କ ହୁକୁମ । ଅଇନ୍ ମାନି କବାଟ ଫିଟାଇଦିଅ ।"

"ଆରେ, ଏ ତ ଡେରକ୍‌ର ସ୍ୱର ! ଏତେ ରାତରେ ଟର୍ଗାଓଁରୁ କାହିଁକି ଆସିଛ ?"

"କବାଟ ଫିଟାଇଲେ ଜାଣିବ କାହିଁକି ଆସିଛୁ ।"

ମାର୍ଟିନ୍ ଧୀରେ କବାଟ ଫିଟାଇଲା ମାତ୍ରେ ଡେରକ୍ ଓ ତା'ର ସାଥୀ ଚାରିଜଣ ଘର ଭିତରକୁ ପଶିଗଲେ । ଡେରକ୍ ପଚାରିଲା, "ମାର୍ଟିନ୍, କହ, ଜେରାର୍ଡ଼ କେଉଁଠି ଅଛୁ ?"

"କଏ—ଜେରାର୍ଡ଼ ? ଇଲିଆସ୍‌ର ପୁଅ ଜେରାର୍ଡ଼ ? ହଁ, ଟିକିଏ ଆଗେ ସେ ଏଇଠି ଥିଲା ।"

"ଏଇଠି ଥିଲା ! ଏବେ କେଉଁଠି ଅଛି କହ ।"

"ସେ ଚାଲିଗଲାଣି । କହୁଥିଲା ଇଟାଲୀକୁ ଯିବ । କାହିଁକି ଏମିତ ବ୍ୟସ୍ତ ହୋଇ ତାକୁ ଖୋଜୁଛ ?"

"କାହିଁକି ସେକଥା କହିବା ଦରକାର ନାହିଁ । ଏଠୁ ସେ କେତେବେଳେ ଗଲା ? ଏଭଳି ଝଡ଼ରେ ଗଲା କିପରି ? ମୋର ବିଶ୍ୱାସ ହେଉ ନାହିଁ ।"

ମାର୍ଟିନ ଧୀରେ ଅଲୁଅ ଲଗାଇ ଦେଇ ନିଆଁ ଉହ୍ଲେଇ ପାଖରେ ବସି ଧନୁରେ ଖଣ୍ଡେ ସରୁ ସୂତା ଗୁଡ଼ାଇବାରେ ଲାଗିଲା ।

କିଛିମାତ୍ର ଉଦ୍‌ବେଗ ପ୍ରକାଶ ନକରି ମାର୍ଟିନ କହିଲା, "ଜେରାର୍ଡ଼ କଥା ପଚାରୁଛ ? ତା' ଭାଇ ଜାଇଲସ୍‌କୁ ଚିହ୍ନିଛ । ସେଇ ଯେଉଁ ବିଚିତ୍ର ଟୋକା—ଏଡ଼େ ବଡ଼ ମୁଣ୍ଡ—ହାତ ଗୋଡ଼ ସରୁ ସରୁ—ସେଇ ଆସି ଏଡ଼େ ପାଟିକରି କଅଣ କହିଲା । ମୁଁ ଦୂରରେ ଥିବାରୁ ସେ କଅଣ କହିଲା ଜାଣିପାରିଲି ନାହିଁ, ଖାଲି ପାଟି ଶୁଣିଲି । ତା' ପରେ ଜେରାର୍ଡ଼ ଚାଲିଗଲା । ଗଲାବେଳେ ଏତକି ଲୁହ, ଏତେ କାନ୍ଦ ! ମୁଁ ଶୁଣିଛି ସେ ଇଟାଲୀକୁ ଗଲା । ଇଟାଲୀ କଅଣ ଆମର ଏଇ ହଲାଣ୍ଡରେ ? ସେ ଇଟାଲୀ କେଉଁଠି ମୋତେ ଜଣା ନାହିଁ; ତୁମେ ଅବା ଜାଣିଥିବ ।"

ଡେରକ୍‌ର ମୁହଁରେ ବିଷାଦର ଚିହ୍ନ । ସେ ମନଦେଇ ମାର୍ଟିନ୍‌ର କଥା ଶୁଣୁଥିଲା । ତା'ର ବିଶ୍ୱାସ ଆସିଲା । ମାର୍ଟିନ ସବୁକଥା ଏପରି ସଜେଇ କହୁଥିଲା ଯେ ତାକୁ ସନ୍ଦେହ କରିବାର କାରଣ ନଥିଲା ।

ଡେରକ୍ କହିଲା—"ହଁ, ତୁମ କଥା ସତ ହୋଇଥିବ । ମୁଁ ବର୍ଗୋମାଷ୍ଟରଙ୍କୁ ସେଇଆ କହୁଥିଲି । ଜାଇଲସ୍ ସେଭେନ୍‌ବର୍ଜନରୁ ଫେରଗଲାବେଳେ ତାଙ୍କୁ ବର୍ଗୋମାଷ୍ଟର ଦେଖିଥିଲେ ।"

"ତେବେ ବର୍ଗୋମାଷ୍ଟରଙ୍କ ହୁକୁମ ମାନି ଆମେ ଥରେ ଘରଟା ଦେଖିବୁ ।"

ମାର୍ଟିନର ଚେହେରା ବଦଳିଗଲା । ଡେରକ୍ ତାହା ଲକ୍ଷ୍ୟକରି ମନେ ମନେ ଟିକିଏ ସନ୍ଦେହ କଲା । ସେ ପହରାବାଲାମାନଙ୍କୁ କହିଲା, "ତୁମେ ଦୁଇ ଜଣ ଲେଖାଏଁ ବାହାରୁ ଜଗିଥାଅ । ଦେଖିବ, କେହି ଯେପରି ଝରକା ବାଟେ ଡେଇଁ ପଳାଇ ନ ଯାଏ । ଅନ୍ୟମାନେ ମୋ ସଙ୍ଗରେ ଆସ ।"

ଡେରକ୍ ଅଲୁଅ ଧରି ବୁଲିଲା; ମାର୍ଟିନ୍ ଏକୁଟିଆ ଘର ଭିତରେ ବସି ରହିଲା । ତାର ମନରେ ଚିନ୍ତା ହେଲା, ଜେରାର୍ଡ଼ ହୁଏତ ପିଟର ବା ମାର୍ଗାରେଟ୍‌ର ଘରେ ଥିବ ଓ ଧରାପଡ଼ିଯିବ ।

ସେ ଏହିପରି ଭାବୁଛି, ଏହି ସମୟରେ ଡେରକ୍ ମାର୍ଗାରେଟ୍‌ର କୋଠରୀ ପାରହୋଇଗଲା । ଏହା ଦେଖି ମାର୍ଟିନ୍ ଆଶ୍ୱସ୍ତ ହେଲା ।

ଏବେ ଡେରକ୍ ଓ ତା'ର ଲୋକେ ପିଟରଙ୍କ କୋଠରୀରେ ପଶିଲେ । ସେମାନେ କୋଠରୀ ଭିତରଯାକ ଖୋଜି ଦେଖିଲେ, କେତେ ଜାଗାରେ ଜିନିଷପତ୍ର ଟାଣିପକାଇଲେ; କିନ୍ତୁ ଜେରାର୍ଡ଼ଙ୍କୁ ପାଇଲେ ନାହିଁ । ତତ୍ପରେ ସେମାନେ ମାର୍ଗାରେଟ୍‌ର କୋଠରୀକୁ ଆସିଲେ । ଏହା ଛୋଟ ସ୍ଥାନ ଓ ଏଥିରେ ପ୍ରାୟ କିଛି ଜିନିଷ ନ ଥିଲା । ଘର ଭିତରେ ଗୋଟାଏ ବଡ଼ ଚୁଲ୍ଲୀ ଓ ଗୋଟାଏ ଧୂଆଁନଳୀ ଥିଲା । ଡେରକ୍ ଆଗେ ଏ ଦୁଇଟାକୁ ଦେଖିନେଲା । ଗୋଟାଏ ସିନ୍ଦୁକ ଉପରେ ମାର୍ଗାରେଟ୍ ଶୋଇଥିଲେ । ଏମାନଙ୍କୁ ଦେଖି ସେ ଉଠିପଡ଼ିଲେ ଓ ପାଟିକରି କହିଲେ, "ମୋ' ଉପରେ ଅତ୍ୟାଚାର କର ନାହିଁ ।"

ଡେରକ୍ କହିଲା, "ଏପରି କାହିଁକି ହେଉଛ ? ଆମେ ତୁମର କିଛି ଅନିଷ୍ଟ କରିବୁ ନାହିଁ । ତୁମେ ଆଖିବୁଜି ଶୋଇ ତୁମ ବାହାଦୁରର ସ୍ୱପ୍ନ ଦେଖୁଥାଅ ।

ମୁଁ ଏ ଧୂଆଁ ନଳୀଟାକୁ ପରୀକ୍ଷା କରି ଦେଖେ, ଜେରାର୍ଡ଼ ସେଥିରେ ଲୁଚିଛି କି ନା ।"

ଡେରିକ୍ ସବୁଆଡ଼ ଖୋଜସାରି କହିଲା, "ଆରେ ଚାଲିଆସ । ସେ ଧୂଆଁ ନଳୀରେ ପଶିନାହିଁ । ମୁଁ ଦେଖିସାରିଲିଣି । ମୁଁ ବର୍ଗୋମାଷ୍ଟରଙ୍କୁ ପରା କହୁଥିଲି—ସେ ଏଠି ନ ଥିବ ।"

ସେମାନେ ଚାଲିଗଲେ ।

## ସିନ୍ଦୁକର ଭିତରକଥା

ବର୍ଗୋମାଷ୍ଟରର ଲୋକଗୁଡ଼ାକ ଚାଲିଯିବା ମାତ୍ରେ ମାର୍ଗାରେଟ୍ ସିନ୍ଦୁକ ଉପରୁ ଓହ୍ଲାଇ ପଡ଼ିଲା । ଲୋକେ ଆସୁଥିବା ଜାଣିପାରି ସେ ତରତର ହୋଇ ସିନ୍ଦୁକ ଉପରେ ବିଛଣା ପକାଇ ଶୋଇପଡ଼ିଥିଲା । ଏ ସିନ୍ଦୁକଟିର କିଛି ବିଶେଷତ୍ୱ ଥିଲା—ସାଧାରଣ ଲୋକ ପକ୍ଷରେ ତାହା ଜାଣିବା ଅସମ୍ଭବ । ତଳ ମେଜିଆରେ ଗୋଟାଏ ଖାଲ ହୋଇଥିଲା । ସିନ୍ଦୁକର ତଳ ଚାରିପାଖ ଭୂଇଁରେ ଲାଗୁଥିଲା; କିନ୍ତୁ ତା' ଭିତରେ ଯେ ପ୍ରାୟ ଦୁଇଫୁଟ ଫାଙ୍କ ଥିଲା ତାହା ବା'ହାରକୁ ଜଣାପଡ଼ୁ ନ ଥିଲା ।

ମାର୍ଗାରେଟ୍ ଗାତ ପାଖକୁ ମୁହଁ ନେଇ ଚୁପ୍ ଚୁପ୍ କରି ଡାକିଲା, "ଜେରାର୍ଡ !"

କିଛି ଉତ୍ତର ନାହିଁ ।

ସେ ପୁଣି ଟିକିଏ ବଡ଼ପାଟିରେ ଡାକିଲା, "ଜେରାର୍ଡ଼ ! ଆଉ କିଛି ଭୟ ନାହିଁ । ସାବଧାନରେ ଉଠିଆସ ।"

ତଥାପି ଉତ୍ତର ନାହିଁ ।

ମାର୍ଗାରେଟ୍ ଜେରାର୍ଡ଼ର କାନ୍ଧ ଉପରେ ହାତ ରଖି ହଲାଇଲା । ଶେଷକୁ ତାକୁ ଟେକିଲା; କିନ୍ତୁ ଜେରାର୍ଡ଼ ତଳେ ପଡ଼ିଗଲା—ସତେ ଅବା ଗୋଟାଏ ମୃତ ଦେହ । ମାର୍ଗାରେଟ୍‌ର ରକ୍ତ ଭୟରେ ପାଣି ହୋଇଗଲା ।

ସେ ଭାବିଲା, ଲୋକଗୁଡ଼ାକ ତ କେତେବେଳଯାଏ ଘର ଭିତରେ ଥିଲେ; ତେବେ କଅଣ କେଉର୍ଡ଼ ଅଣନିଶ୍ୱାସୀ ହୋଇ ମରିଗଲା ! ସେ କେଉର୍ଡ଼କୁ ରକ୍ଷା କରିବାକୁ ଯାଇ ତାକୁ ହତ୍ୟା କଲା ? ବାଘୁଣୀ ଭଳି ସେ କେଉର୍ଡ଼କୁ ଝରକା ପାଖକୁ ଟେକିନେଲା । ଝରକା ଖୋଲିଦେବାରୁ ଖୋଲା ପବନ ଘର ଭିତରେ ପଶିଲା । ସେତେବେଳକୁ କେଉର୍ଡ଼ର ମୁହଁ ଶେତାପଡ଼ିଯାଇଥିଲା ।

ସେ କାନ୍ଦି କାନ୍ଦି ଚିତ୍କାର କଲା, "ଧାଇଁଆସ, ଧାଇଁଆସ । ରକ୍ଷା କର, ମୁଁ ତାଙ୍କୁ ମାରିଦେଲି ।" ମାର୍ଗାରେଟ୍ ଏତେ ଜୋର୍‌ରେ ପାଟିକଲା ଯେ ତାହା ଡେରିକ୍ ଓ ତା'ର ଲୋକମାନଙ୍କୁ ଶୁଣାଗଲା । ସେମାନେ ବିସ୍ମିତ ହୋଇଗଲେ ।

× × × ×

ମାର୍ଟିନ୍ ଧନୁଶର ଧରି ପାହାଡ଼ ପାଖରେ ଛିଡ଼ା ହୋଇଥିଲା । ଡେରିକ୍ ଓ ତା'ର ଲୋକମାନେ ଫେରିଲେ; କିନ୍ତୁ କେଉର୍ଡ଼କୁ ସେମାନେ ଆଣି ନ ଥିବାର ଦେଖି ମାର୍ଟିନ୍ ବିସ୍ମିତ ହୋଇଗଲା । ସେମାନେ ମଧ୍ୟ ମାର୍ଟିନ୍‌କୁ ଏପରି ଭଙ୍ଗୀରେ ଛିଡ଼ା ହୋଇଥିବାର ଦେଖି ବିସ୍ମିତ ହୋଇଗଲେ ।

ଡେରିକ୍ କହିଲା, "ଦେଖୁଛ, ଏ ବୁଢ଼ା ଆମକୁ ଶର ମାରିବାକୁ ତିଆରି ହୋଇ ରହିଛି ।"

ମାର୍ଟିନ୍ କହିଲା, "ନା ନା, କାହାକୁ ମାରିବାକୁ ଯିବି କାହିଁକି ? ଧନୁଟା ଠିକ୍ ଅଛି କି ନା ଦେଖୁଥିଲି । ଆଚ୍ଛା, ତୁମର ଯେବେ ସନ୍ଦେହ ହେଉଛି ଏଇ ତଳେ ଫିଙ୍ଗିଦେଉଛି ।" ଏହା କହି ସେ ଧନୁଶର ତଳେ ଫିଙ୍ଗିଦେଲା ।

ଏହି ସମୟରେ ମାର୍ଗାରେଟ୍ ଘରୁ ପାଟି ଶୁଣାଗଲା । ସେମାନେ ଉଠିପଡ଼ିଲେ । ଜଣେ ଆଲୁଅ ଧରି ଶୋଇବାଘର ଆଡ଼କୁ ଯିବାକୁ ବସିଲା । ମାର୍ଟିନ୍ ମଧ୍ୟ ଏହି ପାଟିର କାରଣ ବୁଝି ନ ପାରି ଛିଡ଼ାହୋଇପଡ଼ିଲା ଓ ସେମାନଙ୍କ ଆଗରେ ଛିଡ଼ା ହୋଇ ବାଟ ବନ୍ଦ କଲେ । ଏହା ଦେଖି ଡେରିକ୍ ମାର୍ଟିନ୍‌କୁ ଦୁଇ ହାତରେ ଧରି ଅନ୍ୟମାନଙ୍କୁ ସାହାଯ୍ୟ କରିବା

ପାଇଁ ଡାକିଲା । ସେତେବେଳକୁ ଆଲୁଅ ଧରିଥିବା ଲୋକଟି ଚାଲି ଯାଇଥିଲା । ଅନ୍ୟମାନେ ଡେରିକ୍ ସହିତ ମିଶି ମାର୍ଟିନ୍‌ର ହାତଗୋଡ଼ ବାନ୍ଧିପକାଇଲେ । ମାର୍ଟିନ୍ ନିରୁପାୟ ହୋଇ କାନ୍ଦି ପକାଇଲା । ଏଥିମଧ୍ୟରେ ଆଲୁଅ ଧରିଥିବା ଲୋକଟି ମାର୍ଗାରେଟ୍‌ର କୋଠରୀକୁ ଚାଲିଗଲା ।

## କୋରିଆନ୍

ଯେଉଁ ଲୋକଟି ଆଲୁଅ ନେଇ ଯାଇଥିଲା ତାର ନାମ କୋରିଆନ୍ କେଣ୍ଟେଲ । ସେ ମାର୍ଗାରେଟ୍‌ର ଶୋଇବାଘରେ ପଶିଯାଇ ଦେଖିଲା, କେରାର୍ଡ଼ ମଲାପରି ପଡ଼ିଛି; ତାର ମୁଣ୍ଡ ମାର୍ଗାରେଟ୍‌ର କୋଳରେ । ମାର୍ଗାରେଟ୍ ପଥରର ପିତୁଳାଟିଏ ପରି ବସିଛି; ଆଖିର ପଲକ ପଡ଼ୁନାହିଁ; ଏକ ଦୃଷ୍ଟିରେ କେରାର୍ଡ଼ର ମୁହଁକୁ ଚାହିଁଛି । ଏହି ଦୃଶ୍ୟ ଦେଖି କୋରିଆନ୍ ଆଶ୍ଚର୍ଯ୍ୟ ହୋଇଗଲା । ତା ତୁଣ୍ଡରୁ ବାହାରିପଡ଼ିଲା—ଏତେବେଳ ଯାଏ ଏ କେଉଁଠି ଥିଲା ? ଆମେ ଏତେ ଖୋଜି ନ ପାଇଲୁ କିପରି ?

ମାର୍ଗାରେଟ୍ କିଛି ଦେଖି ପାରୁ ନ ଥିଲା କି ଶୁଣିପାରୁ ନ ଥିଲା । ତହୁଁ କୋରିଆନ୍ ସିନ୍ଦୁକ ପାଖକୁ ଗଲା । ସିନ୍ଦୁକ ତଳର ଗାତଟା ଦେଖି ସେ ସବୁ ଘଟଣା ଅନୁମାନ କରିନେଲା । ମାର୍ଗାରେଟ୍‌ର ଅବସ୍ଥା ଦେଖି କୋରିଆନ୍‌ର ମନ ତରଳିଗଲା । ସେ କହିଲା, "ଓଃ, କି କରୁଣ ଦୃଶ୍ୟ ! ଗୁଡ଼ାଏ କାଗଜ ପାଇଁ ଦୁଇଟିଯାକ ଜୀବନ ହେବାକୁ ପଡ଼ିଲା । ଏପରି ମରିବା ଅପେକ୍ଷା କେରାର୍ଡ଼ ଆମ ସାଥିରେ ଯାଇଥିଲେ ଭଲହୋଇଥାନ୍ତା । ହତଭାଗ୍ୟର ଚେତା ବୁଡ଼ିଯାଇଛି, ମରିନାହିଁ ।"

ଏହା ମାର୍ଗାରେଟ୍‌ର କାନରେ ବାଜିଲାକ୍ଷଣି ସେ ଚମକିଉଠିଲା । ସତେ ଅବା ପଥର ପ୍ରତିମା ଦେହରେ ଜୀବନ ପଶିଲା । ସେ ଉଠିଯାଇ

ଜୋରଆନ୍‌କୁ ଦୁଇ ବାହୁରେ କୁଣ୍ଢାଇ ପକାଇ କହିଲା, "ତୁମ ତୃଣ୍ଣ ପୂରଣ ହେଉ । ଈଶ୍ବର ତୁମର ମଙ୍ଗଳ କରନ୍ତୁ ।"

ଜୋରଆନ୍ କହିଲା, "ତାଙ୍କ ଦେହ ଗରମ ରଖ ।" ଏହା କହି ସେ ଜେରାଲ୍ଡ଼‌କୁ ଟେକିନେଲା ଓ ବିଛଣା ଉପରେ ଶୁଆଇଦେଲା । ତତ୍ପରେ ସେ ପକେଟରୁ ମଦ ବୋତଲ ବାହାରକରି ସେଥିରୁ କିଛି ଜେରାଲ୍ଡ଼‌ର ମୁହଁରେ ଗ୍ଭଷିଦେଲା । ଏହା ଫଳରେ ଜେରାଲ୍ଡ଼‌ର ଚେତା ଆସିଲା । ସେ କିଛି ଶବ୍ଦ କଲା । ତାହା ଶୁଣି ମାର୍ଗାରେଟ୍ ଆନନ୍ଦରେ ତାକୁ ଧରିବା ପାଇଁ ଦଉଡ଼ି ଯାଉଥିଲା; କିନ୍ତୁ ଜୋରଆନ୍ କହିଲା, "ତା ପାଖକୁ ଯାଅନାହିଁ; ଟିକିଏ ବିଶ୍ରାମ କରିବାକୁ ଦିଅ ।"

ଜେରାଲ୍ଡ଼‌ର ମୁହଁର ରଙ୍ଗ ବଦଳିଆସିଲା । ତୁଣ୍ଡରୁ ପଦେଅଧେ ଅସ୍ପଷ୍ଟ କଥା ବାହାରିଲା । ଜୋରଆନ୍ ଘରୁ ବାହାରିଯାଉଥିଲା; ଏହି ସମୟରେ ମାର୍ଗାରେଟ୍ ତାର ପାଦ ଦୁଇଟିକୁ ଧରିପକାଇ କହିଲା, "ଜୋରଆନ୍, ତୁମେ ଜେରାର୍ଲ୍ଡଙ୍କୁ ଜୀବନ ଦେଇଛ; ପୁଣି କଣ ଧରିପକାଇ ଜୀବନ ନେବ ? ତୁମ ପାଦ ଧରୁଛି; ଜେରାଲ୍ଡ଼ ଏଠାରେ ଅଛି ବୋଲି କହିବ ନାହିଁ ।"

"ନା, କହିବ ନାହିଁ । ଡେରିକ୍ ମୋର କଅଣ ? ତାକୁ କହି ମୁଁ କଅଣ ଜଣକର ଜୀବନ ନେବି ?"

କାଳେ ଅନ୍ୟମାନେ ତାକୁ ଖୋଜିବାକୁ ଆସିବେ ବୋଲି ସେ ଶୀଘ୍ର ଗ୍ଭଲିଗଲା । ଡେରିକ୍ ପଗ୍ଭରିଲା, "କଅଣ ଦେଖିଲୁ ? ସେ ଟୋକାଟା କାହିଁକି ଏପରି ପାଟିକରୁଥିଲା ।?"

"କାହିଁକି ପଗ୍ଭରୁଛ ? ଆରେ ଆମକୁ ଦେଖି ତାର ଏମିତି ଭୟ ହୋଇ ଯାଇଛି ଯେ ତାର ମୁଣ୍ଡ ବିଗିଡ଼ିଯାଇଛି—ଆଉ କିଛି ନୁହେଁ ।"

"ତେବେ ଗ୍ଭଲ, ତାକୁ ଯଦି କିଛି ସାହାଯ୍ୟ କରିପାରିବା ।"

"ଭଲ ବୁଦ୍ଧି ! ଆମକୁ ଦେଖି ସେ ଏପରି ହୋଇଛି । ପୁଣି ଯାଇ କଅଣ ତାର ପ୍ରାଣ ନେବା ? ତାର ବାପ ନିଜେ ଜଣେ ଡାକ୍ତର । ମୁଁ ତାକୁ ତା ବାପ ପାଖକୁ ପଠାଇ ଆସିଛି । ଆମେ ଗ୍ଭଲ ନିଆଁ ପାଖରେ ବସି ଟିକିଏ ଉଷୁମ ହେବା ।"

ସେ ଏପରି ସରଳ ଭାବରେ କଥାଗୁଡ଼ାକ କହିଗଲା ଯେ ସେଥିରେ କାହାରି ସନ୍ଦେହ ରହିଲା ନାହିଁ । ତେଣୁ ସେମାନେ ମାର୍ଟିନ୍‌କୁ ଫିଟାଇ ଦେଇ ଯିବାକୁ ବାହାରିଲେ । ଡେରିକ୍ କହିଲା, "ମୋ କଥା କେମିତି ଠିକ୍ ଦେଖିଲ ? ମୁଁ ସେତେବେଳୁ କହୁଛି ଯେ ଜେରାର୍ଡ଼ ଏତେବେଳ ଯାଏ ନ ଥିବ—କୁଆଡ଼େ ଖସିଯିବଣି ।"

ଜେରାର୍ଡ଼ର ଭାଗ୍ୟ ଭଲ କହିବାକୁ ହେବ । ଏହିପରି ସେ ଖାଲି ଜେଲ୍‌ଖାନାରୁ ଖସି ଆସିଲା ନାହିଁ—ମରଣ ମୁହଁରୁ ମଧ୍ୟ ବର୍ତ୍ତିଗଲା ।

ମାର୍ଗାରେଟ୍ ଅନେକ ବେଳ ଯାଏ ଜେରାର୍ଡ଼ର କାନ୍ଧ ଉପରେ ମୁଣ୍ଡଟି ରଖି ବସିରହିଲା । ଦୁହିଁଙ୍କ ମନରେ ଆନନ୍ଦ; କିନ୍ତୁ ସକାଳୁ ସେମାନଙ୍କର ବିଚ୍ଛେଦ ହେବାର କଥା ।

## ବର୍ଗୋମାଷ୍ଟରଙ୍କ ଅନ୍ୱେଷଣ

ସେଦିନ ରାତିରେ ବର୍ଗୋମାଷ୍ଟରଙ୍କୁ ନିଦ ନାହିଁ । ଝଡ଼ ବର୍ଷା ହେଉ ନ ଥିଲେ ସେ ନିଜେ ଲୋକମାନଙ୍କ ସଙ୍ଗରେ ଜେରାର୍ଡ଼କୁ ଖୋଜିବାକୁ ଆସିଥାନ୍ତେ । ରାତି ଅଧବେଳକୁ ଝଡ଼ କମିଯିବାରୁ ସେ ଘୋଡ଼ାରେ ବସି ସେଭେନବର୍ଜନକୁ ବାହାରିଲେ । ବାଟରେ ସେ ଡେରିକ୍ ଓ ଅନ୍ୟମାନଙ୍କୁ ଭେଟିଲେ । ସେମାନେ ଗୋଟିଏ ଘରେ ଥିଲେ; କିଏ ଟେବୁଲ ଉପରେ ଶୋଇଥିଲା, କେହି ଚଉକିରେ ବସି ଘୁମାଉଥିଲା, କେହି ଅବା ତଳେ ଶୋଇଥିଲା । ସେ ବିରକ୍ତ ହୋଇ ସେମାନଙ୍କୁ ଉଠାଇଲେ । ଡେରିକ୍ ସମସ୍ତ ଘଟଣା ବର୍ଣ୍ଣନା କରିଗଲା ।

"ତୁମେମାନେ ନିହାତି ବୋକା । ତୁମ ସାଥିରେ ନିଜେ ନ ଆସି ମୁଁ ଭୁଲ କରିଛି । ସିଏ ସେଇ ଘର ଭିତରେ ଥିବ—ଯିବ କୁଆଡ଼େ ? ତୁମେ ସେ ଟୋକାର ସିନ୍ଦୁକ ତଳ ଦେଖିଥିଲ ?" କହିଲା ବର୍ଗୋମାଷ୍ଟର ।

"ସିନ୍ଦୁକ ତଳେ ତାଙ୍କ ନ ଥିଲା ଦେଖିନ୍ତୁ କପଣ ?"

"ଜେମିତ ଜାଣିଲ ତାଙ୍କ ନାହିଁ ? ଦେଖିବା ଦରକାର ଥିଲା । ଆଛା, ମୋ ସାଥିରେ ଚାଲ, ଜେମିତ ଖୋଜିବାକୁ ହୁଏ ଦେଖାଇଦେବି ।"

ସମସ୍ତେ ପୁଣି ପିଟରଙ୍କ ଘରକୁ ଆସିଲେ । କୋଣଆନ ବର୍ଗୋମାଷ୍ଟରଙ୍କ ଘୋଡ଼ାକୁ ଧରି ବାହାରେ ଛିଡ଼ାହେଲ—ଅନ୍ୟମାନେ ଘର ଭିତରକୁ ପଶିଗଲେ । ଘର ଭିତର ଶୂନ୍ୟ । ଜଣେ ହେଲେ କାହାରି ଦେଖା ନାହିଁ । ବୁଢ଼ା ପିଟର ମଧ୍ୟ କୁଆଡ଼େ ଯାଇଛି ।

ସମସ୍ତେ ଉପର ମହଲାକୁ ଗଲେ । ଝରକା ଖୋଲା ଥିଲା । ଝରକା'ବାଟେ ଚାହିଁବାରୁ ଦେଖାଗଲା, କେଭର୍ଡ ମାର୍ଗାରେଟ୍ ଓ ମାର୍ଟିନ୍ ସାଙ୍ଗ ହୋଇ ପହଁଆରେ ବୁଲୁଛନ୍ତି । ବର୍ଗୋମାଷ୍ଟର ଆନନ୍ଦରେ ତଳକୁ ଓହ୍ଲାଇ ଆସି ଘୋଡାରେ ବସିପଡ଼ିଲେ ଓ ପହଁଅ ଆଡ଼କୁ ଘୋଡାକୁ ଚଲାଇଲେ । ତାଙ୍କ ଲୋକମାନେ ମଧ୍ୟ ତାଙ୍କ ପଛେ ପଛେ ଦୌଡ଼ିଲେ ।

## ଡାହାଲକୁକୁର

ରାତ ନ ପାହୁଣୁ କେଭର୍ଡ ଉଠି ମାର୍ଟିନ୍‌କୁ ଉଠାଇଲା । ମାର୍ଟିନର ଧାରଣା ଥିଲା କେଭର୍ଡ ରାତରୁ ପଳାଇ ଯାଇଛି, ତେଣୁ ସେ ଆଶ୍ଚର୍ଯ୍ୟ ହୋଇଗଲା । କପର ପଳାଇବାକୁ ହେବ ଓ ପଛରେ ଗୋଡ଼ାଉଥିବା ଲୋକଙ୍କ ହାତରୁ କପର ରକ୍ଷାମିଳିବ ଏ ବିଷୟରେ କେଭର୍ଡ ମାର୍ଟିନର ପରାମର୍ଶ ମାଗିଲା । ମାର୍ଟିନ କହିଲା, "ନଗରପଦରେ ଯିବା ପାଇଁ ଗୋଟିଏ ବାଟ ଅଛି । ବଣ ଭିତରେ ମୁଁ ଗୋଟିଏ ବାଟରେ ତୁମକୁ ନେଇଯିବି । ତାହା ପରେ ଆଉ ଗୋଟିଏ ବାଟ ପଡ଼ିବ । ସେଥିରେ କିଛି ଦୂର ଗଲାପରେ ଗୋଟିଏ ଘର ଦେଖିବ । ସେ ଘରର ଲୋକେ ଖୁବ ଭଲ । ସେଠାରୁ ଗୋଟିଏ ଘୋଡ଼ାରେ ବସି ଗଲେ ଦଇନ ଭିତରେ ହଲାଣ୍ଡର ସୀମା ପାର ହୋଇଯିବ ।"

ପିଟରଙ୍କ ଘରଠାରୁ ଜଙ୍ଗଲ ମୋଟେ ତନଣ ଗଜ ଦୂର ହେବ । ଦୁହେଁ ବାହାରିପଡ଼ିଲେ । ମାର୍ଟିନର ହାତରେ ତାର ଧନୁ ଓ ତନୋଟି ଶର, କେଭର୍ଡ ହାତରେ ଗୋଟିଏ ଠେଙ୍ଗା ।

ମାର୍ଗାରେଟ୍ ଓ ପିଟର ମଧ୍ଯ ସେ ବୁଢ଼ୀଙ୍କ ସାଥିରେ ଘରୁ ବାହାରିଲେ । ପିଟର ବଗିଚା ଶେଷଯାଏ ଆସି ଜେରାର୍ଡ଼୍‌କୁ ଆଶୀର୍ବାଦ କରି ଫେରିଗଲେ । ପଡ଼ିଆ ପାରି ହୋଇ ଜଙ୍ଗଲ ପାଖରେ ହେଲବେଳକୁ ସୂର୍ଯ୍ୟ ଉଦୟ ହେଉଥିଲେ । ମାର୍ଗାରେଟ ଦର୍ଶନର ପଛକୁ ଚାହୁଁଥିଲା । ହଠାତ୍ ସେ ଗୋଟାଏ ବିକଳ ଚିତ୍କାର କରି ଜଙ୍ଗଲ ଆଡ଼କୁ ଦୌଡ଼ିଲା, ବର୍ଗୋମାଷ୍ଟର ଘୋଡ଼ାରେ ବସି ଓ ଅନ୍ୟମାନେ ସେମାନଙ୍କ ପଛରେ । ଏତେ ଲୋକଙ୍କ ସଙ୍ଗେ ଯୁଦ୍ଧ କରିବା ଅସମ୍ଭବ । ତେଣୁ ଜେରାର୍ଡ଼୍ ଓ ମାର୍ଟିନ ମଧ୍ଯ ମାର୍ଗାରେଟ୍ ପଛେ ପଛେ ଜଙ୍ଗଲ ଆଡ଼କୁ ଦୌଡ଼ିଲେ । ବର୍ଗୋମାଷ୍ଟର ପାଖେଇ ଆସୁଛି; ମାର୍ଟିନ ଡାକପକାଇଲା—"ବଣକୁ ଚାଲିଯାଅ, ବଣକୁ ଚାଲିଯାଅ ।"

ବର୍ଗୋମାଷ୍ଟର ଗୋଟାଏ କୌଶଳ କଲେ । ସେ ଠିକ୍ ପଛେ ପଛେ ନ ଆସି ଗୋଟାଏ ପାଖରେ ଘୋଡ଼ାକୁ ଦୌଡ଼ାଇ ଜେରାର୍ଡ଼ର ଆଗରେ ରହିଗଲେ । ସେ ଭାବିଲେ, 'ଅନ୍ୟମାନେ ପଳାଇଲେ ପଳାନ୍ତୁ । ଅସଲ ହେଉଛି ଜେରାର୍ଡ଼୍ । ତାକୁ ଧରିବାକୁ ହେବ ।'

ବର୍ଗୋମାଷ୍ଟର ଗୋଟାଏ କଥା ଭୁଲିଯାଇଥିଲେ । ଶିକାର ଧରିଦେବା ପୂର୍ବରୁ ଶିକାରୀକୁ ପୁଲାଏ ନ କାମୁଡ଼ି ଛାଡ଼େ ନାହିଁ । ହୁଏତ ସେହି କାମୁଡ଼ାରେ ଶିକାରୀର ପ୍ରାଣ ଯାଏ । ବର୍ଗୋମାଷ୍ଟର ଭାବିଥିଲେ ଜେରାର୍ଡ଼୍ ପଳାଇବାକୁ ଚେଷ୍ଟା କରିବ; କିନ୍ତୁ ସେ ତାହା ନ କରି ଗୋଟାଏ ଚିତ୍କାର କରି ଆଗେଇଗଲା ଓ ଠେଙ୍ଗାରେ ବର୍ଗୋମାଷ୍ଟର ମୁଣ୍ଡ ଉପରେ ପାହାରେ ଦେଲା । ବର୍ଗୋମାଷ୍ଟର ଘୋଡ଼ା ଉପରୁ ତଳେ ପଡ଼ିଗଲେ । ତାଙ୍କ ମୁହଁରୁ ରକ୍ତର ଧାର ବହିଗଲା ।

ଏଥିମଧ୍ଯରେ ତିନିଜଣଯାକ ବଣ ଭିତରକୁ ପଶିଗଲେ । ଏଣେ ଘିସବ୍ରୋକ୍‌ଟର ଲୋକେ ଆଗେଇ ଆସିଲେ । ତିନିଜଣଯାକ ପ୍ରାଣପଣେ ଦଉଡ଼ିବାକୁ ଆରମ୍ଭ କଲେ । ହଠାତ୍ ଜେରାର୍ଡ଼୍ ରହିଯାଇ କହିଲା, "ମାର୍ଟିନ୍, ଦୌଡ଼ିବା କ'ଣ ଦରକାର ? ତୁମ ହାତରେ ଧନୁଶର ଅଛି, ମୋ' ହାତରେ ଏ ଠେଙ୍ଗା । ଯାହା ହେବାର ହେଉ, ଦେଖାଯିବ ।" କିନ୍ତୁ ମାର୍ଟିନ୍ ସେକଥା ନ ଶୁଣି ଦୌଡ଼ୁ ଦୌଡ଼ୁ କହିଲା, "ମୋ ପଛେ ପଛେ ଦୌଡ଼ିଆସ ।"

ଅଳ୍ପ ସମୟ ପରେ ସେମାନଙ୍କ ଡାହାଣ ପାଖେ ପାଟି ଶୁଣାଗଲା । ଲୋକମାନେ ମଧ୍ୟ ବଣ ଭିତରେ ପଶି ଏମାନଙ୍କୁ ଦେଖିପାରିଥିଲେ । ମାର୍ଗାରେଟ୍ ସେତେବେଳକୁ ଅଣନିଶ୍ୱାସୀ ହୋଇପଡ଼ିଥିଲା । ଯାହାହେଉ ସେମାନେ ଜଙ୍ଗଲର ଗୋଟିଏ ବୁଦୁବୁଦୁକିଆ ଅଞ୍ଚଳ ଭିତରେ ପଶିଗଲେ ଓ ସେମାନଙ୍କୁ ବର୍ଗୋମାଷ୍ଟରର ଲୋକେ ଦେଖିପାରିଲେ ନାହିଁ । ମାର୍ଟିନ୍ ଏହି ଜଙ୍ଗଲ ଭିତରେ ବସିଗଲା ଓ ପକେଟରୁ ଖଣ୍ଡେ ରୁଟି ବାହାର କରି ସେ ଖାଇବାକୁ ଆରମ୍ଭ କଲା । ଏହା ଦେଖି ଅନ୍ୟ ଦୁହେଁ ଆଶ୍ଚର୍ଯ୍ୟ ହୋଇଗଲେ । ମାର୍ଟିନ୍ କହିଲା, "ଭୟ କର ନାହିଁ । ସେତେ ଲୋକ ଆସି ଖୋଜିଲେ ତୁମକୁ କେହି ଦେଖିପାରିବେ ନାହିଁ । ଆରେ, ଏ କଅଣ କରୁଛ ନେଗର୍ଡ—ଇଟାଲୀକୁ ଯିବ କପରି ? ଟଙ୍କାତକ ଏଇଠାରେ ହଜାଇ ଯିବ ନା କଅଣ ?"

ନେଗର୍ଡ ଦେଖିଲା, ତା' ପୋଷାକରୁ ଗୋଟାଏ ଟଙ୍କାଥଳି ଓହଳିଛି । ସେ କହିଲା, "ସେ ଟଙ୍କା ମୋର ନୁହେଁ । କେଉଁଠାରୁ ଆସିଲା, ଆଶ୍ଚର୍ଯ୍ୟର କଥା !"

ପ୍ରକୃତ କଥା ହେଉଛି, ନେଗର୍ଡ ଘିପ୍ରେକ୍ଟକୁ ପିଟିଲାବେଳେ ଛଡ଼ିବାରୁ ତାର ଟଙ୍କା'ଥଳିଟା ନେଗର୍ଡର ପୋଷାକରେ ଛନ୍ଦହୋଇ ରହିଯାଇଥିଲା । ଏପରିଭାବେ ଛନ୍ଦହୋଇ ଗଣ୍ଠି ପଡ଼ିଯାଇଥିଲା ଯେ ଛୁରିରେ କାଟି ଏହାକୁ କାଢ଼ିବାକୁ ହେଲା । ଏହା ଭିତରେ ଅନେକ ଟଙ୍କା ଥିଲା । ମାର୍ଗାରେଟ୍ କହିଲା, "ସେ ପାପିଷ୍ଠର ଟଙ୍କାକୁ ଫିଙ୍ଗିଦିଅ; ନ ହେଲେ ମାର୍ଟିନ୍ ନେଇଯାଉ । ସେ ପାପ ଧନ ଛୁଇଁବାର ନୁହେଁ ।"

ନେଗର୍ଡ କହିଲା, "କେବେହେଲେ ଫିଙ୍ଗିଦେବି ନାହିଁ । ସେ ଆମର ଶତ୍ରୁ । ଯୁଦ୍ଧରେ ଜିଣିଲେ ଶତ୍ରୁର ଧନ ଲୁଟିକରି ନେବା ଧର୍ମସଙ୍ଗତ । ଏ ଧନ ଏବେ ଆମର । କଅଣ କହୁଛ ମାର୍ଟିନ୍ ?"

ଏହି ସମୟରେ ଦୂରରୁ କୁକୁର ଭୁକିବା ଶୁଣାଗଲା ।

ମାର୍ଟିନ୍ ଜଣେ ପୁରୁଣା ସୈନିକ । ସେ ଜୀବନରେ କେତେ ବିପଦର ସମ୍ମୁଖୀନ ହୋଇଛି; କିନ୍ତୁ ଏଭଳି ବିପଦ ତା ପକ୍ଷରେ ଏକବାରେ

ନୂତନ । ସେ କେବେ ଡାହାଲ କୁକୁର ସହିତ ଯୁଦ୍ଧ କରି ନ ଥିଲା । ସେ କଅଣ କରିବ ସ୍ଥିର କରିପାରିଲା ନାହିଁ ।

ଜେରାଲ୍ଡ କହିଲା, "—ଠିଆହୋଇ ରହିଲ କାହିଁକି ମାର୍ଟିନ୍, ପଳାଇବାର ଚେଷ୍ଟା କର ।"

ମାର୍ଟିନ୍ ଉତ୍ତର କଲା, "ପଳାଇଲେ ଲାଭ ହେବ କଅଣ ? ପଦାକୁ ଗଲେ ଆମକୁ କୁକୁରଗୁଡ଼ାକ ସହଜେ ମାରିପାରିବେ । ଏଇପାଖରେ ଗୋଟାଏ ଜାଗା ମୋତେ ଜଣାଅଛି, ସେଠାକୁ ଗଲେ ଅନ୍ତତଃ କିଛି ପ୍ରତିରୋଧ କରିବାର ଆଶା ଅଛି । ଜାଣ, ଡାହାଲ କୁକୁର ରକ୍ତର ଗନ୍ଧ ବାରି ଶତ୍ରୁକୁ ଅନୁସରଣ କରେ ?"

ଏହି ସମୟରେ କୁକୁରର ଭୁକିବା ନିକଟରୁ ଶୁଣାଗଲା । ମାର୍ଟିନ୍ ଭୟରେ ସ୍ତମ୍ଭୀଭୂତ ହୋଇଗଲା । ଜେରାଲ୍ଡ ବୁଝିପାରିଲା ଯେ ତାର ଦେହରୁ ରକ୍ତ ପଡ଼ିଥିଲା; କୁକୁର ତାକୁ ହିଁ ଖୋଜି ଖୋଜି ଆସୁଛି ।

ଏ ବିପଦରୁ ଉଦ୍ଧାର ପାଇବା ପାଇଁ ମାର୍ଗାରେଟ୍ ମନେ ମନେ ଗୋଟାଏ ଉପାୟ ସ୍ଥିର କରିପକାଇଲା । ସେ ହଠାତ୍ ମାର୍ଟିନ୍ ହାତରୁ ଛୁରି ଆଣି ନିଜ ହାତର ଠାଏ ଚିରିଦେଲା । ସେଥିରୁ ରକ୍ତ ବୋହିଲା । ସେହି ରକ୍ତରୁ କିଛି ନେଇ ସେ ନିଜ ଜୋତାରେ ବୋଳିଦେଲା । ମାର୍ଟିନ୍ ବା ଜେରାଲ୍ଡ କେହି ଏହା ଲକ୍ଷ୍ୟ କରିପାରି ନ ଥିଲେ ।

ଏହା ପରେ ମାର୍ଗାରେଟ୍ ମାର୍ଟିନ୍‌କୁ କହିଲା, "ଯେଉଁଠାକୁ ଯିବାକୁ କହୁଥିଲୁ, ଶୀଘ୍ର ଚାଲ ଯିବା ।"

"ଯିବା, ସେ ସ୍ଥାନଟା ବେଶି ଦୂର ନୁହେଁ; କିନ୍ତୁ ସେଠାରେ ମଣିଷଠାରୁ ରକ୍ଷା ପାଇବାର ଆଶା ଅଛି ସିନା କିନ୍ତୁ ଡାହାଲ କୁକୁରଠାରୁ କିପରି ରକ୍ଷା ପାଇବା ?" ଏହା କହି ମାର୍ଟିନ୍ ଧୀରେ ଧୀରେ ଚାଲିଲା ।

ମାର୍ଗାରେଟ୍ ପଚାରିଲା, "ତେବେ କଅଣ କରିବା ?"

"ବଣ ଭିତରେ ଶେଷଯାଏ ଯାଇ ଅପେକ୍ଷା କରିବା । ଲୋକେ ଜଣକ ପଛରେ ଜଣେ ଆସିଲେ ଗୋଟି ଗୋଟି କରି ମାରିବା, ନ ପାରିଲେ ସେମାନଙ୍କ ହାତରେ ମରିବା ।"

ଜେରାର୍ଡ ପଚାରିଲା, "ଏହା ଛଡ଼ା ଅନ୍ୟ କିଛି ଉପାୟ ଦେଖାଯାଉ ନାହିଁ ?"

"ନା, ମୁଁ ଆଉ କିଛି ଭାବିପାରୁ ନାହିଁ ।"

"ତେବେ ମାର୍ଟିନ୍, ଏଣିକି ମୁଁ ଆମ ଦଳର ନେତା ହେବ । ତୁମେ ମୋ କଥା ଅନୁସାରେ କାମ କରିବ ।"

ମାର୍ଟିନ୍ ଓ ମାର୍ଗାରେଟ୍ ଏ ପ୍ରସ୍ତାବରେ ରାଜି ହେଲେ । ସେମାନେ ଜଙ୍ଗଲ ଭିତରେ ଚାଲିଲେ ।

ଏହି ସମୟରେ ଡାହାଳ କୁକୁରର ଭୁକିବା ଶବ୍ଦ ନିକଟରେ ଶୁଣାଗଲା । ମାର୍ଟିନ୍ ଭୂଇଁରେ କାନ ଲଗାଇ ଓ ଶୁଣି କହିଲା, "ଖାଲି କୁକୁର ନୁହେଁ, ଘୋଡ଼ା ଟାପୁର ଶବ୍ଦ ମଧ୍ୟ ଶୁଣାଯାଉଛି ।"

ଜେରାର୍ଡ "ହଁ, ଘିସ୍‌ବ୍ରେକ୍ଟ ଆସୁଥିବ । ସେ ବଞ୍ଚିଥିବା ଯାଏ ମୋ ପଛେ ପଛେ ଲାଗିଥିବ ।"

ମାର୍ଟିନ୍ "ଏଥର ସାଧାରଣ ମାଡ଼ ଦେଲେ ହେବ ନାହିଁ; ଏକବାରେ ମାରିଦେବାକୁ ହେବ ।"

ଜେରାର୍ଡ—"ହଁ, ସୁବିଧା ମିଳିଲେ ତା' ପ୍ରାଣ ନ ନେଇ ଛାଡ଼ିବି ନାହିଁ ।"

ଏଣିକି କେତେକ ବଡ଼ ଗଛ ଦେଖାଗଲା; କିନ୍ତୁ ସେଗୁଡ଼ିକ ପରସ୍ପରଠାରୁ ଖୁବ୍ ଛଡ଼ା ଛଡ଼ା—ତେଣୁ ଲୁଚିବା ପାଇଁ ସୁବିଧା ନ ଥିଲା ।

ବିପଦର ସମ୍ମୁଖୀନ ହେବାକୁ ସ୍ଥିର କରି ସେମାନେ ପ୍ରସ୍ତୁତ ହୋଇ ରହିଲେ । ବର୍ଗୋମାଷ୍ଟରର ଲୋକମାନେ ଭଙ୍ଗା ଡାଳ ଭିତର ଦେଇ ଆସିଲାବେଳକୁ ଏକପ୍ରକାର ଶବ୍ଦ ହେଲା । ତା' ସଙ୍ଗେ କୁକୁରମାନଙ୍କର ଶବ୍ଦ । ଉଭୟ ଶବ୍ଦ ପାଖେଇ ଆସିଲା । ଏହି ସମୟରେ ମାର୍ଗାରେଟ୍ ଜେରାର୍ଡର କାନ ପାଖରେ କହିଲା, "ମାର୍ଟିନ୍‌ଙ୍କର ଇଚ୍ଛା ଯଦି ଆମକୁ ଅଲଗା ହୋଇଯିବାକୁ ପଡ଼େ, ତେବେ ପଛରେ ଥିବା ସେହି ମଲ୍ଲ-ଗଛଠାରେ ପୁଣି ଭେଟ ହେବ ।"

"ହଁ, ସେକଥା ମୁଁ ଜାଣେ । ତୁମେ ଲୁଚିଯାଅ ।"

ମାର୍ଗାରେଟ୍ ମାର୍ଟିନ୍ ଆଡ଼କୁ ଫେରଗଲବେଳକୁ ଅଧବାଟରେ ହଠାତ୍ ଗୋଟାଏ ଡାହାଲ କୁକୁର ତା ଆଡ଼କୁ ମାଡ଼ିଆସିଲା । ସେ ଭୟରେ ସ୍ତମ୍ଭୀଭୂତ ହୋଇ ରହିଗଲା; କିନ୍ତୁ କୁକୁର ଜେରାର୍ଡ଼ର ରକ୍ତ ଗନ୍ଧରେ ଆସିଥିଲା । ସେ ମାର୍ଗାରେଟ୍‌କୁ ନ ଗୁହିଁ ଜେରାର୍ଡ଼ ଆଡ଼କୁ ଦୌଡ଼ିଲା; କିନ୍ତୁ ସେ ଜେରାର୍ଡ଼ ପାଖରେ ପହଞ୍ଚିବା ପୂର୍ବରୁ ମାର୍ଟିନ୍‌ର ଗୋଟିଏ ଶରରେ ପ୍ରାଣ ହରାଇ ପଡ଼ିଗଲା । ଏହି ସମୟରେ ଆଉ ଗୋଟିଏ କୁକୁର ବାହାରପଡ଼ି ମଲାକୁକୁର ପାଖରେ ପହଞ୍ଚିଗଲା ଓ ତାକୁ ଶୁଙ୍ଘିଲା । ଜେରାର୍ଡ଼ ତାକୁ ପିଟି ମାର ଦେବା ପାଇଁ ଦୌଡ଼ିଆସିଲା । କିନ୍ତୁ ଜେରାର୍ଡ଼ର ପାହାର ତା' ଦେହରେ ବାଜିବା ଆଗରୁ ମାର୍ଟିନ୍‌ର ଶର ଆସି ତା' ଦେହରେ ପଶିଗଲା । କୁକୁରଟା ଆହତ ହୋଇପଡ଼ିଲେ ହେଁ ମଲା ନାହିଁ ।

ଏହି ସମୟରେ ବଣ ଭିତରୁ ହଠାତ୍ ତିନିଜଣ ଲୋକ ବାହାରି ପଡ଼ିଲେ । କୁକୁରଟାକୁ ପିଟି ମାରି ଦେବାପାଇଁ ଜେରାର୍ଡ଼କୁ ବେଳ ମିଳିଲା ନାହିଁ । ପଛକୁ ପଳାଇଯିବା ସକାଶେ ମାର୍ଟିନ୍‌କୁ ଇସାରା ଦେଇ ସେ ଗଭୀର ଜଙ୍ଗଲ ଭିତରକୁ ପଳାଇଲା । ଏହି ତିନିଜଣ ଲୋକଙ୍କ ପଛରେ ଛଡ଼ା ଛଡ଼ା ହୋଇ ଆହୁରି ଅନେକ ଲୋକ ଥିଲେ ।

ଜେରାର୍ଡ଼ ଓ ତା' ପଛେ ପଛେ ମାର୍ଟିନ୍ ଓ ମାର୍ଗାରେଟ୍ ନଇଁ ନଇଁ ବଣ ଭିତରେ ପଛକୁ ଗୁଲିଲେ । ଏଣେ ଘିସ୍‌ବ୍ରେକ୍‌ଟଙ୍କ ଲୋକେ ଆଗକୁ ଗୁଲିଥାନ୍ତି । କିନ୍ତୁ ଖୁବ୍ ପାଖରେ ପରସ୍ପରର ବିପରୀତ ଦିଗକୁ ଗୁଲିଥିଲେ ହେଁ ସେମାନେ ଜେରାର୍ଡ଼ର ଦଳକୁ ଦେଖିପାରି ନ ଥିଲେ ।

ଗୋଟାଏ ଚିତ୍କାର ଶୁଣାଯିବାରୁ ଜେରାର୍ଡ଼ ଓ ତା'ର ସଙ୍ଗୀମାନେ ବୁଝିପାରିଲେ ଯେ ଘିସ୍‌ବ୍ରେକ୍‌ଟର ଲୋକେ ଆହତ ହୋଇ ପଡ଼ିଥିବା କୁକୁରଟିକୁ ଦେଖିପାରିଛନ୍ତି । ଅନ୍ୟ ଲୋକମାନେ ସେମାନଙ୍କ ପାଖକୁ ଦଉଡ଼ି ଆସିଲେ । ଏହି ଅବସରରେ ପଳାତକମାନେ ଦଉଡ଼ିବାକୁ ସୁବିଧା ପାଇଲେ । ମାର୍ଟିନ୍ ଓ ମାର୍ଗାରେଟ୍ ଏକ ପଥରେ ଗଲେ, ଜେରାର୍ଡ଼ ଅନ୍ୟବାଟେ ଗୁଲିଯାଇଥିଲା ।

ସେମାନେ ବନର ପ୍ରାନ୍ତଭାଗ ନିକଟରେ ହେଲବେଲକୁ ପଛଆଡ଼ୁ ଲୋକଙ୍କର ଦୌଡ଼ିବା ଶବ୍ଦ ଶୁଣାଗଲା । ଏଥିମଧ୍ୟରେ ପଳାତକମାନେ ଜଙ୍ଗଲରୁ ପଳାଉଥିବାର ସେମାନେ ଲକ୍ଷ୍ୟ କରିପାରିଥିଲେ ।

ମାର୍ଟିନ୍ କହିଲା, "ସେମାନେ ଆମକୁ ଦେଖିଲେଣି; କିନ୍ତୁ ଜୋର୍‌ରେ ଦଉଡ଼ିଲେ ସେମାନେ ଆମକୁ ଆଉ ଦେଖିପାରିବେ ନାହିଁ ।"

ମାର୍ଟିନ୍ ଦୌଡ଼ିବାକୁ ବାହାରିଲା ବେଳକୁ ଦେଖିଲା ଆଗରେ ଘିସବ୍ରେକ୍‌ଟ ଘୋଡ଼ାରେ ବସି ଜଗିରହିଛି । ତା ନାକରେ ଖଣ୍ଡେ କନା ବନ୍ଧା ହୋଇଛି; ସେଥିରେ ରକ୍ତର ଦାଗ ଦିଶୁଛି । ମାର୍ଟିନ୍ ଧନୁରେ ଶର ବସାଇଲା । ମାର୍ଗାରେଟ୍ ଭୟରେ ଆଖି ବୁଜିଦେଲା । ମାତ୍ର ମାର୍ଟିନ୍ ଶର ମାରିବା ପୂର୍ବରୁ ଜଣେ କେହି ଘିସବ୍ରେକ୍‌ଟର ପଛପଟୁ ଟାଣି ତାକୁ ତଳେ ପକାଇଦେଲା । ମାର୍ଟିନ୍ ଦେଖିଲା, ଜେରାର୍ଡ଼ ଘିସ୍‌ବ୍ରେକ୍‌ଟକୁ ମାଡ଼ିବସି ତାକୁ ଚାପୁଛି ।

ମାର୍ଟିନ୍ ଓ ମାର୍ଗାରେଟ୍ ଦୌଡ଼ିଯାଇ କହିଲେ, "ଜେରାର୍ଡ଼, ଆସ, ଆମେ ପଳାଇଯିବା ।" କିନ୍ତୁ ମାର୍ଗାରେଟ୍‌ର ପଳାଇବାର ଶକ୍ତି ନ ଥିଲା । ସେ ହାତରେ ଯେଉଁ ଆଘାତ କରିଥିଲା ସେଥିରୁ ପ୍ରଚୁର ରକ୍ତ ବହି ତାକୁ ଦୁର୍ବଳ କରି ପକାଇଥିଲା । ସେ କହିଲା, "ମୁଁ ଯାଇପାରିବ ନାହିଁ । ମୋତେ ଏଠାରେ ଛାଡ଼ି ତୁମେ ଦୁହେଁ ଚାଲିଯାଅ ।"

ଜେରାର୍ଡ କହିଲା, "ନା, ତୁମକୁ ଛାଡ଼ି ଆମେ ଯାଇପାରିବୁ ନାହିଁ । ତୁମେ ଘିସବ୍ରେକ୍‌ଟର ଏଇ ଘୋଡ଼ା ଉପରେ ବସିପଡ଼ । ମୁଁ ତୁମ ପାଖେ ପାଖେ ଦଉଡ଼ିବ ।"

ଘିସବ୍ରେକ୍‌ଟ ଭୂଇଁରୁ ଉଠି ସାହାଯ୍ୟ ପାଇଁ ତା'ର ଲୋକଙ୍କୁ ଡାକ ପକାଇଲା । କିନ୍ତୁ ଜେରାର୍ଡ଼ ତାକୁ ପୁଣି ତଳେ ପକାଇ ଗୋଟାଏ ଗୋଇଠା ମାରିଲା । ମାର୍ଗାରେଟ୍ ଘୋଡ଼ାରେ ବସିଲା । ଠିକ୍ ଏତିକି ବେଳକୁ ଡେରିକ୍ ପାଞ୍ଚଜଣ ଲୋକଙ୍କୁ ଘେନି ସେଠାରେ ପହଞ୍ଚିଗଲା ।

# କିଏ ଜିତିବ ?

ଘିସ୍‌ବ୍ରେକ୍ଟ ଓ ତା ଲୋକମାନେ ହିଂସ୍ରଜନ୍ତୁ ପରି ହୋଇ-ଯାଇଥିଲେ । ସେମାନେ ଜେରାର୍ଡ଼ର ଖୁବ୍ ପାଖକୁ ଲାଗିଗଲେ; କିନ୍ତୁ ଧରିବାପାଇଁ ଠିକ୍ ହାତ ବଢ଼ାଇବାବେଳକୁ ସେ ଖସି ଚାଲିଗଲା । କ୍ରମେ ଜେରାର୍ଡ ଓ ସେମାନଙ୍କ ମଧ୍ୟରେ ଦଶଗଜ ପର୍ଯ୍ୟନ୍ତ ବ୍ୟବଧାନ ହୋଇଗଲା । ଉଭୟ ପକ୍ଷ ପ୍ରାୟ ଶହେ ଗଜ ଦୌଡ଼ିଲେ, ତଥାପି ସେ ଦଶଗଜ ବ୍ୟବଧାନ କମିଲା ନାହିଁ ।

ମାର୍ଟିନ୍ ଚିତ୍କାର କଲା, “ସାବାସ୍ ଜେରାର୍ଡ଼ ! ସେ ଲୋକଗୁଡ଼ାକ ଥକିଗଲେଣି । ଦଉଡ଼, ଦଉଡ଼ ।”

ମାର୍ଟିନ୍‌ର କଥା ସତ । ଡେରିକ୍ ଓ ତାର ସାଥୀମାନେ ହାଲିଆ ହୋଇପଡ଼ିଥିଲେ । ଏଣିକି ଉଠାଣି ରାସ୍ତା ପଡ଼ିଲା । ଜେରାର୍ଡ଼କୁ ସୁବିଧା ମିଳିଲା । ଡେରିକ୍ ଉଠାଣି ମୁଣ୍ଡରେ ପହଞ୍ଚିଲାବେଳକୁ ତା'ର ଆଉ ଦଉଡ଼ିବାର ଶକ୍ତି ନ ଥିଲା । ସେ ଦଉଡ଼ିବା ବନ୍ଦ କରି ଧୀରେ ଧୀରେ ଚାଲିବାକୁ ଲାଗିଲା । ସେ ଲୋକମାନଙ୍କୁ କହିଲା – ତାକୁ ଧରି ନ ପାରିଲେ ପ୍ରାଣରେ ମାରିଦିଅ ।

ଡେରିକ୍ ପରେ ଅନ୍ୟମାନେ ଜଣକ ପରେ ଜଣେ ପଛେଇଗଲେ । କେବଳ ଏରିକ୍ ବୋଲି ଜଣେ ଲୋକ ଜେରାର୍ଡ଼ର ପଛେ ପଛେ ଲାଗି ରହିଲା । ଏହା ପରେ ଗୋଟାଏ ମୁଣ୍ଡିଆ ପଡ଼ିଲା । ଜେରାର୍ଡ ଘୋଡ଼ାକୁ ଆଗ୍ରା କରି ଉପରକୁ ଉଠିଲା । ଏରିକ୍ ପ୍ରାୟ ଅଶୀ ଗଜ ପଛରେ ରହିଗଲା । ତାର ଜେରାର୍ଡକୁ ଧରିବାର ଆଶା ଲୋପ ପାଇଲା । ତେଣୁ ସେ ଜେରାର୍ଡ଼କୁ ଲକ୍ଷ୍ୟ କରି ଗୋଟାଏ ଶର ମାରିଲା । କିନ୍ତୁ ତିନିଜଣ ଯାକ କୁଆଡ଼େ ଉଭେଇ ଗଲେ । ଘୋଡ଼ାର ମଧ୍ୟ ଦେଖା ମିଳିଲା ନାହିଁ ।

# ବିଚ୍ଛେଦ

ଏରିକ୍ ଭାବିଲା, ତା ଶରରେ ଜଣେ କେହି ମରିଥିବ ଅନ୍ୟମାନେ ଭୟରେ ତଳେ ପଡ଼ିଥିବେ । ସେ ତାର ସଙ୍ଗୀମାନଙ୍କୁ ଡାକିଲା—ଆସ, ସମସ୍ତଙ୍କୁ ଧରି ଆଣିବା । ଏହା କହି ସେ ଆଗେଇଗଲା । ସେ ଅଧେ ବାଟ ନ ଯାଉଣୁ ମାର୍ଟିନ ହଠାତ୍ ଧନୁଶର ଧରି ତା ଆଗରେ ଛିଡ଼ା ହୋଇଗଲା । ଏରିକ୍ ଭୟ ଓ ବିସ୍ମୟରେ ଗୋଟାଏ ଗଛ ପଛରେ ଲୁଚିଗଲା ।

ସେ ଦେଖିଲା, ମାର୍ଟିନ୍‌ର ଶର ତାର ଆଡ଼କୁ । ସେ ହଲ୍‌ଚଲ୍ ନ ହୋଇ ଛିଡ଼ା ହୋଇ ରହିଲା । ଏଥିମଧ୍ୟରେ ଏରିକ୍‌ର ସାଥୀମାନେ ଦେଖାଗଲେ । ମାର୍ଟିନ୍ ଘୋଡ଼ା ଉପରେ ବସି ଚାଲିଗଲା ।

ପୁଣି ସମସ୍ତେ ଦଉଡ଼ିଲେ । ପାହାଡ଼ ମୁଣ୍ଡରୁ ସେମାନେ ଜେରାର୍ଡ଼ ଓ ମାର୍ଗରେଟ୍‌କୁ ଦେଖି ପାରିଲେ । ସେ ଦୁହେଁ ଖୁବ୍ ଦୂରରେ ଥିଲେ । ମାର୍ଟିନ ଘୋଡ଼ାରେ ବସି ସେମାନଙ୍କ ପଛରେ ଯାଉଥିଲା ।

ଡେରିକ୍ ଶର ମାରିଲା ବେଳେ କଅଣ ହୋଇଥିଲା କହିଦେବା ଉଚିତ । ଶରଟି ଆସିଲା ବେଳକୁ ଦୈବାତ୍ ଘୋଡ଼ାର ଗୋଡ଼ ଗୋଟାଏ ଖାତରେ ପଡ଼ିଗଲା ଏବଂ ଜେରାର୍ଡ଼ ଓ ମାର୍ଗାରେଟ୍ ତା ଉପରୁ ତଳେ ପଡ଼ିଗଲେ । ଶରଟା କାହାରି ଦେହରେ ନ ବାଜି ଚାଲିଗଲା । ଘୋଡ଼ା ଉଠି ଛିଡ଼ାହେଲା । ମାର୍ଟିନ ବୁଲିପଡ଼ି ଡେରିକ୍‌କୁ ଦେଖିଲା ଜଣେ ଲୋକ ଆସୁଥିବାର ଦେଖି ସେ ଜେରାର୍ଡ଼ ଓ ମାର୍ଗାରେଟ୍‌କୁ ପଳାଇବାକୁ କହି ନିଜେ ଘୋଡ଼ା ପାଖରେ ଧନୁଶର ଧରି ଜଗିରହିଥିଲା ।

ଅନେକ ଦୂର ଯିବା ପରେ ମାର୍ଟିନ ଜେରାର୍ଡ଼ ଓ ମାର୍ଗାରେଟ୍ ପାଖେ ପହଞ୍ଚିଲେ ଓ ସେ ଦୁହିଁଙ୍କୁ ଘୋଡ଼ାରେ ବସାଇ ନିଜେ ଦୌଡ଼ିବାକୁ ଲାଗିଲେ । କିଛି ସମୟ ପରେ ସେ କ୍ଲାନ୍ତ ହୋଇପଡ଼ିବାରୁ ଘୋଡ଼ାରେ ବସିଲେ ଓ ଅନ୍ୟ ଦୁହେଁ ଦୌଡ଼ିଲେ । ଏହିପରିଭାବେ ସେମାନେ ଡେରିକ୍ ଓ ତାର ଲୋକମାନଙ୍କଠାରୁ ଏତେ ଦୂରକୁ ଚାଲିଗଲେ ଯେ ଆଉ ସେମାନେ

ଦେଖାଗଲେ ନାହିଁ । ଡ଼େରିକ୍ ପଳାତକଙ୍କୁ ଧରିବା ଆଶା ଛାଡ଼ିଦେଇ ତାର ଲୋକମାନଙ୍କୁ ଘେନି ବର୍ଗୋମାଷ୍ଟର ଓ ଆହତ କୁକୁରକୁ ସାହାଯ୍ୟ କରିବା ପାଇଁ ଫେରିଗଲା ।

ନିରାପଦ ସ୍ଥାନରେ ପହଞ୍ଚି ପାରିଥିବାରୁ ଜେରାର୍ଡ଼ ଓ ମାର୍ଗାରେଟ୍ ଆନନ୍ଦିତ ହେଲେ । ଏହି ସମୟରେ ଜେରାର୍ଡ଼ ମାର୍ଗାରେଟ୍ ଦେହରେ ରକ୍ତ ଲାଗିଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସେ ମନେକଲା ଯେ ଡ଼େରିକ୍‌ର ଶର ବାଜି ଏହି କ୍ଷତ ହୋଇଥିବ; କିନ୍ତୁ ମାର୍ଗରେଟ୍ କହିଲା, "ନା, ଶର ବାଜି ନାହିଁ । ମୁଁ ନିଜେ ଛୁରିରେ ରକ୍ତ ବାହାରକରି ପାଦରେ ବୋଳିଛି । ତାହାଲ କୁକୁର ରକ୍ତ ଶୁଙ୍ଘି ଲୋକ ପଛରେ ଲାଗନ୍ତି ବୋଲି ଶୁଣିଲି । କୁକୁର ତୁମ ପଛରେ ନ ଲାଗି କିପରି ମୋ ପଛରେ ଲାଗିବ ସେଥିପାଇଁ ମୁଁ ଏହା କରିଛି । ତୁମପାଇଁ ମୁଁ ମୋର ପ୍ରାଣ ଦେବାକୁ ପ୍ରସ୍ତୁତ । ସାମାନ୍ୟ ରକ୍ତ ଦେଲି ବୋଲି ଚିନ୍ତା କାହିଁକି ?"

ଏହା ଶୁଣି ଜେରାର୍ଡ଼ ଦୁଃଖରେ ଅଭିଭୂତ ହୋଇ କହିଲା, "ହାୟ । ତୁମେ ମୋ ପାଇଁ କଅଣ ନ କଲ ? କିନ୍ତୁ ଦୈବର ବିଡ଼ମ୍ବନା ଦେଖ— ତୁମକୁ ଛାଡ଼ି ମୋତେ ଦୂରକୁ ଯିବାକୁ ହେବ । ତୁମେ ହଲାଣ୍ଡରେ ରହିବ, ମୁଁ ରହିବି ସୁଦୂର ଇଟାଲିରେ ।"

ମାର୍ଟିନ ସେ ଦୁହିଁଙ୍କୁ ଗୋଟିଏ ରାସ୍ତାରେ ପହଞ୍ଚାଇ ଦେଇ କହିଲା, "ଜେରାର୍ଡ଼, ମୁଁ ଏଇ ରାସ୍ତା ବିଷୟ ତୁମକୁ କହୁଥିଲି । ଦୂରରେ ସେଇ ଯେ ଘର ଦେଖିପାରୁଛ ସେଠାରୁ ସାହାଯ୍ୟ ପାଇପାରିବ ।"

ଏଇଠାରୁ ଜେରାର୍ଡ଼ ମାର୍ଗାରେଟ୍‌ଠାରୁ ବିଦାୟ ନେବାର କଥା । ଜେରାର୍ଡ଼ ମାର୍ଟିନକୁ ଏକୁଟିଆ ଡାକିନେଇ କହିଲା— "ମୁଁ ଯାଉଛି; ମାର୍ଗାରେଟ୍ ତୁମକୁ ଲାଗିଲା । ସେ ମୋର ସ୍ତ୍ରୀ ନୁହେଁ ସେ ମୋ ଜୀବନର ଜୀବନ । ତାଙ୍କୁ ତୁମେ ରକ୍ଷା କରିବ ।" ମାର୍ଟିନ ଆଶ୍ୱାସନା ଦେଇ କହିଲା, "ଈଶ୍ୱରଙ୍କ ଉପରେ ନିର୍ଭର କରି ଯାଅ । ଜାଣିଥାଅ ମୁଁ ଥିବାଯାଏ ମାର୍ଗାରେଟ୍‌ର କିଛି ବିପଦ ହେବ ନାହିଁ ।"

ଜେରାର୍ଡ଼ ଲୁହ ଛଳ ଛଳ ଆଖିରେ ଚାଲିବାକୁ ଲଗିଲା । ମାର୍ଗାରେଟ୍ ଦୁଃଖରେ କାନ୍ଦ ପକାଇଲା । ମାର୍ଟିନ ତାକୁ ଘୋଡ଼ାରେ ବସାଇ ଘର ଆଡ଼କୁ ଫେରିଲା ।

ଜେରାର୍ଡ଼ ଚାଲି ଚାଲି ଯାଇ ସେହି ଘରେ ପହଞ୍ଚିଲା । ମାର୍ଟିନ ଯାହା କହିଥିଲା ସତ । ସେଠାରୁ ସେ ଗୋଟିଏ ଘୋଡ଼ା ଓ ବାଟ ଦେଖାଇବା ପାଇଁ ଜଣେ ଲୋକ ସାହାଯ୍ୟ ପାଇଲା । ଦୁହେଁ ଜର୍ମାନୀ ଆଡ଼କୁ ଅଗ୍ରସର ହେଲେ । ଅନେକ ସମୟ ପରେ ସେ ଦୁହେଁ ଗୋଟିଏ ଉଚ୍ଚ ପାହାଡ଼ ପାଖେ ପହଞ୍ଚିଲେ । ପାହାଡ଼ର ଅପର ପାର୍ଶ୍ୱର ପାଦଦେଶରେ ଗୋଟିଏ ସ୍ରୋତ ନଦୀ ବହିଯାଉଥିଲା । ପଥପ୍ରଦର୍ଶକ ସେଠାରେ ରହିଯାଇ କହିଲା, "ମୋର ଏଣିକି ଯିବା ଦରକାର ନାହିଁ । ଏଇ ନଦୀଟା ପାର ହୋଇଗଲେ ତୁମେ ଜର୍ମାନୀ ରାଜ୍ୟରେ ପ୍ରବେଶ କରିବ । କିନ୍ତୁ ତୁମେ ଯେଉଁ ଦେଶକୁ ଯାଉଛ, ସେ ଯେ କେତେ ଦୂର ତୁମର ମନୋମତ ହେବ ସେ ବିଷୟରେ ମୋର ସନ୍ଦେହ ।"

ପଥପ୍ରଦର୍ଶକ ଫେରିଗଲା । ଜେରାର୍ଡ଼ ନଦୀକୂଳକୁ ଯାଇ ତାର ନିର୍ମଳ ଜଳରୁ କିଛି ପିଇଲା, ହାତ ଗୋଡ ଧୋଇଲା । ସେ ନୂତନ ଜୀବନ ପାଇଲା ପରି ଅନୁଭବ କଲା । ସେ କ୍ଷୁଦ୍ର ନଦୀଟି ପାର ହୋଇ ଜର୍ମାନୀ ରାଜ୍ୟରେ ପାଦଦେଲା । କିନ୍ତୁ ସେତେବେଳକୁ ସେ ପ୍ରକୃତରେ ନିତାନ୍ତ ଅବସନ୍ନ ହୋଇପଡ଼ିଥିଲା ।

## ଅରଣ୍ୟତାରକା

କ୍ଳାନ୍ତ ଦେହ ଓ ବିପନ୍ନ ମନ ନେଇ ଜେରାର୍ଡ଼ ଚାଲିଲା । ସୂର୍ଯ୍ୟ ଅସ୍ତ ହୋଇ ଆସିଲେ । ତାର ଚିନ୍ତା, ରାତିରେ କେଉଁଠାରେ ବିଶ୍ରାମ ନେବ । ଦୈବ ଯୋଗକୁ ମେଘ ଘୋଟି ଆସିଲା । ସେ ଦୌଡ଼ିବାକୁ ଲଗିଲା । ଚାରିଆଡ଼ୁ ଅନ୍ଧାର ମାଡ଼ି ଆସିଲା । ତା ସାଙ୍ଗକୁ ଟୋପା ଟୋପା ବର୍ଷା । ଜେରାର୍ଡ଼ ଭାବିଲା, 'ହାୟ ! ମାର୍ଗାରେଟ୍‌କୁ ଛାଡ଼ି ଆସିଲି କାହିଁକି ?'

ବଣ ଭିତରେ ସଙ୍କୀର୍ଣ୍ଣ ରାସ୍ତାଟିଏ । ଉପରୁ ବର୍ଷା ପଡ଼ୁଛି; ସେଥିରେ ଚାଲିଛି ଜେରାର୍ଡ । ଅନ୍ଧାରରେ ଅବୁଡ଼ାଖାବୁଡ଼ା ରାସ୍ତାରେ ବାରମ୍ବାର ଝୁଣ୍ଟି ପଡ଼ୁଛି । ଶେଷରେ ଘୋର ଜଙ୍ଗଲ ଭିତରେ ସେ ଗୋଟିଏ ଘର ଭିତରୁ ଆଲୁଅ ଦେଖିପାରିଲା । କେତେ ଜଣ ଲୋକ ଘର ଭିତରେ କଥାବାର୍ତ୍ତା ହେଉଥିବାର ଶୁଣାଗଲା । ଜେରାର୍ଡ ଘରର କବାଟକୁ ଟିକିଏ ଠେଲି ଦେଇ ଭିତରକୁ ମୁଣ୍ଡ ଗଳାଇଲା । ସେ ଯାହା ଦେଖିଲା, ସେଥିରେ ଘର ଭିତରେ ପଶିବାକୁ ତାର ମନ ହେଲା ନାହିଁ ।

ଘର ମଝିରେ ଗୋଟିଏ ବଡ଼ ଉହ୍ନାଇରେ ନିଆଁ ଜଳୁଛି । ତା' ଚାରିପାଖେ ଲୋକଗୁଡ଼ାଏ ନିଆଁକୁ ବେଢ଼ି ବସିଛନ୍ତି । ସେମାନେ ଚାଷୀ-ମୂଲିଆ ଶ୍ରେଣୀର ଲୋକପରି ବୋଧହେଉଥିଲେ । ଜେରାର୍ଡ ଘର ଭିତରେ ପଶିଯାଇ ପଚାରିଲା, "ଏଠି ଏ ରାତିକ ପାଇଁ ମୋତେ ଆଶ୍ରା ମିଳିପାରିବ ?"

କେହି ଜଣେ କହିଲା, "ତୁ କେଉଁଠୁ ଆସିଲୁ ? ତୋତେ କଅଣ ଏ ଅରଣ୍ୟଭାରିକା ହୋଟେଲର ନାମ ଜଣା ନାହିଁ ?"

"ଯାହାହେଉ, ହୋଟେଲ ମାଲିକଙ୍କର କେଉଁଠି ଦେଖା ମିଳିବ ?"

"ହୋଟେଲ ମାଲିକ ? କଣ ମାଲିକାଣୀଙ୍କ କଥା କହୁଚୁ ? ତୁ ମାଲିକାଣୀଙ୍କୁ ଚହ୍ନୁନା ?"

ଉହ୍ନାଇ ପାଖରେ ପ୍ରାୟ ଚାଳିଶ ବର୍ଷର ଜଣେ ସ୍ତ୍ରୀ ଲୋକ ଚଉକି ଉପରେ ବସିଥିଲା । ସେ ଚଉକିଟି ଅନ୍ୟ ଚଉକିଗୁଡ଼ିକଠାରୁ ଟିକିଏ ବେଶୀ ଉଚ୍ଚ । ଜେରାର୍ଡ ସେହି ସ୍ତ୍ରୀ ଲୋକ ଆଡ଼କୁ ଚାହିଁ ପଚାରିଲା— "ଖାଇବାକୁ କିଛି ମିଳିପାରିବ ?"

ମାଲିକାଣୀ—"ଘଣ୍ଟାଏ ହେଲା ଖିଆପିଆ ସରିଲାଣି । କାଲି ସକାଳୁ କିଛି ଖାଇବାକୁ ମିଳିପାରେ ।"

ଜେରାର୍ଡ ମନ ଦୁଃଖରେ କହିଲା, "ଶୋଇବାକୁ ଜାଗା ମିଳିବ ତ ? ଏ ଓଦାଲୁଗାରେ ବସି ହେଉ ନାହିଁ । ସେଥିରେ ପୁଣି ପେଟରେ ଭୋକ ।"

"ବିଛଣା ଆସି ନାହିଁ । ସମସ୍ତେ ଯେତେବେଳେ ଶୋଇବେ ତୁମେ ବ ସେତେବେଳେ ଶୋଇବ । ହୋଟେଲ ତ ଜଣକ ପାଇଁ ନୁହେଁ — ସମସ୍ତଙ୍କ ପାଇଁ ।"—ମାଲିକାଣୀ କହିଲା ।

ଏହି ସମୟରେ କେତେଜଣ ଲୋକ ଶୁଖିଲା ଘାସ ବଡ଼ା ବଡ଼ା କରି ଆଣି ଘରେ ପକାଇଦେଲେ । ସେମାନେ ଏହି ଘାସକୁ ଉହ୍ଲେଇ ଘରପାଖେ ବଗୁଇ ତା' ଉପରେ ଶୋଇପଡ଼ିଲେ । ଏତେବେଳକୁ ଜେରାର୍ଡ଼ 'ବିଛଣା ଆସିବା'ର ଅର୍ଥ ବୁଝିପାରିଲା । ଜେରାର୍ଡ଼ ମଧ୍ୟ ସେହି ଘାସ ଉପରେ ପଡ଼ିଗଲା । ଅଳ୍ପ ସମୟ ମଧ୍ୟରେ ଅନ୍ୟମାନଙ୍କର ଘୁଙ୍ଗୁଡ଼ି ଶବ୍ଦ ଶୁଣାଗଲା; କିନ୍ତୁ ଜେରାର୍ଡ଼ର ଆଖିରେ ନିଦ ନାହିଁ । ତା'ର ଦେହଟା ସେଠାରେ ଥିଲା, କିନ୍ତୁ ମନ ଥିଲା ହଲାଣ୍ଡରେ—ମାର୍ଗାରେଟ୍ ପାଖରେ ।

ଜେରାର୍ଡ଼ ଭୋରରୁ ଉଠିଲାକ୍ଷଣି ଜଣେ ସୈନିକ ତାକୁ ଫରାସୀ ଭାଷାରେ ପଚାରିଲା, "ସୂର୍ଯ୍ୟ ଉଇଁବା ଆଗରୁ ଉଠିପଡ଼ିଲ ଯେ !"

"ନ ଉଠି ଉପାୟ କଅଣ ଅଛି ? ଏପରି କାଗାରେ କଅଣ ନିଦ ହୁଏ ?"

ଦୁହିଁଙ୍କ ଭିତରେ ପରିଚୟ ହୋଇଗଲା । ଯେଉଁ ସୈନିକଟି ପ୍ରଥମେ ପଚାରୁଥିଲା ତା'ର ନାମ ଡେନିସ୍ । ଦୁହେଁ ସାଙ୍ଗ ହୋଇ ହୋଟେଲରୁ ବାହାରିଲେ ।

## ଭାଲୁ

ଜେରାର୍ଡ଼ ଓ ଡେନିସ୍ ଗୋଟିଏ ଜଙ୍ଗଲ ଭିତରେ ଯାଉଥାନ୍ତି । ଜେରାର୍ଡ଼ର ଦୃଷ୍ଟି ରାସ୍ତା ଉପରେ ନ ଥାଏ । ତା' ମନରେ ମାର୍ଗାରେଟ୍ ଛଡ଼ା ଅନ୍ୟ କୌଣସି ଚିନ୍ତା ପଶିପାରୁ ନ ଥିଲା । ହଠାତ୍ ଡେନିସ୍ ତା'ର କାନ୍ଧରେ ହାତ ଭରା ଦେଇ ଠିଆ ହୋଇଗଲା । ଅନ୍ୟ ହାତରେ ଧନୁ । ସେ ଚୁପ୍‌ଚୁପ୍ କରି ଜେରାର୍ଡ଼କୁ କହିଲା, "କିଛି ଶବ୍ଦ କର ନାହିଁ ।" ଜଙ୍ଗଲରୁ ଗୋଟାଏ କିଛି ଶବ୍ଦ ଶୁଣାଯାଉଥିଲା । ଜେରାର୍ଡ଼ ଏଥିମଧ୍ୟରେ ଗୋଟାଏ କୁରାଢ଼ି ଯୋଗାଡ଼ କରିଥିଲା । ସେ କୁରାଢ଼ିଟିକୁ

ଜୋର୍‌ରେ ଧରି ଛାଡ଼ିଦେଲା । ଡେନସ୍ ବଣ ଭିତରକୁ ପଶିଯାଇ ଗୋଟାଏ ଶର ମାରିବା ସଙ୍ଗେ ସଙ୍ଗେ ପାଟିକଲା, "ଜେରାର୍ଡ଼, ତା' ଦେହରେ ଶରଟା ବାଜିଛି । ତୁମେ ଆଗକୁ ଦଉଡ଼ିଯାଇ ରାସ୍ତାରେ ଜଗିରହ ।"

ଜେରାର୍ଡ଼ ଅଳ୍ପ ଦୂର ନ ଯାଉଣୁ ଗୋଟାଏ ଭାଲୁଛୁଆ ତା' ଆଗକୁ ଦୌଡ଼ିଆସି ପଛ ଗୋଡ଼ରେ ଛିଡ଼ା ହୋଇଗଲା । ସେ ପାଟି ମେଲାକରି ଆଗ ଗୋଡ଼ରେ ରାମ୍ପୁଡ଼ିବାକୁ ଗଲାବେଳକୁ ଜେରାର୍ଡ଼ କୁରାଢ଼ିରେ ତା' ମୁହଁରେ ଚୋଟ ଉପରେ ଚୋଟ ମାରିଲା । ଛୁଆ ଭାଲୁଟା ମରି ତଳେ ପଡ଼ିଗଲା । ଡେନସ୍ ଆସି କହିଲା, "ଆଉ, ସେତିକି ହୋଇଥାଉ । ସେତିକି ମାଂସ ହୋଇଗଲା । ଦୁହେଁଯାକ ପାଳି କରି ଏଟାକୁ ବୋହି ନେବା ।"

ଜେରାର୍ଡ଼ ପଛପଟୁ ପୁଣି ଶବ୍ଦ ଶୁଣି ବୁଲିପଡ଼ି ଦେଖେ ତ ଗୋଟାଏ ପ୍ରକାଣ୍ଡ ଭାଲୁ, ସେମାନଙ୍କର ଖୁବ୍ ପାଖକୁ ଆସିଗଲାଣି । ସେ ଡାକ ଦେଲା—ଡେନସ୍ । ଡେନସ୍ ବୁଲିପଡ଼ି ଦେଖିଲା ଗୋଟାଏ ପ୍ରକାଣ୍ଡ ଭାଲୁ । ଏଇଟା ଛୁଆଭାଲୁର ମାଆ ବୋଲି ବୁଝିବାକୁ ସେମାନଙ୍କୁ ସମୟ ଲାଗିଲା ନାହିଁ । ସାକ୍ଷାତ୍ ଯମ ପରି ପଛରେ ଧାଉଁଛି ।

ଭାଲୁ ଜେରାର୍ଡ଼କୁ ଦେଖି ଆଁ କରି ମାଡ଼ିଆସିଲା । ଡେନସ୍ ଡାକ ଛାଡ଼ିଲା, "ଗଛ ଉପରକୁ ଉଠିଯାଅ – ଗଛ ଉପରକୁ ।"

ଏହା କହିବା ସଙ୍ଗେ ସଙ୍ଗେ ସେ ମଲା ଛୁଆଭାଲୁଟାକୁ ତଳେ ଫିଙ୍ଗିଦେଇ ଗୋଟାଏ ଗଛରେ ଚଢ଼ିଗଲା । ତା' ପଛେ ପଛେ ଜେରାର୍ଡ଼ ମଧ୍ୟ ଗଛ ଉପରକୁ ଉଠିଗଲା । ଏଣେ ଭାଲୁଟା ମଲା ଛୁଆ ପାଖରେ ରହିଯାଇ ତାକୁ କିଛି ସମୟ ଶୁଙ୍ଘିଲା । ଲୋକ ଦୁଇ ଜଣଙ୍କ ଉପରେ ମଧ୍ୟ ତାର ନଜର ଥାଏ । ଛୁଆଟା ମରିଥିବାର ଜାଣିପାରି ସେ କ୍ରୋଧରେ ଦଉଡ଼ିଯାଇ ଆଗେ ଗଛର ଗଣ୍ଡିକୁ କାମୁଡ଼ି ପକାଇଲା । ତତ୍ପରେ ସେ ଧୀରେ ଧୀରେ ଗଛ ଉପରକୁ ଉଠିଲା ।

ଡେନସ୍ ଗଛର ସବା ଉପର ଡାଳଯାଏ ଚଢ଼ିଗଲା । ଗଛ ସେତେ ଡେଙ୍ଗା ନୁହେଁ; ପୁଣି ଶୁଖିଲା । ଭାଲୁ ତା'ର ପାଖକୁ ମାଡ଼ିଚାଲିଲା ।

ଜେରାର୍ଡ଼ ଡେନାସ୍‌ର ବିପଦ ଦେଖି ଗଛ ଡାଳରୁ ତଳକୁ ଡେଇଁପଡ଼ିଲା ଓ ତଳେ ପଡ଼ିଥିବା ଧନୁକୁ ଟେକିନେଇ ଭାଲୁକୁ ଗୋଟାଏ ଶର ମାରିଲା । ଶର ବାଜିବାରୁ ଭାଲୁ ଗର୍ଜନ କଲା । ଡେନାସ୍ ଡାକି ଦେଲା—ଜେରାର୍ଡ଼, ଗଛ ଉପରକୁ ପଳାଅ । ନ ହେଲେ ଭାଲୁ ତୁମ ପ୍ରାଣ ନେବ ।

ଜେରାର୍ଡ଼ କହିଲା, "ମଲେ ମରିବି—ସେଥିପାଇଁ ମୋର ଚିନ୍ତା ନାହିଁ ।" ଏହା କହି ସେ ଭାଲୁ ଉପରକୁ ଆଉ ଗୋଟାଏ ଶର ମାରିଲା । ଡେନାସ୍ ପୁଣି ଡାକ ଦେଲା, "ପଳାଅ, ପଳାଅ ! ଓଃ, କେଡ଼େ ଓଲୁ ! ପଳାଅ ।"

ଭାଲୁ ଗଛ ଉପରେ ଡେନାସ୍‌କୁ ଛାଡ଼ି ତଳକୁ ଓହ୍ଲାଇବାକୁ ଲାଗିଲା । ତହୁଁ ଜେରାର୍ଡ ଦଉଡ଼ିଯାଇ ଅନ୍ୟ ଏକ ଗଛରେ ଚଢ଼ିଗଲା; କିନ୍ତୁ ସେ ଅଳ୍ପ ଦୂର ଉଠିଲା ବେଳକୁ ଭାଲୁ ଦଉଡ଼ିଯାଇ ପଛଗୋଡ଼ରେ ଛିଡ଼ା ହୋଇ ଆଗ ଗୋଡ଼ରେ ତାକୁ ଆକ୍ରମଣ କଲା । ଏହା ଫଳରେ ଜେରାର୍ଡ଼ର ଗୋଡ଼ ଖଣ୍ଡିଆ ହୋଇ ରକ୍ତ ବୋହିଲା ଓ ତା'ର ପୋଷାକରୁ ଖଣ୍ଡେ ଛିଡ଼ିଆସିଲା । ଜେରାର୍ଡ ଆଉ ତଳକୁ ନ ଚାହିଁ ଉପର ଡାଳକୁ ଚଢ଼ିଗଲା । ଭାଲୁ ମଧ୍ୟ ତା' ପଛେ ପଛେ ଚଢ଼ିଲା ।

ତାହା ଦେଖି ଭୟରେ ଜେରାର୍ଡ଼ର ରକ୍ତ ପାଣି ହୋଇ ଆସିଲା । ସେତେବେଳକୁ ସେ ଭୂଇଁଠାରୁ ପ୍ରାୟ ଚାଳିଶ ଫୁଟ ଉଚ୍ଚରେ । ସେଠାରୁ ଡେଇଁବା ଅର୍ଥ ମୃତ୍ୟୁ । ଏଣେ ଭାଲୁ ଆସୁଛି—ନ ଡେଇଁଲେ ଭାଲୁ ହାତରେ ମଧ୍ୟ ମୃତ୍ୟୁ । ସେ କଅଣ କରିବ ସ୍ଥିର କରି ପାରିଲା ନାହିଁ ।

ଭାଲୁ ତାର ଖୁବ୍ ନିକଟ ହୋଇ ଆସିଲା ବେଳକୁ ଡେନାସର ଶର ଆସି ଭାଲୁ ଦେହରେ ବାଜିଲା । ଭାଲୁ ଆହତ ହୋଇ ତଳକୁ ଖସିପଡ଼ିଲା; କିନ୍ତୁ ସେ ଖସିପଡ଼ିବା ସଙ୍ଗେ ସଙ୍ଗେ ଡାଳଟା ଛିଡ଼ିଯିବାରୁ ଜେରାର୍ଡ଼ ମଧ୍ୟ ଛିଟିକି ହୋଇ ତଳେ ପଡ଼ିଲା । ଦୈବଯୋଗକୁ ସେ ଭାଲୁର ଗୋଡ଼ ଉପରେ ପଡ଼ିଗଲା । ତଥାପି ସେ ତଳେ ପଡ଼ି ଅଚେତ ହୋଇଗଲା । ମାତ୍ର ଭାଲୁ ଉପରେ ପଡ଼ିଥିବାରୁ ଜେରାର୍ଡ଼ର ବିଶେଷ କ୍ଷତି ହୋଇନଥିଲା ।

କିଛି ସମୟ ପରେ ଭାଲୁଟା ମରିଗଲା । ଡେନିସ୍ ଜେରାର୍ଡ଼୍‌କୁ ମଲା ଭାଲୁ ଉପରେ ଆଉଜାଇ ବସାଇଦେଲା । ଆସ୍ତେ ଆସ୍ତେ ଜେରାର୍ଡ଼୍‌ର ଚେତା ଫେରିଆସିଲା ।

## ଜେରାର୍ଡ଼୍ ଓ ଡେନିସ୍

ଜେରାର୍ଡ଼୍ ଓ ଡେନିସ୍ ଭିତରେ ବନ୍ଧୁତା ବଢ଼ିବାକୁ ଲାଗିଲା । ଦୁହେଁଯାକ ଦିନଯାକ ଚାଲନ୍ତି; ରାତିରେ କୌଣସିଠାରେ ବିଶ୍ରାମ ନିଅନ୍ତି । ଏହିପରି ଚାଲି ଚାଲି ଅନେକ ଦିନ ପରେ ସେ ଦୁହେଁ ବର୍ଗାଣ୍ଡି ରାଜ୍ୟରେ ପହଞ୍ଚିଲେ । ଏହିଠାରେ ଏକ ବିପଦ ଉପସ୍ଥିତ ହେଲା ।

ସେତେବେଳକୁ ଶୀତ ଦିନ । ଚାରିଆଡ଼େ ବରଫ ପଡ଼ୁଥାଏ । ଦିନେ ଦୁହେଁଯାକ ଗୋଟିଏ ସହରରେ ଯାଉଛନ୍ତି, ଏହି ସମୟରେ ଜଣେ ସୈନିକ ଦୌଡ଼ି ଦୌଡ଼ି ଆସି ସେମାନଙ୍କୁ ଅଟକାଇଲା । ଏହି ସୈନିକଟି ଡେନିସ୍‌ର ପରିଚିତ ବନ୍ଧୁ । ଦୁହିଁଙ୍କୁ ସେ ଗୋଟିଏ ଘରକୁ ଡାକି ନେଇ କିଛି ଖାଇବାକୁ ଦେଲା । ଡେନିସ୍ ଓ ସେହି ସୈନିକ ଭିତରେ ଗଳ୍ପ ଚାଲିଲା । ସୈନିକଟି କହିଲା – ଫ୍ଲାଣ୍ଡର୍ସରେ ଯୁଦ୍ଧ ଲାଗିଛି । ବର୍ଗାଣ୍ଡିର ସବୁ ସୈନ୍ୟଙ୍କୁ ଆଦେଶ ହୋଇଛି ସେମାନେ ଫ୍ଲାଣ୍ଡର୍ସକୁ ଯିବେ ।

ଡେନିସ୍ କହିଲା, "ଜେରାର୍ଡ଼୍, ଶୁଣୁଛ, ମୋର ଏହି ବନ୍ଧୁ ହଲାଣ୍ଡ ଯାଉଛନ୍ତି । ତୁମେ ଚିଠି ଦେଲେ ସେ ନେଇଯିବେ ।"

ଜେରାର୍ଡ଼୍ ସଙ୍ଗେ ସଙ୍ଗେ କାଗଜକଲମ ବାହାର କରି ଚିଠି ଲେଖି ବସିଲା । ସେଥିରେ ସେ ଭାଲୁ ମୁହଁରୁ ରକ୍ଷାପାଇବା ଓ ଡେନିସ୍ ସହିତ ବନ୍ଧୁତା ବିଷୟ ବିଶେଷ ଭାବରେ ଲେଖିଲା । ସେ ଘରେ ଯେତେ ଲୋକ ଥିଲେ, ସେମାନେ ସମସ୍ତେ ଜେରାର୍ଡ଼୍‌ର ସୁନ୍ଦର ହସ୍ତାକ୍ଷରର ପ୍ରଶଂସା କଲେ ।

ଡେନସ୍ ଜେରାର୍ଡର ଚିଠିଖଣ୍ଡିକ ତା'ର ସୈନିକ ବନ୍ଧୁ ହାତରେ ଦେଲା ଓ ସେ ଦୁହେଁ ପୁଣି ଚାଲିଲେ ।

ଅଳ୍ପଦୂର ଯିବା ପରେ ସେମାନେ ପ୍ରାୟ ପଚିଶ ଜଣ ଘୋଡ଼ସବାର ସୈନ୍ୟଙ୍କୁ ଦେଖିଲେ । ଡେନସ୍ ଆନନ୍ଦରେ କହିଲା, "ଏମାନଙ୍କ ଭିତରେ ମଧ୍ୟ ମୋର ପରିଚିତ ବନ୍ଧୁ ଥାଇ ପାରନ୍ତି । ବର୍ଗାଣ୍ଡିର ଜାତୀୟ ପତାକା କପରି ଉଡ଼ୁଛି ଦେଖିଲ ?"

କେହି ଜଣେ ଆଦେଶ ଦେବାରୁ ସୈନ୍ୟମାନେ ରହିଗଲେ । ବର୍ଗାଣ୍ଡିର ରାଜା ଘୋଡ଼ାରେ ଆଗେଇ ଆସି ଡେନସ୍‌କୁ କହିଲେ, "ଏ ବଡ଼ ଆଶ୍ଚର୍ଯ୍ୟର କଥା ! ସବୁ ସୈନ୍ୟ ଉତ୍ତରମୁହାଁ ହୋଇ ଫ୍ରାନ୍ସକୁ ଚାଲିଛନ୍ତି । କିନ୍ତୁ ତୁମେ ଜଣେ ସୈନିକ ହୋଇ ଦକ୍ଷିଣକୁ ଚାଲିଛ କୁଆଡ଼େ ?" ଡେନସ୍ ଉତ୍ତର କଲା, "ଅନେକ ବର୍ଷ ହେଲା ଯୁଦ୍ଧ-ବିଭାଗରେ କାର୍ଯ୍ୟ କଲା ପରେ ମୁଁ ଛୁଟି ନେଇ ମୋ ଘରକୁ ଯାଉଛି ।"

ରାଜା କ୍ରୁଦ୍ଧ ହୋଇ କହିଲେ, "ମୋତେ ଉତ୍ତର ଦେବାକୁ ତୁମର ସାହସ ! ଜୀବନକୁ କଅଣ ଆଶା ନାହିଁ ? ସେ ଯୁବକର ହାତ ଛାଡ଼ିଦେଇ ଘୋଡ଼ାରେ ବସ । ମୁଁ ଆଉ କିଛି ଶୁଣିବାକୁ ଚାହେଁ ନାହିଁ ।" ଡେନସ୍ ଅଗତ୍ୟା ସୈନ୍ୟଦଳରେ ଯୋଗଦେଲା ।

ଜେରାର୍ଡ଼ ଛଳ ଛଳ ଆଖିରେ ଡେନସ୍‌କୁ ବିଦାୟ ମାଗି କହିଲା, "ତୁମେ ହଲାଣ୍ଡକୁ ଯାଉଛ । ମାର୍ଗାରେଟ୍‌ର ଠିକଣା ତୁମେ ଜାଣ । ତାକୁ ମୋ ସମ୍ବାଦ ଦେବ ।"

ଆଉ ସମୟ ନ ଥିଲା । ଡେନସ୍ ଗୋଟାଏ ଘୋଡ଼ାରେ ବସି ସୈନ୍ୟମାନଙ୍କ ସଙ୍ଗରେ ଚାଲିଲା ।

## ପଥରେ ଜେରାର୍ଡର ଅଭିଜ୍ଞତା

ଡେନସ୍‌ଠାରୁ ଅଲଗା ହେବା ପରେ ଜେରାର୍ଡ଼କୁ ଅନେକ ବିପଦର ସମ୍ମୁଖୀନ ହେବାକୁ ପଡ଼ିଥିଲା । କେତେଜଣ ଲୋକ ଘୋଡ଼ାରେ ଆସି

ତାର ସମସ୍ତ ଟଙ୍କା ଛଡ଼ାଇନେଲେ । ସେ ବନ୍ଧୁହୀନ, ଅର୍ଥହୀନ ହୋଇ ଘୋର ଦୁଃଖରେ ବୁଲିଲା । ଶେଷରେ ନିତାନ୍ତ କ୍ଳାନ୍ତ ହୋଇ ବରଫ ଉପରେ ପଡ଼ିରହିଲା । ଘଣ୍ଟାଏ ଦୁଇ ଘଣ୍ଟା ପରେ ଜଣେ କେହି ତାକୁ ଟାଣି ଉଠାଇ ଦେଇ କହିଲା, "ତୁମେ କଅଣ ପାଗଳ ! ବରଫ ଉପରେ ଶୋଇଛ କପରି ? ଜାଣ, ଏଠି ହେଟାବାଘର ଉତ୍ପାତ ! ଜୀବନକୁ କଅଣ ଆଶା ନାହିଁ ?"

ଜେରାର୍ଡ୍ ଉଠି ଛିଡ଼ା ହେବା ପରେ ସେ ପୁଣି ପଚାରିଲା, "ତୁମେ ଧନୀ ନା ଗରିବ ?" ଜେରାର୍ଡ୍ ଦେଖିଲା, ତା' ଆଗରେ ଜଣେ ସ୍ତ୍ରୀଲୋକ ।

ଏ ପ୍ରଶ୍ନର କି ଉତ୍ତର ଦେବ ତାହା ଜେରାର୍ଡ୍ ସ୍ଥିର କରିପାରିଲା ନାହିଁ । ଶେଷରେ ସେ କହିଲା, "କିଛି ସମୟ ପୂର୍ବେ ମୁଁ ଧନୀ ଥିଲି । ମୋ' ପାଖରେ ଟଙ୍କା ଥିଲା, ମୋର ଜଣେ ବନ୍ଧୁ ଥିଲେ; କିନ୍ତୁ ବର୍ଗାଣ୍ଡିର ରାଜା ମୋର ବନ୍ଧୁଙ୍କୁ ମୋ'ଠାରୁ ଛଡ଼ାଇ ନେଲେ; ଆଉ କେତେଜଣ ମୋର ସମସ୍ତ ଟଙ୍କା ପକାଇ ନେଇଗଲେ । ତେଣୁ ମୋତେ ନିତାନ୍ତ ଦରିଦ୍ର କହିବାକୁ ହେବ ।"

ରମଣୀଟି ଜେରାର୍ଡ୍‌କୁ ତା' ଘରକୁ ନେଇଗଲା । ଟେବୁଲ ଉପରେ ଜଣକ ପାଇଁ ଭୋଜନ ସଜଡ଼ା ହୋଇ ରହିଥିଲା । ଜେରାର୍ଡ୍ ବୁଝିଲା ଯେ ଜଣେ ଲୋକର ମୃତ୍ୟୁ ହୋଇଅଛି । ମୃତଦେହକୁ କବର ଦେବା ପରେ ଜଣେ ଦରିଦ୍ର ଲୋକକୁ ପୂର୍ଣ୍ଣ ଭୋଜନ ଦେବା ବିଧି । ସେହି ଉଦ୍ଦେଶ୍ୟରେ ଜେରାର୍ଡ୍‌କୁ ନିମନ୍ତ୍ରଣ । ସେ ଉତ୍ତମ ଭୋଜନ ପାଇ ତୃପ୍ତ ହେଲା । ସେହିଠାରେ ତା'ର ଶୋଇବାର ବ୍ୟବସ୍ଥା ମଧ୍ୟ ହେଲା ।

ପରଦିନ ସ୍ତ୍ରୀଲୋକଟି ଜେରାର୍ଡ୍‌କୁ ବାଟଖର୍ଚ୍ଚ ପାଇଁ କିଛି ଟଙ୍କା ଯାଚିଲା । ଜେରାର୍ଡ୍‌ର ଟଙ୍କା ନିତାନ୍ତ ଦରକାର ଥିଲା; କିନ୍ତୁ ସାହାଯ୍ୟ ଗ୍ରହଣ କରିବାକୁ ତା'ର ମନ ହେଲା ନାହିଁ । ସ୍ତ୍ରୀ ଲୋକଟି କହିଲା, "ତୁମେ ଗରିବ, ମୁଁ ମଧ୍ୟ ଗରିବ । ଗରିବକୁ ଗରିବ ସାହାଯ୍ୟ ନ କଲେ ଆଉ କିଏ କରିବ ?"

ଜେରାର୍ଡ଼ କହିଲା, "ମୁଁ ଅଭାବରେ ପଡ଼ିଛି ସତ; କିନ୍ତୁ ବିନା ପରିଶ୍ରମରେ କାହାଠାରୁ କିଛି ଗ୍ରହଣ କରିବା ମୋର ଇଚ୍ଛା ନୁହେଁ । କହିଲେ ତୁମ ପାଇଁ ଖଣ୍ଡିଏ ଛବି ଆଙ୍କିଦେବି ।"

"ଏଁ ତୁମେ ଛବି ମଧ୍ୟ ଆଙ୍କିପାର ? ତୁମେ ମୋର ଛବିଟିଏ ଆଙ୍କି ପାରିଲେ ମୁଁ ଖୁବ ଆନନ୍ଦିତ ହେବି ।"

ଜେରାର୍ଡ଼ ସ୍ତ୍ରୀ ଲୋକଟିକୁ ଆଲୁଅରେ ବସାଇ ତା'ର ଗୋଟିଏ ଛବି ଆଙ୍କିଲା । ସ୍ତ୍ରୀଲୋକଟି ଛବିଟିକୁ ନେଇ ତା'ର ପ୍ରେମିକକୁ ଦେଖାଇଲା । ଦୁହେଁଯାକ ଆନନ୍ଦରେ ବିଭୋର ହୋଇ ଜେରାର୍ଡ଼କୁ ଆଲିଙ୍ଗନ କଲେ । ଏହାପରେ ଜେରାର୍ଡ଼ ସେ ଦୁହିଁଙ୍କଠାରୁ ବିଦାୟ ନେଇ ରାଇନ୍ ନଦୀ ଅଭିମୁଖରେ ଚାଲିଲା ।

ଜେରାର୍ଡ଼ ନଦୀ ପାର ହୋଇ ଅଗସ୍‌ବର୍ଗରେ ପହଞ୍ଚିଲା । ସେ ଦେଖିଲା, ଅଗସ୍‌ବର୍ଗରେ ଛାପାକଳ ପ୍ରବେଶ କଲାଣି । ଛଅଟି ଛାପାଖାନା ଚାଲୁଛି । ତଥାପି ହାତଲେଖା ଲୋପ ପାଇ ଯାଇନାହିଁ । ମି: ଫଗର ବୋଲି ଜଣେ ଧନୀ ବଣିକ ତାଙ୍କ ହିସାବ ଲେଖିବା କାମରେ ଜେରାର୍ଡ଼କୁ ନିଯୁକ୍ତ କଲେ ଓ ଭଲ ଦରମା ଦେବେ ବୋଲି କହିଲେ । ଫଗରଙ୍କ ପିତା ଜଣେ ସାମାନ୍ୟ ତନ୍ତୀ ଥିଲେ; କିନ୍ତୁ ଫଗର୍ ନିଜ ବୁଦ୍ଧି ବଳରେ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଥିଲେ । ତାଙ୍କର ଅନେକ ଜାହାଜ ମଧ୍ୟ ଥିଲା ।

ଫଗର୍ ଓ ଅନ୍ୟ କେତେ ଜଣ ବଣିକ ରୋମ୍ ଯାଉଥିଲେ । ସ୍ଥିର ହେଲା, ଜେରାର୍ଡ଼ ବାଟରେ ଫଗରଙ୍କ ଚିଠିପତ୍ର ଲେଖିବ ଓ ସେଥିପାଇଁ ତାଙ୍କଠାରୁ ଖାଦ୍ୟପେୟ ପାଇବ । ତାକୁ ଜାହାଜ ଭଡ଼ା ଦେବାକୁ ହେବ ନାହିଁ । ଏହି ସୁବିଧା ନେଇ ସେ ରୋମ୍ ଚାଲିଗଲା ।

## ଟର୍ଗାଓର ହାଲଚାଲ

ଜେରାର୍ଡ଼ ଟର୍ଗାଓରୁ ପଳାଇଯିବା ପରେ ସମସ୍ତଙ୍କ ମୁହଁରେ ତା'ର କଥା ଶୁଣାଗଲା । ଲୋକେ ତା'ର ଯେତିକି ପ୍ରଶଂସା କଲେ, ତା'ର

ବାପ ଓ ବର୍ଗେ ମାଷ୍ଟରର ସେଠିକ ବନ୍ଦୀ କଲେ । ଇଲ୍‌ଆସ୍‌ର ଘରେ କେହି ମାର୍ଗରେଟ୍‌ର ନାଁ ଧରୁ ନ ଥିଲେ; କିନ୍ତୁ ବାହାରେ ସମସ୍ତେ ତା' ପାଇଁ ଦୁଃଖ ପ୍ରକାଶ କରୁଥିଲେ, ତା'ର ଧୈର୍ଯ୍ୟ ଓ ସାହସର ପ୍ରଶଂସା କରୁଥିଲେ । ବିଶେଷତଃ ଯୁବକଯୁବତୀମାନେ ତାହା ପ୍ରତି ଗଭୀର ସହାନୁଭୂତି ଦେଖାଉଥିଲେ ।

ମାର୍ଗାରେଟ୍ ଖାଲି ଜେରାର୍ଡ଼ ବିଷୟ ଚିନ୍ତା କରି କରି ସମସ୍ତ କଟାଉ ନ ଥିଲା; ବୃଦ୍ଧ ପିତା ପ୍ରତି ସେ ତା'ର କର୍ତ୍ତବ୍ୟରେ ଆଦୌ ହେଳା କରୁ ନ ଥିଲା । କଠୋର ପରିଶ୍ରମ ଓ ଚିନ୍ତା ଫଳରେ ତା'ର ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିଲା ।

ମାର୍ଟିନ୍ ଉଇଟେନ୍‌ହାଗେନ୍ ଭାବିଲା—ବର୍ଗୋମାଷ୍ଟରର ଅତ୍ୟାଚାରରୁ ରକ୍ଷା ପାଇବାକୁ ହେଲେ ସ୍ୱୟଂ ରାଜାଙ୍କୁ ଜଣାଇବା ଛଡ଼ା ଅନ୍ୟ ଗତି ନାହିଁ । ରାଜାଙ୍କ ସହିତ ସାକ୍ଷାତ ଉଦ୍ଦେଶ୍ୟରେ ସେ ରଟର-ଡ଼ାମ୍‌କୁ ଗଲା । କିନ୍ତୁ ପ୍ରହରୀମାନେ ତାକୁ ରାଜାଙ୍କ ପାଖକୁ ଯିବାପାଇଁ ଛାଡ଼ିଲେ ନାହିଁ । ଏହାର ପରଦିନ ସକାଳେ ରାଜା ଶିକାରକୁ ଯିବାର ଥିଲା । ମାର୍ଟିନ୍ ରାଜାଙ୍କ ଯିବା ବାଟରେ ପଡ଼ିରହିଲା । ରାଜା ଆସୁଥିବାର ଦେଖି ସେ ଚିତ୍କାର କଲା, "ମହାରାଜ, ମୋ ର ଗୁହାରି ଶୁଣାଯାଉ ।" ରାଜାଙ୍କ ପାଖଲୋକେ ତାକୁ ବାଟରୁ ଟାଣିନେବାକୁ ବସିଥିଲେ; କିନ୍ତୁ ରାଜା ସେମାନଙ୍କୁ ବାରଣ କରି ପଚାରିଲେ, "ବୃଦ୍ଧ, ତୁମର ଆପତ୍ତି କଅଣ ?"

"ଏ ବୃଦ୍ଧ ସୈନିକ ପ୍ରତି ମହାରାଜାଙ୍କର ଦୟା ହେଉ । ସହରର ଲୋକେ ମୋର ସର୍ବନାଶ କରୁଛନ୍ତି ।"

ରାଜା ଫିଲିପ୍ ମାର୍ଟିନ୍‌କୁ ପାଖକୁ ଡକାଇଲେ । ଗୋଟାଏ ଯୁଦ୍ଧରେ ଫିଲିପ୍‌ଙ୍କୁ ଲକ୍ଷ୍ୟକରି ଶତ୍ରୁପକ୍ଷ ଶର ମାରୁଥିଲେ; କିନ୍ତୁ ମାର୍ଟିନ ରାଜାଙ୍କ ପାଖକୁ ଦୌଡ଼ିଆସି ତାଙ୍କୁ ରକ୍ଷା କରିଥିଲା; ଶରଟି ମାର୍ଟିନର ବାହୁରେ ଆଘାତ କରିଥିଲା । ମାର୍ଟିନ ରାଜାଙ୍କୁ ଏହି ଘଟଣା ସ୍ମରଣ କରାଇଦେଲା । ରାଜା ମାର୍ଟିନ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାର ନିବେଦନ ଜାଣିବାକୁ ଚାହିଁଲେ । ମାର୍ଟିନ ଜେରାର୍ଡର ବନ୍ଦୀ ହେବା, ତାର

ବନ୍ଦୀଶାଳାରୁ ପଳାୟନ, ତାଙ୍କୁ ଧରିବାପାଇଁ ବର୍ଗୋମାଷ୍ଟରଙ୍କ ଉଦ୍ୟମ, କୁକୁରର ହତ୍ୟା—ଏ ସବୁ ବର୍ଣ୍ଣନା କରିଗଲା । ରାଜା ଧୈର୍ଯ୍ୟ ସହକାରେ ସବୁ ଶୁଣି କହିଲେ, "ଏବେ ତୁମେ କଅଣ ଚାହଁ ।"

"ମୋତେ ଓ ଜେରାର୍ଡ଼ଙ୍କୁ ସକଳ ଅପରାଧରୁ କ୍ଷମା ମିଳୁ ।"

"କେଉଁ ଅପରାଧର କ୍ଷମା ?"

"ଜେଲଖାନାରୁ ପଳାଇବା ।"

"ଅଚ୍ଛା, ଏଇଟା ସେଭଳି ବଡ଼ ଅପରାଧ ନୁହେ । ଚଟଢ଼ଇକୁ ପିଞ୍ଜରାରେ ବନ୍ଦ କଲେ ସେ ଉଡ଼ିଯିବାକୁ ଚେଷ୍ଟା କରିବ ହିଁ କରିବ । ଜଣେ ଯୁବକ ଜଣେ ଯୁବତୀକୁ ଭଲ ପାଇଲା—ସେଥିପାଇଁ ତାକୁ ବନ୍ଦୀ କରିବାର ଅର୍ଥ ମୁଁ ବୁଝି ପାରୁନାହିଁ । ଆଉ କି ଅପରାଧ ?"

"ବର୍ଗୋମାଷ୍ଟରଙ୍କୁ ମାଡ଼ ଦେବା ।"

"କିନ୍ତୁ ଶିକାର କଲାବେଳେ କିନ୍ତୁ ଓଲଟିପଡ଼ି ଶିକାରୀକୁ ଆକ୍ରମଣ କରିଥାଏ—ଏହା ଜଗତର ନିୟମ । ଏହା ସେପରି କିଛି ଗୁରୁତର ଦୋଷ ନୁହେଁ । ଆଉ କଅଣ ?"

"କୁକୁରମାନଙ୍କର ହତ୍ୟା ।"

ରାଜାଙ୍କର ମୁଖ ଗମ୍ଭୀର ହୋଇ ଆସିଲା । ମାର୍ଟିନ ତାହା ଲକ୍ଷ୍ୟ କରିପାରି କହିଲା, "ମୁଁ ଜାଣେ, ରାଜାଙ୍କ କୁକୁରକୁ ବଧ କରିବା ଘୋରତର ଅନ୍ୟାୟ; କିନ୍ତୁ ଯେତେବେଳେ ଦେଖିଲି, ଏମାନଙ୍କୁ ବଧ ନ କଲେ ମୋର ପ୍ରାଣ ରହିବ ନାହିଁ, ସେତେବେଳେ ମୁଁ ସେମାନଙ୍କୁ ବଧକଲି ।"

"ସେ କୁକୁର କାହାର ?"

"ଜଙ୍ଗଲ ଜଗୁଆଳର ।"

"ଅବଶ୍ୟ କେହି ମୋର କୁକୁରକୁ ମାରିଲେ ମୁଁ ତାକୁ କ୍ଷମା ଦିଅନ୍ତି ନାହିଁ । କିନ୍ତୁ ମୋର ଜଣେ ବୃଦ୍ଧ ସୈନିକକୁ କୁକୁର ଲଗାଇ ମାରିବାକୁ ଯିବା ଘୋର ଅନ୍ୟାୟ । ନିଜର ଜୀବନ ରକ୍ଷା ପାଇଁ ସେ କୁକୁରକୁ ବଧ କରିଥିବା ହେତୁ ତୁମକୁ କ୍ଷମା ଦେଲି । ଆଉ କିଛି ଅଛି ?"

"ସେ ଜେରାର୍ଡ଼ଙ୍କ ବିଷୟ କଥା !"

"ହଁ, ଜେରାର୍ଡ଼ କଥା ! ତୁମେ ସେ ବର୍ଗୋମାଷ୍ଟରଙ୍କୁ କହିଦେବ— ତାର କାର୍ଯ୍ୟରେ ମୁଁ ବଡ଼ ଅସନ୍ତୁଷ୍ଟ । ସେ ନିଜକୁ ଜଣେ ରାଜା ବୋଲି ମନେକରୁଛି । ହଲାଣ୍ଡରେ ମୋ ଛଡ଼ା ଅନ୍ୟ କେହି ରାଜା ରହି ନ ପାରେ । ତା ବିରୁଦ୍ଧରେ ଆଉ କିଛି ଆପତ୍ତି ଶୁଣାଗଲେ, ତାକୁ ତାର ଦୁଆର ମୁହଁରେ ଫାଶୀ ଦିଆଯିବ । ଅତୀତରେ ସେହିପରି ଗୋଟାଏ ଦୁଷ୍ଟ ବର୍ଗୋମାଷ୍ଟରକୁ ଫାଶୀ ଦେଇଥିଲି ।"

ରାଜା ଜଣେ କର୍ମଚାରୀଙ୍କୁ ଡାକି ବୃଦ୍ଧ ସୈନିକ ମାର୍ଟିନ ଓ ଇଲିଆସର ପୁଅ ଜେରାର୍ଡ଼କୁ କ୍ଷମା ଦିଆଗଲା ବୋଲି ଲେଖି ଆଣିବାକୁ କହିଲେ । କ୍ଷମାପତ୍ର ଲେଖା ହୋଇ ଆସିବାରୁ ରାଜା ସେଥିରେ ସ୍ୱାକ୍ଷର କରି ମୋହର ଦେଲେ । ମାର୍ଟିନ କାଗଜ ଖଣ୍ଡିକ ନେଇ ଆନନ୍ଦରେ ଫେରିଗଲା ।

ଦିନେ ମାର୍ଗାରେଟ ଚୁଲି ପାଖରେ ବସିଥିଲା, ଏହି ସମୟରେ ମାର୍ଟିନ ଖଣ୍ଡିଏ କାଗଜ ଧରି ପହଞ୍ଚିଲା । ଆଉ କୌଣସି ବିଷୟ ନ ଉଠାଇ ସେ କହିଲା, "ମାର୍ଗାରେଟ, ଶୁଭ ଖବର ଅଛି । ଏଥିରେ ରାଜା ଜେରାର୍ଡ଼କୁ କ୍ଷମା ଦେଇଅଛନ୍ତି । ହଲାଣ୍ଡର ସବୁ ବର୍ଗୋମାଷ୍ଟର ଏକାଠି ହେଲେ ମଧ୍ୟ ଏଣିକି ଜେରାର୍ଡ଼ ଦେହରେ ହାତ ଛୁଇଁ ପାରିବେ ନାହିଁ । ଶୀଘ୍ର ଜେରାର୍ଡ଼ ପାଖକୁ ଖବର ପଠାଇଦିଅ ।"

ମାର୍ଗାରେଟ ଏହି କାଗଜଖଣ୍ଡିକ ନେଇ ମାର୍ଗାରେଟ ଜନନୀଙ୍କୁ ଦେଖାଇଲା । ଅବଶ୍ୟ ସେ ମାର୍ଗାରେଟର ଆନନ୍ଦରେ ଆନନ୍ଦିତ ହେଲେ ; କିନ୍ତୁ ଜେରାର୍ଡ଼ ବିଷୟରେ ସେ ଯେଉଁ ଉଚ୍ଚ ଆଶା ପୋଷଣ କରିଥିଲେ, ତାହା ମଉଳିଗଲା । ସେ କହିଲେ, "ମୋର ବିଶ୍ୱାସ ଥିଲା, ଜେରାର୍ଡ଼ ଇଟାଲିରେ ପାଞ୍ଚ ଛଅ ବର୍ଷ ରହି ପ୍ରଚୁର ଧନ ଅଜବା ସଙ୍ଗେ ସଙ୍ଗେ ଚିତ୍ର ବିଦ୍ୟାରେ କୃତିତ୍ୱ ଅର୍ଜନ କରି ଘରକୁ ଫେରିବ । ମୁଁ ଦେଖୁଛି, ତୁମେ ତାକୁ ଛାଡ଼ି ବସି ପାରିବ ନାହିଁ । ଧନ, ମାନ ଏସବୁ ତୁମ ଦୁହିଁଙ୍କ ସୁଖ ନିକଟରେ କିଛି ନୁହେଁ । ତେଣୁ ଜେରାର୍ଡ଼ କିପରି ଶୀଘ୍ର ଫେରିଆସିବ ତାର ବ୍ୟବସ୍ଥା କରିବାକୁ ହେବ ।"

"କିନ୍ତୁ କିପରି ଖବର ପଠାଯାଇପାରିବ ?"

"ଆମ ଘରେ ଆଜ ଜଣେ ଲୋକ ପହଞ୍ଚିଛନ୍ତି । ତାଙ୍କର ନାମ ହ୍ୱାନ୍ସ ମେମ୍ଲିଙ୍ଗ୍ । ଆସନ୍ତା ସପ୍ତାହରେ ସେ ଇଟାଲି ଯିବାର କଥା ଅଛି । ଥରେ ସେ ଏଠାରେ ଜେରାର୍ଡ଼ଙ୍କୁ ଦେଖିଥିଲେ । ସେ ଇଟାଲିରେ ଜେରାର୍ଡ଼ଙ୍କୁ ଖୋଜ ବାହାର କରିପାରିବେ । ତୁମେ ଜେରାର୍ଡ଼ ପାଖକୁ ଖଣ୍ଡିଏ ଚିଠି ଲେଖ । ଚିଠି ପଠାଇବାର ଭାର ମୋ ଉପରେ ରହିଲା ।"

ହ୍ୱାନ୍ସ ମେମ୍ଲିଙ୍ଗ ଜଣେ ଭଲ ଚିତ୍ରକର ହୋଇଥିବାରୁ ମାର୍ଗାରେଟ୍ ଭ୍ୟାନଇକ୍ଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । କିନ୍ତୁ ତାଙ୍କର ଗୋଟିଏ ଭୀଷଣ ଦୋଷ ଥିଲା । ବେଳେବେଳେ ସେ ଅତିରିକ୍ତ ମଦ ପିଇ ମାତାଲ ହୋଇପଡ଼ୁଥିଲେ । ମାର୍ଗାରେଟ୍ ଚିଠିଖଣ୍ଡିକ ଲେଖି ମାର୍ଗାରେଟ୍ ଭ୍ୟାନଇକ୍ଙ୍କୁ ଦେଲେ । ମାର୍ଗାରେଟ୍ ଭ୍ୟାନଇକ୍ ଚିଠି ଉପରେ ଠିକଣା ଲେଖି ହ୍ୱାନ୍ସ ମେମ୍ଲିଙ୍ଗ୍ଙ୍କୁ ଦେଲେ ଓ ବାଟଖର୍ଚ୍ଚ ପାଇଁ କିଛି ଟଙ୍କା ମଧ୍ୟ ଦେଲେ ।

ହ୍ୱାନ୍ସ ଚିଠି ଓ ଟଙ୍କା ନେଇ କିଛି ଦୂର ଯିବା ପରେ ଦୁଇ ଜଣ ବନ୍ଧୁଙ୍କୁ ଭେଟିଲା । ସେ ଦୁହିଁଙ୍କ ସାଥିରେ ହ୍ୱାନ୍ସ ଗୋଟିଏ ମଦ୍ୟଶାଳାକୁ ମଦ୍ୟପାନ ପାଇଁ ଗଲା । ଦୈବାତ୍ ଜେରାର୍ଡ଼ର ଭାଇ ସିବ୍ରାଣ୍ଡ ମଧ୍ୟ ସେତେବେଳକୁ ପାଖରେ ବସି ମଦ ପିଉଥିଲା । କିନ୍ତୁ ହ୍ୱାନ୍ସ ବା ତାର ବନ୍ଧୁମାନେ କେହି ତାକୁ ଚିହ୍ନି ନ ଥିଲେ । ହ୍ୱାନ୍ସ ତାର ବନ୍ଧୁ ଦୁହିଁଙ୍କୁ କହିଲା, "ମୁଁ ଆଜ ଇଟାଲିକୁ ବାହାରୁଛି । ମୁଁ ସେଠାର ଲୋକଙ୍କୁ ଦେଖାଇ ଦେବି, ପ୍ରକୃତ ଚିତ୍ର ବିଦ୍ୟା କାହାକୁ କହନ୍ତି । ଟର୍ଗୋର ଜେରାର୍ଡ଼ ବୋଲି ଜଣେ ଲୋକ ପାଖକୁ ଖଣ୍ଡେ ଚିଠି ନେଇ ଯାଉଛି । ସେ ଏବେ ଇଟାଲିରେ ଅଛି ।"

ଏତକ ଶୁଣିଲାକ୍ଷଣି ସିବ୍ରାଣ୍ଡ କର୍ଣ୍ଣେଲିସ୍ ପାଖକୁ ଦଉଡ଼ିଲା । ଦୁଇ ଭାଇ ଯାକ ବସି ବିଚାର କଲେ— ଇଟାଲି ଏଠାରୁ ବହୁତ ଦୂର । ଜେରାର୍ଡ଼ ସେଇଠି ଥିଲେ ଆମର କିଛି କରିପାରିବ ନାହିଁ । ସେ ଯେପରି ଫେରି ନ ଆସେ ସେଥିର ଉପାୟ କରିବାକୁ ହେବ ।

କର୍ଣ୍ଣେଲସ୍—ସେ କଥା ସତ ; କିନ୍ତୁ ମାର୍ଗାରେଟ୍‌କୁ ଛାଡ଼ି ସେ ବରାବର ଇଟାଲିରେ ରହି ପାରିବ ନାହିଁ । ଯେତେବେଳେ ହେଲେ ତା ପାଖକୁ ଫେରିଆସିବ ।

ସିବ୍ରାଣ୍ଡ—ସେ ଟୋକା ବେମାର ପଡ଼ିଥିଲା । ମରିଯାଇଥିଲେ ଭଲ ହୋଇଥାନ୍ତା ।

କର୍ଣ୍ଣେଲସ୍—ସେ କଅଣ ମରୁଛି ? ଆମକୁ ହଇରାଣ କରିବା ପାଇଁ ମରଣ ମୁହଁରୁ ବର୍ତ୍ତିଆସୁଛି ।

ଜେରାର୍ଡ଼ ଫେରି ନ ଆସିଲେ ତାର ପୈତୃକ ସମ୍ପତ୍ତିର ଭାଗ ଏ ଦୁଇ ଭାଇ ପାଇବେ । ତେଣୁ ଜେରାର୍ଡ଼ କପରି ଚରକାଳ ଇଟାଲିରେ ରହିବ ତାହାହିଁ ଦୁଇଭାଇଙ୍କର ଇଚ୍ଛା । କିନ୍ତୁ କି ଉପାୟରେ ଏହା କରିହେବ ସ୍ଥିର କରାଯାଇ ପାରିଲା ନାହିଁ । ଶେଷରେ ଦୁହେଁଯାକ ବର୍ଗୋମାଷ୍ଟର ସହିତ ପରାମର୍ଶ କରିବାକୁ ସ୍ଥିର କଲେ ।

ଦୁଇ ଭାଇ ବର୍ଗୋମାଷ୍ଟର ପାଖକୁ ଯାଇ ଚିଠିକଥା କହି ସବୁ ଖବର ଦେଲେ । ବିଚାରରେ ସ୍ଥିର ହେଲା ଯେ ସେ ଚିଠିକୁ ବଦଳାଇ ଆଉ ଖଣ୍ଡିଏ ଚିଠି ଦେବାକୁ ହେବ । ସେଥିରେ ଲେଖାଯିବ ଯେ ମାର୍ଗାରେଟ ମରି ଯାଇଛି । ତାହାହେଲେ ଜେରାର୍ଡ ଆଉ ହଲଣ୍ଡକୁ ଆସିବା ପାଇଁ ମନ କରିବ ନାହିଁ ।

ହ୍ୱାନ୍‌ସ ମେମ୍‌ଲିଙ୍ଗ ସହରଠାରୁ ତିନି ମାଇଲ ରାସ୍ତା ଗଲାବେଳକୁ ସନ୍ଧ୍ୟା ହୋଇଗଲା । ଚନ୍ଦ୍ର ଉଇଁ ନ ଥାନ୍ତି । ଅନ୍ଧାରିଆ ହୋଇଥାଏ । ହଠାତ୍ ଦୁଇଜଣ ଲୋକ ତାକୁ ଦୁଇଆଡ଼ୁ ଆକ୍ରମଣ କରି କହିଲେ, "ରହ, ପକେଟରେ କଅଣ ରଖିଛୁ ବାହାର କରି ଦେଇପକା ।"

"ମୋ ପକେଟରେ ଖାଲି ଖଣ୍ଡେ ଚିଠି ଅଛି । ଟଙ୍କା ପଇସା ନାହିଁ ।"

"ବାହାର କର—ଆମେ ଦେଖିବୁ ।"

ଏ ଦୁଇଜଣ ପ୍ରକୃତରେ କର୍ଣ୍ଣେଲସ ଓ ସିବ୍ରାଣ୍ଡଙ୍କ ଛଡ଼ା ଆଉ କେହି ନୁହନ୍ତି । ସିବ୍ରାଣ୍ଡ ଚିଠିଖଣ୍ଡିକ ନେଇ ଯାଇ ଏପାଖ ସେପାଖ ଦେଖି କହିଲା, "ହଁ, ଚିଠିଟାଏ ।"

ଫ୍ରାନ୍ସ କହିଲା, "ଚିଠିଟା ଦୟାକରି ଫେରାଇ ଦିଅ । ସେ ଚିଠି-ଖଣ୍ଡିକ ହଜାଇ ଦେଲେ ମାର୍ଗାରେଟ୍ ଷ୍ଟିନଇକ୍ ମୋ ଉପରେ ବିରକ୍ତ ହେବେ ।

"ଆଚ୍ଛା, ତୋ ଚିଠି ଫେରାଇ ଦିଆଯିବ । ଅନ୍ୟ ସବୁ ପକେଟ ଖୋଲି ଦେଖା ।" ଏହା କହି କର୍ଣ୍ଣେଲିସ ଚିଠିଟିଏ ବଢ଼ାଇ ଦେଲା । କିନ୍ତୁ ଏଇଟି ପ୍ରକୃତରେ ମାର୍ଗାରେଟ୍ ଷ୍ଟିନ୍ଇକ୍ ଲେଖିଥିବା ଚିଠି ନୁହେଁ; ବର୍ଗୋମାଷ୍ଟର ଲେଖିଥିବା ଜାଲ୍ ଚିଠି ।

ଫ୍ରାନ୍ସ ଅନ୍ୟ ପକେଟ ଖୋଲିବା ବାହାନା କରୁଥିଲା । ହଠାତ୍ ସେ ବାଡ଼ି ଉଠାଇ କର୍ଣ୍ଣେଲିସର କାନମୁଣ୍ଡାରେ ପ୍ରହାରେ ଦେଲା ଓ ଗିବ୍ରାଣ୍ଟର ମୁହଁକୁ କେଞ୍ଚିଦେଲା । ଏହାପରେ ସେ 'ଚୋର, ଚୋର' ବୋଲି ପାଟିକଲା ।

'ଚୋର' ଦୁହେଁ ସେଠାରୁ ଦୌଡ଼ି ପଳେଇଗଲେ ।

## ରୋମ୍‌ରେ

ଜେରାର୍ଡ ରୋମ୍‌ରେ ପହଞ୍ଚି ଟାଇବର ନଦୀ କୂଳରେ ଗୋଟିଏ ଫ୍ଲାଟ ଘର ଭଡ଼ା ନେଲା । ସେ ପ୍ରତିଦିନ ନିଜ ହାତ ଲେଖାର ଖଣ୍ଡିଏ ନମୁନା ଧରି କାମ ଖୋଜି ବାହାରୁଥିଲା । କିନ୍ତୁ କେହି କାମ ଦେଉ ନଥିଲେ, କହୁଥିଲେ, "ତୁମ ଅକ୍ଷରଗୁଡ଼ାକ ଖୁବ୍ ମୋଟା । ତୁମ ଅକ୍ଷର ଆମ ଅକ୍ଷର ଭଳି ନୁହେଁ ।" ସେ ନିରାଶ ହୋଇ ଫେରୁଥିଲା ।

ଘରର ମାଲିକାଣୀ ଜେରାର୍ଡର ଆଚରଣରେ ସନ୍ତୁଷ୍ଟ ଥିଲା; ବେଳେ ବେଳେ ତା ସଙ୍ଗେ ଗଳ୍ପ କରୁଥିଲା । ଦିନେ କଥାବାର୍ତ୍ତା ପ୍ରସଙ୍ଗରେ ସେ ପଚାରିଲା, "ମୁଁ ଦେଖୁଛି, ତୁମର ମନ ଭଲ ନାହିଁ । ତୁମ ଚିନ୍ତାର କାରଣ କଅଣ ?" ଜେରାର୍ଡ଼ ଉତ୍ତର କଲା ଏଠାର ବ୍ୟବସାୟୀମାନେ ମୋର ଚିନ୍ତାର କାରଣ ।

ଏଠି ବ୍ୟବସାୟୀମାନେ ଦରମା ଦେଇ ଲେଖକ ରଖିଛନ୍ତି । ସେମାନେ ଲେଖକମାନଙ୍କୁ ସାମାନ୍ୟ ଦରମା ଦେଇ ସେମାନଙ୍କ ପରିଶ୍ରମରୁ ଲାଭ ଉଠାଉ ଅଛନ୍ତି । ମୁଁ ଦେଖୁଛି, ତୁମ ଲେଖା ସେମାନଙ୍କ ଲେଖା-ଠାରୁ ବହୁ ଗୁଣରେ ଉତ୍କୃଷ୍ଟ । ସେମାନେ ଯାହା ବର୍ଣ୍ଣି କରୁଛନ୍ତି ତୁମ ଲେଖା ପାଖରେ ତା'ହା ନିତାନ୍ତ ତୁଚ୍ଛ । କିନ୍ତୁ ରୋମ୍‌ରେ ଧନୀ ଲୋକ ଅଛନ୍ତି । ଭଲ ଲେଖା ପାଇଁ ସେମାନେ ଯେ କୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ । ରାଜଦରବାରର ଜଣେ ମହିଳାଙ୍କ ସଙ୍ଗେ ମୋର ପରିଚୟ ଅଛି । ତାଙ୍କୁ ତୁମ ବିଷୟ କହିବି । ସେ ତୁମ ପାଇଁ କିଛି କାମ ଯୋଗାଇ ପାରିବେ ।”

ଏହାର ପରଦିନ ପୁଣି ଦୁହିଁଙ୍କର କଥାବାର୍ତ୍ତା ହେଲା । ଘରର ମାଲିକାଣୀ କହିଲେ, “ମୋର ଟେରେସାଙ୍କ ସହିତ ଦେଖା ହୋଇଥିଲା । ପାଞ୍ଚ ଜଣ ଲର୍ଡ଼ ତୁମର ଲେଖା କିଣିବାକୁ ଇଚ୍ଛା ପ୍ରକାଶ କରିଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ରୋମ୍‌ର ପ୍ରସିଦ୍ଧ ଫ୍ରା କଲୋନା ।”

ଦିନକ ପରେ ଜେରାର୍ଡ଼ ଫ୍ରା କଲୋନାଙ୍କ ଆହ୍ୱାନ ପାଇ ତାଙ୍କ ଗୃହରେ ଉପସ୍ଥିତ ହେଲା । ଜଣେ ଭୃତ୍ୟ ତାକୁ ଡାକନେଇ ବୈଠକ-ଖାନାରେ ବସିବାକୁ କହିଲା । ଜେରାର୍ଡ଼ ଦେଖିଲା, ଘରଟିଯାକ ଚିତ୍ର ଓ ନାନା ପୁସ୍ତକରେ ପରିପୂର୍ଣ୍ଣ । ଘର ମଝିରେ ଲର୍ଡ଼ ଫ୍ରାକଲୋନା ଗୋଟିଏ ଆସନରେ ବସିଥିଲେ । ତାଙ୍କର ଦୃଷ୍ଟି ଗୋଟିଏ ପାରସିକ ଲେଖା ଉପରେ ନିବଦ୍ଧ ଥିଲା । କିଛି ସମୟ ପରେ ସେ ଜେରାର୍ଡ଼କୁ ଖଣ୍ଡିଏ କାଗଜ ଦେଇ ଟେବୁଲ ଆଡ଼କୁ ନିର୍ଦ୍ଦେଶ କରି କହିଲେ, “ଏଥିରେ ଲେଖ । ତୁମର ଅକ୍ଷର କିପରି ଦେଖିବା ।”

ଜେରାର୍ଡ଼ ଗୋଟିଏ ଗ୍ରୀକ୍ କବିତା ଲେଖି ପାଖେ ପାଖେ ତାର ଲାଟିନ୍ ଅନୁବାଦ ଲେଖିଲା ଓ ଲେଖିସାରି କାଗଜଖଣ୍ଡିକ ଫ୍ରାକଲୋନାଙ୍କୁ ବଢ଼ାଇ ଦେଲା । ତାର ଲେଖା ସମ୍ବନ୍ଧରେ ମନ୍ତବ୍ୟ ଶୁଣିବାକୁ ସେ ଆଶଙ୍କାରେ ଅଧୀର । କିନ୍ତୁ ଫ୍ରା କଲୋନା କିଛି ନ କହି ଉଠିପଡ଼ିଲେ ଓ ଆନନ୍ଦରେ ଜେରାର୍ଡ଼କୁ ଆଲିଙ୍ଗନ କଲେ । ସେ ଯେ ତାର ଲେଖାକୁ ପସନ୍ଦ କରିଛନ୍ତି ଏ ବିଷୟରେ ଆଉ ସନ୍ଦେହ ରହିଲା ନାହିଁ ।

ଜେରାର୍ଡ଼ ଫ୍ରା କଲେନାଙ୍କର ଲେଖକରୂପେ ନିଯୁକ୍ତ ହେଲା । ଅଳ୍ପ ଦିନ ମଧ୍ୟରେ ଏହି ଲର୍ଡଙ୍କଠାରୁ ଜେରାର୍ଡ଼ର ପ୍ରଶଂସା ଶୁଣି ଅନେକ ରଜା ଓ ଜମିଦାର ଜେରାର୍ଡ଼କୁ ନିଯୁକ୍ତ କରିବାର ଇଚ୍ଛା ପ୍ରକାଶ କଲେ । ଫ୍ରା କଲେନା ତାକୁ ଏହି କଥା ଜଣାଇବାରୁ ଜେରାର୍ଡ଼ କହିଲା, "ମୁଁ ଆପଣଙ୍କ ପାଖରେ ରହି ସନ୍ତୁଷ୍ଟ । ଅନ୍ୟତ୍ର ଯିବି କାହିଁକି ?" ଲର୍ଡ଼ ମହାଶୟ ବୁଝାଇ ଦେଲେ, "ତୁମେ ସଂସାରୀ; ଅର୍ଥ ଉପାର୍ଜନ କରିବା ତୁମର ଲକ୍ଷ୍ୟ । ମୁଁ ଯାହା ଦେଉଛି, ତାହାର ତିନି ଗୁଣ ତୁମେ ଅର୍ଜି ପାରିବ । ମୋ ପାଖରେ ରହି ନିଜର କ୍ଷତି କରିବ କାହିଁକି ?"

ଜେରାର୍ଡ଼ର ଖ୍ୟାତି ଦିନକୁ ଦିନ ବୃଦ୍ଧି ପାଇଲା । ତାର ଲେଖା ପାଇଁ ସେ ଯେଉଁ ମୂଲ୍ୟ ସ୍ଥିର କଲା ତାହା ପାଇ ପାରିଲା । ଅନେକ ରଜା ଜମିଦାର ତା ସହିତ ବନ୍ଧୁତ୍ୱ ସ୍ଥାପନ କଲେ । ଧନ ଓ ସମ୍ମାନ ଲାଭ କଲେ ହେଁ ଜେରାର୍ଡ଼ ନିଜକୁ ଭୁଲିଯାଇ ନ ଥିଲା; ଗର୍ବ ବା ଅଭିମାନକୁ ସେ କେବେ ମନରେ ସ୍ଥାନ ଦେଇ ନ ଥିଲା । ଶେଷରେ ସ୍ୱୟଂ ପୋପ୍ ଜେରାର୍ଡ଼କୁ ଡକାଇ କେତେକ ଧର୍ମଗ୍ରନ୍ଥ ଲେଖାଇଲେ । ଏହାଠାରୁ ବଳି କି ଅଧିକ ସମ୍ମାନ ଆଶା କରାଯାଇପାରେ ?

ଜେରାର୍ଡ଼ର ମନ ଆନନ୍ଦରେ ପୂର୍ଣ୍ଣ । ସେ ଅର୍ଥ ସଞ୍ଚୟ କରି ପାରୁଛି । ବର୍ଷେ ଦୁଇବର୍ଷ ପରେ ସେ ପ୍ରଚୁର ଧନ ନେଇ ସ୍ୱଦେଶକୁ ଫେରିଯିବ ଓ ମାର୍ଗାରେଟ୍ ସହିତ ସୁଖମୟ ପାରିବାରିକ ଜୀବନ ଯାପନ କରିବ ଭାବି ଆନନ୍ଦିତ ହେଲା ।

## ଭାଗ୍ୟ ବିପର୍ଯ୍ୟୟ

ଦିନେ ଜେରାର୍ଡ଼ ରୋମ୍‌ର ବଜାରରେ ବୁଲୁ ବୁଲୁ ଗୋଟିଏ ଦୋକାନରେ କେତେକ ସୁନ୍ଦର ବହି ଦେଖିଲା । ବହିର ଅକ୍ଷର କିପରି ଦେଖିବାକୁ ସେ ତାହାକୁ ଖୋଲିଲା । ଦେଖିଲା, ସେ ବହି ସବୁ ହାତର ଲେଖା ନୁହେଁ— କଳରେ ଛପାହୋଇଅଛି ।

ଜେସର୍ଡ଼ ଚିନ୍ତା କରିବାକୁ ଲାଗିଲା. "ଗ୍ରେମରେ ମଧ୍ୟ ଗୁପ୍ତଘାତକ ପ୍ରବେଶ କଲାଣି । ମୋର ସୌଭାଗ୍ୟ ଶେଷ ହୋଇଚାଲି । ମୋର ହାତ-ଲେଖା ଯେତେ ସୁନ୍ଦର ହେଲେ ସୁଦ୍ଧା ମୁଁ କି କଲ ସ ଥିରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବି ? ଆଉ କେତେଟା ମାସରେ ଘରେ ଘରେ ଗୁପ୍ତଘାତକ ଦେଖିବାକୁ ମିଳିବ । ଲେଖକମାନଙ୍କୁ ଆଉ କେହି ପଚାରିବେ ନାହିଁ ।"

ସେ ହଲାଣ୍ଡରୁ ଆସିଲାବେଳେ ଫ୍ଲୋରସ ବ୍ରାଣ୍ଡ ଲେଖିଦେଇଥିବା କାଗଜଖଣ୍ଡିକ ଆଣିଥିଲା । ଏହାର ଅକ୍ଷର ଅତି ଖରାପ ଥିବାରୁ ସେ ତାକୁ ନ ପଢ଼ି ରଖିଦେଇଥିଲା । ଦିନେ ସନ୍ଧ୍ୟାବେଳେ ଅନ୍ୟ କିଛି କାମ ନ ଥିବାରୁ ସେ ତାହାକୁ ବାହାର କରି ମନଦେଇ ପଢ଼ିବାକୁ ଚେଷ୍ଟାକଲା । ସେଥିରୁ ଜଣାଗଲା ଯେ ମାର୍ଗାରେଟର ପିତାମହ ଫ୍ଲୋରସ ବ୍ରାଣ୍ଡଙ୍କୁ ଘିସବ୍ରେକ୍ଟ କିଛି ଟଙ୍କା ଦେଇଥିଲେ ଓ ତାହା ପରିବର୍ତ୍ତିରେ ଫ୍ଲୋରସ ବ୍ରାଣ୍ଡ ନିଜର କେତୋଟି ଘର ଘିସବ୍ରେକ୍ଟଙ୍କୁ ଛାଡ଼ି ଦେଇଥିଲେ । ଚୁକ୍ତି ହୋଇଥିଲା ଯେ ନିଜ ଘରର ଭଡ଼ାରୁ ଘିସବ୍ରେକଟ ସମସ୍ତ ଟଙ୍କା ପାଇଲା ପରେ ସେ ଘର ପୁଣି ଫ୍ଲୋରସ ବ୍ରାଣ୍ଡ ଦଖଲ କରିବେ । ଜେସର୍ଡ଼ ହିସାବ କରି ଦେଖିଲା, ଅନେକ ଦିନରୁ ଘିସବ୍ରେକ୍ଟଙ୍କ ଟଙ୍କା ପରିଶୋଧ ହୋଇ ସାରିବଣି । ଖାଲି ସେତିକି ନୁହେଁ; ଅନେକ ଅଧିକ ଟଙ୍କା ମଧ୍ୟ ନେଇଥିବ । ଆଗରୁ ସେ ଏହି କାଗଜଖଣ୍ଡିକ ପଢ଼ି ନଥିବାରୁ ମନେ ମନେ ଅନୁତପ୍ତ ହେଲା ।

ଶୀଘ୍ର ଘରକୁ ଫେରିଯିବାପାଇଁ ଜେସର୍ଡ଼ ବ୍ୟାକୁଳ ହେଲା । ହଲାଣ୍ଡକୁ କେବେ ଜାହାଜ ଯିବ, ବୁଝିବା ସକାଶେ ସେ ଜାହାଜ ଘାଟକୁ ଗଲା । ଗୁରୁବାର ପରେ ଗୋଟିଏ ଜାହାଜ ଅମଷ୍ଟରଡାମ ଅଭିମୁଖରେ ଯିବ ବୋଲି ବୁଝି ସେ ବସାକୁ ଫେରିଆସିଲା ।

ବସାରେ ପହଞ୍ଚି ଜେସର୍ଡ଼ ଘରର ମାଲିକାଣୀଠାରୁ ଶୁଭ ଖବର ପାଇଲା ଯେ, ତାର ଖଣ୍ଡିଏ ଚିଠି ହଲାଣ୍ଡରୁ ଆସିଛି ।

"ଚିଠି ଆସିଛି ? କିଏ ଦେଇଗଲା ?"

"ଲୋକଟି ମୋର ଅପରିଚିତ । ସେ ଜଣେ ଚିତ୍ରକର ଓ ତାର ଘର ହଲଣ୍ଡରେ ବୋଲି କହିଲା । ତାର ନାଁଟା ମଧ୍ୟ ପଚାରିଥିଲି । ଗୋଟାଏ ବିଚିତ୍ର ନାଁ । ଆନସେଲ୍ମ ନା ସେହିପରି କଅଣ ଗୋଟାଏ କହିଲା ।"

"ଓଃ, ହାନସ ମେମଲିଙ୍ଗ—ମୋର ଜଣେ ଚିତ୍ରକର ବନ୍ଧୁ ।"

ଜେରାର୍ଡ଼ ଅତି ଆଗ୍ରହରେ ଚିଠିଖଣ୍ଡିକ ନେଲା । ସେ ଭାବିଥିଲା, ମାର୍ଗାରେଟ ଚିଠି ଦେଇଥିବ । କିନ୍ତୁ ଉପର ଠିକଣାରୁ ଦେଖିଲା, ତାହା ମାର୍ଗାରେଟର ଲେଖା ନୁହେଁ—ମିସ୍ ଭାନଇକ୍ଙ୍କର ଲେଖା । ତଥାପି ସେ ବିଚାରିଲା, ଭିତରେ ମାର୍ଗାରେଟର ଚିଠି ଥିବ । କିନ୍ତୁ ଚିଠି ଖୋଲି ସେ ନିରାଶ ହୋଇଗଲା । ଭିତରର ଲେଖା ମଧ୍ୟ ସେହି ମାର୍ଗାରେଟ ଭାନଇକ୍ଙ୍କ ହାତର । ସେ ଅଧୀର ହୋଇ ପଢ଼ିବାକୁ ଲାଗିଲା—

ସ୍ନେହର ଜେରାର୍ଡ଼,

ତୁମକୁ ସୁଖର ସମ୍ବାଦ ପରିବର୍ତ୍ତେ ଗୋଟିଏ ନିତାନ୍ତ ଦୁଃଖକର ସମ୍ବାଦ ଦେବାକୁ ପଡ଼ୁଛି । ଗତ ସପ୍ତାହ ବୁଧବାର ଦିନ ମାର୍ଗାରେଟ ବ୍ରାଣ୍ଟର ମୃତ୍ୟୁ ହୋଇ ଯାଇଛି । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ମୋ କୋଳରେ ଥିଲା । ତାର ଶେଷକଥା ହେଉଛି—ଜେରାର୍ଡ ଆସିଲେ ତାଙ୍କୁ କହିବ, ଅନ୍ତିମ ମୁହୂର୍ତ୍ତରେ ମଧ୍ୟ ମୁଁ ତାଙ୍କର ମଙ୍ଗଳ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଛି । ମୋର ଆତ୍ମାର ଶାନ୍ତି ପାଇଁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରିବେ । ମାର୍ଗାରେଟ୍ ଶାନ୍ତିରେ ମରିଛି; ତାର ଯଥାବିଧି ସତ୍କାରରେ ମୁଁ ହେଳା କରିନାହିଁ । ବର୍ତ୍ତମାନ ଏ ଦୁଃଖରେ ଆଉ ଅଧିକ କଅଣ ଲେଖିବି ?

ତୁମର ଶୁଭେଚ୍ଛୁ
ମାର୍ଗାରେଟ ଭାନଇକ୍

ଘରର ମାଲିକାଣୀ ଚିଠିର ବିଷୟ ଶୁଣିଥିଲେ । ତାଙ୍କ ଆଖିରୁ ଲୁହ ବହିଗଲା । ଜେରାର୍ଡ଼ କହିଲା, "ଦୂର ବିଦେଶରେ ଥିବା ଜଣେ ହତଭାଗ୍ୟ ଯୁବକ ପାଖକୁ ଏଭଳି ଚିଠି କେହି ଦିଏ ? ଆଉ ମୋର ଜୀବନରେ କି କାର୍ଯ୍ୟ ? ଯାଉଛି, ଆତ୍ମହତ୍ୟା କରିବି । ମୁଁ ଦେଖୁଛି,

ଈଶ୍ୱର ନାହାନ୍ତି । ଈଶ୍ୱର ଥିଲେ କଅଣ ପୃଥିବୀରେ ଏଭଳି ଅନ୍ୟାୟ ହେଉଥାନ୍ତା !"

ମାଲିକାଣୀ କହିଲେ, "ଶୁଭ ସମ୍ବାଦ ଥିବ ବୋଲି ଭାବି ମୁଁ ଚିଠିଟି ତୁମକୁ ଦେଇଥିଲି; କିନ୍ତୁ କିଏ ଜାଣିଥିଲା ଯେ ଏଥିରେ ଏପରି ଦୁଃସମ୍ବାଦ ଅଛି ? ଧୈର୍ଯ୍ୟ ଧର । ଜଗତରେ ମୃତ୍ୟୁ କାହାକୁ ଛାଡ଼ିନାହିଁ । ଅଧୀର ହେଲେ କଅଣ ହେବ ?"

"ମୁଁ ପିଲାଦିନୁ ଶୁଣି ଆସିଛି ଈଶ୍ୱର ସର୍ବ ଶକ୍ତିମାନ୍ । ମୃତ୍ୟୁ ଉପରେ ମଧ୍ୟ ତାଙ୍କର ଅଧିକାର ଅଛି । ମୃତ୍ୟୁ ଯଦି ମାର୍ଗରେଟ୍‌କୁ ନେଇପାରିଲା, ତେବେ ଈଶ୍ୱରଙ୍କୁ ବିଶ୍ୱାସ କରିବି କିପରି ? ବରଂ କହିବି, ସଇତାନ ହିଁ ଅଛି ପୃଥିବୀରେ ସର୍ବେସର୍ବା । ହାୟ୍ ମୋ ମାର୍ଗରେଟ୍ ! ମାର୍ଗାରେଟ୍ ନାହିଁ ! ନା, ଏହା ସତ୍ୟ ହୋଇ ନ ପାରେ । ଆଗେ ଯାଇ ଦେଖେ ସେ ହାନ୍‌ସ କୁଆଡ଼େ ଗଲା ?" ଏହା କହି ସେ ବସାରୁ ବାହାରିଗଲା ।

ଜେଫର୍ଡ ଦିନଯାକ ହାନ୍‌ସ ମେମଣ୍ଟଙ୍କୁ ଖୋଜି ଖୋଜି ନିରାଶ ହୋଇ ସନ୍ଧ୍ୟାବେଳକୁ ବସାକୁ ଫେରି ଆସିଲା । ତାର ଚେହେରା ଏକାବାରେ ବଦଳି ଯାଇଥିଲା—ସତେ ଅବା ଦୀର୍ଘକାଳର ଏକ ରୋଗୀ !

## ମାର୍ଗାରେଟ୍

ଏହି ଘଟଣା ପରେ ଜେଫର୍ଡର ଜୀବନରେ ଅଦ୍ଭୁତ ପରିବର୍ତ୍ତନ ଘଟିଲା । ମାର୍ଗାରେଟ୍ ପ୍ରତି ତାର ପବିତ୍ର ପ୍ରେମ ଆଜିଯାଏ ତା ଜୀବନର ଧ୍ରୁବତାରା ପରି କାର୍ଯ୍ୟ କରୁଥିଲା । ଏବେ ମାର୍ଗାରେଟ୍‌ର ମୃତ୍ୟୁ ସମ୍ବାଦରେ ସେ ନୈରାଶ୍ୟର ଅତଳ ସମୁଦ୍ରରେ ଭାସିବାକୁ ଲାଗିଲା ।

ଏତେ କଷ୍ଟ ସହି ସେ ମାର୍ଗାରେଟ୍ ପାଇଁ ଯେଉଁ ଟଙ୍କା ସଞ୍ଚିଥିଲା ତାକୁ ସେ ଅପବ୍ୟୟ କରିବାକୁ ଲାଗିଲା । ଯାହାକୁ ଇତର ଲୋକେ ସୁଖ ବୋଲି କହନ୍ତି, ତାହାର ପଛରେ ସେ ଧାଇଁଲା । କିନ୍ତୁ ସୁଖ କଅଣ କିଛି

ଜାଣି ପାରିଲ ନାହିଁ । ସେ ଦ୍ୱିଗୁଣ ଦୁଃଖ ଅନୁଭବ କଲା । ଶାନ୍ତି ପାଇବା ଆଶାରେ ସେ ନିର୍ଜନ ସ୍ଥାନରେ ନଦୀ କୂଳରେ ବୁଲିବାକୁ ଲାଗିଲା । ତାର ଜୀବନ ଶୂନ୍ୟ ବୋଧହେଲା ।

× × ×

ସେଭେନଦର୍ଜନର ଗୋଟିଏ କୋଠରୀରେ ମାର୍ଗରେଟ୍ ଶୋଇଛି । ତାର କୋଳରେ ଗୋଟିଏ ଶିଶୁ—ଜେରାର୍ଡ୍‌ର ପୁତ୍ର ସନ୍ତାନ । ମାର୍ଗାରେଟ୍ ହଠାତ୍ କାନ୍ଦିଉଠିଲା ।

କାଥେରିନ୍ ପଚାରିଲେ, "କାନ୍ଦି ଉଠିଲୁ କାହିଁକି, ଝିଅ ?"

"ସେ ଏହାକୁ ଦେଖିଥିଲେ ଯିବା ମୋର ସୁଖ ହୋଇଥାନ୍ତା !"

"ଜେରାର୍ଡ୍ ଅଳ୍ପ ଦିନରେ ଆସି ପହଞ୍ଚିବ । ଈଶ୍ୱର ତୋତେ ଖୁବ୍ ଦୟା କରିଛନ୍ତି । ଦେଖିଲୁ, କେଡ଼େ ସୁନ୍ଦର ପିଲାଟିଏ—ସତେ ଅବା ସ୍ୱର୍ଗର ଦେବଦୂତ ! ହଲାଣ୍ଡଯାକରେ ଏପରି ପିଲାଟିଏ ଦେଖା ନ ଥିବ ।"

"ମାଆ, ବାସ୍ତବରେ ମୋର କାନ୍ଦିବାର କାରଣ ନାହିଁ । ଜେରାର୍ଡ୍ ଏଠାରେ ଥିଲେ ଭାବିବାର କିଛି ନ ଥିଲା । ଦୁଃଖବେଳେ ମୁଁ ଜେରାର୍ଡ୍‌ର ବିଚ୍ଛେଦ ସହିଥିଲି; କିନ୍ତୁ ଏ ସୁଖବେଳେ ସହି ପାରୁନାହିଁ । ହେ ପ୍ରାଣପ୍ରିୟ ଜେରାର୍ଡ୍—ଆସ !" ଏହା କହି ସେ ଶୂନ୍ୟକୁ ହାତ ବଢ଼ାଇଲା ।

ମାର୍ଗାରେଟ୍ କାଥେରିନଙ୍କ ଆଡ଼କୁ ଏକ ଦୃଷ୍ଟିରେ ଚାହିଁ ରହି କହିଲା, "ମାଆ, ଶୁଣିଲ ?"

"ନା, କିଛି ଶୁଣି ନାହିଁ ।"

"ମୁଁ ଜେରାର୍ଡ୍ କଥା ଭାବି ଭାବି ତାଙ୍କୁ ଡାକିଲି ।"

"ହଁ, ତୁ ଜେରାର୍ଡ୍ ବୋଲି କହିବାର ମୁଁ ଶୁଣିଛି ।"

"ସେ ଉତ୍ତର ଦେଲେ ।"

"ଦୂର୍ ପାଗଳୀ ! ଅସମ୍ଭବ କଥା କହନା ।"

"ନା ନା, ମୁଁ ମୋଟେ ମିଛ କହୁନାହିଁ । ମୁଁ ଜେରାର୍ଡ୍ ବୋଲି ଡାକିଲା ବେଳକୁ ସେ ଉତ୍ତର ଦେଲେ, 'ମାର୍ଗାରେଟ୍' । କିନ୍ତୁ ତାଙ୍କ ସ୍ୱରରୁ ସେ ଦୁଃଖିତ ଥିଲେ ବୋଲି ମନେହେଲା ।"

ଠିକ୍ ସେହି ସମୟରେ, ସେତେବେଳେ, ଜେରାର୍ଡ୍ ଟାଇବର ନଦୀ ଗର୍ଭକୁ ଡେଇଁପଡ଼ିଲା । ତାର ତୁଣ୍ଡରୁ ସେତେବେଳେ ବାହାରି ପଡ଼ିଥିଲା

"ମାର୍ଗାରେଟ୍" । ଟାଇବର ନଦୀ କୂଳର ଏହି "ମାର୍ଗାରେଟ୍" ଶବ୍ଦଟି ହଲାଣ୍ଡରେ ଥାଇ ମାର୍ଗାରେଟ୍ କିପରି ଶୁଣିଲା ? କିନ୍ତୁ ସେ ଯେ ଶୁଣିଥିଲା, ଏଥିରେ ସନ୍ଦେହ ନାହିଁ । ଏ ବିଷମ ରହସ୍ୟ କେଉଁ ଶାସ୍ତ୍ର ଉଦ୍‌ଘାଟନ କରିପାରିବ ?

## ବ୍ରଦର କ୍ଲେମେଣ୍ଟ

ରୋମ୍‌ର ଗୋଟିଏ ଘରେ କେତେକ ଧର୍ମଯାଜକ ବାସ କରୁଥିଲେ । ସେହି ଘରେ ଜଣେ ବିଦେଶୀ ଲୋକ ଅନେକ ଦିନ ହେଲା ରୋଗଗ୍ରସ୍ତ ହୋଇ ପଡ଼ିଛି । ସେ ଏଠାକୁ ଅଣାଗଲା ବେଳେ ତାର ଆଦୌ ବଞ୍ଚିବାର ଆଶା ନଥିଲା; କିନ୍ତୁ ଏବେ ସେ ଟିକିଏ ଭଲ ଅଛି; ତଥାପି ଖୁବ୍ ଦୁର୍ବଳ । ତାର ରୋଗଶଯ୍ୟା ପାଖରେ ଜଣେ ଧର୍ମଯାଜକ ବସି ଉଚ୍ଚ ସ୍ୱରରେ ପ୍ରାର୍ଥନା କରୁଥିଲେ । ରୋଗୀ ତାଙ୍କ ଆଡ଼କୁ ଚାହିଁ ବେଳେ ବେଳେ ଶୁଣୁଥିଲା, ପୁଣି କେବେ କେବେ ଆଖି ବୁଜି ରହୁଥିଲା ।

ରୋଗୀ ପଚାରିଲା, "ଫାଦର ଜେରୋମ, କହ ମୁଁ କିପରି ଏଠାକୁ ଆସିଲି ।"

ଫାଦର ଜେରୋମ—ଭଗବାନ ତୁମକୁ ଏଠାକୁ ଅଣାଇ ଅଛନ୍ତି । ଜୀବନ ହେଉଛି ମନୁଷ୍ୟ ପ୍ରତି ଭଗବାନଙ୍କର ଦାନ । ତୁମେ ସେହି ମହାଦାନକୁ ଫିଙ୍ଗି ଦେଇଥିଲ; ଭଗବାନ ପୁଣି ତାହା ତୁମକୁ ଫେରାଇ ଦେଇ ଅଛନ୍ତି । ତୁମେ ସାଂସାରିକ ଜୀବନର ଅସାରତା ଅନୁଭବ କରିଅଛ । ଏବେ ଧର୍ମସମ୍ପ୍ରଦାୟରେ ରହି ଜୀବନ ଅନୁଭବ କର । ଧର୍ମଯାଜକର ଜୀବନରେ ଶାନ୍ତି ମିଳେ; ତୁମେ ସେହି ଶାନ୍ତିର ଅଧିକାରୀ ହୁଅ ।"

ଫାଦର ଜେରୋମ ଚାଲିଗଲେ: ଜେରାର୍ଡ଼ ବିଛଣାରେ ପଡ଼ି ଆଖି ବୁଜି ଗମ୍ଭୀର ଚିନ୍ତା କଲା । ଗୀର୍ଜାରୁ ପ୍ରାର୍ଥନା ଧ୍ୱନି ଶୁଣାଗଲା । ସେ ଗମ୍ଭୀର ମନୋଯୋଗ ଦେଇ ଗୀର୍ଜାର ପ୍ରାର୍ଥନା ଶୁଣିବାକୁ ଲାଗିଲା । ଜେରାର୍ଡ଼ ନିଜର

ଶାନ୍ତିମୟ ବାଲ୍ୟଜୀବନ ବିଷୟ ଭାବିବାକୁ ଲାଗିଲା । ଶେଷରେ ସେ ଚିନ୍ତାକଲା— ଧର୍ମଯାଜକର ଜୀବନ ହିଁ ଶାନ୍ତିମୟ ଅନ୍ୟତ୍ର ଶାନ୍ତି ମିଳି ନ ପାରେ । ଜେରାର୍ଡ଼ ଧର୍ମସମ୍ପ୍ରଦାୟରେ ଯୋଗଦେଲା ।

ଏଣିକି କେବଳ ଧର୍ମଗ୍ରନ୍ଥ ପାଠ, ପ୍ରାର୍ଥନା ଓ ଧ୍ୟାନରେ ଜେରାର୍ଡ଼ ନିଜକୁ ନିୟୁକ୍ତ କଲା । ସଂସାର ସହିତ ସେ ଆଉ ସମ୍ବନ୍ଧ ରଖିଲା ନାହିଁ । ସେ ଯେଉଁ ଜେରାର୍ଡ଼ ନାମରେ ସାଂସାରିକ କ୍ଷେତ୍ରରେ ପରିଚିତ ଥିଲା, ସେ ନାମକୁ ମଧ୍ୟ ପରିତ୍ୟାଗ କଲା । ଏଣିକି ତାର ନାମ ହେଲା ବ୍ରଦର କ୍ଲେମେଣ୍ଟ ।

ଏହି ସମ୍ପ୍ରଦାୟର ଧର୍ମଯାଜକମାନେ ଦେଶସାରା ବୁଲି ଲୋକ-ସାଧାରଣଙ୍କୁ ଧର୍ମ ବିଷୟରେ ଉପଦେଶ ଦେଉଥିଲେ । ବ୍ରଦର କ୍ଲେମେଣ୍ଟ ନାନା ଭାଷାରେ ପ୍ରବୀଣ ହୋଇଥିବାରୁ ଅଳ୍ପଦିନ ଭିତରେ ସମ୍ପ୍ରଦାୟର ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ।

ଏଥିମଧ୍ୟରେ ରୋମ୍‌ର ପୋପ୍ ଜଣେ ଧର୍ମଯାଜକଙ୍କୁ ବାସେଲ ସହରକୁ ପଠାଇବାପାଇଁ ଆଦେଶ ଦେଲେ । ବ୍ରଦର କ୍ଲେମେଣ୍ଟଙ୍କୁ ନିର୍ବାଚନ କରାଗଲା । ସେ ବାସେଲରେ କାର୍ଯ୍ୟଭାର ଗ୍ରହଣକରି ସେ ଅଞ୍ଚଳରେ ଲୋକ-ମାନଙ୍କୁ ଧର୍ମଶିକ୍ଷା ଦେବାକୁ ଲାଗିଲେ । ପ୍ରାୟ ବର୍ଷକ ପରେ ଦିନେ ବ୍ରଦର ଜେରୋମ ଆସି କହିଲେ, "ବ୍ରଦର କ୍ଲେମେଣ୍ଟ, ତୁମକୁ ଏଥର ମୋ ସଙ୍ଗରେ ଯିବାକୁ ହେବ ।"

ବ୍ରଦର ଜେରୋମ ଓ ବ୍ରଦର କ୍ଲେମେଣ୍ଟ ଇଂଲଣ୍ଡ ଅଭିମୁଖରେ ବାହାରିଲେ । ପ୍ରଥମେ ସେମାନେ ରାଇନ୍ ନଦୀରେ ଅନେକ ଦୂର ଯାଇ ହଲାଣ୍ଡରେ ପ୍ରବେଶ କଲେ । ଆମଷ୍ଟରଡାମ୍‌ଠାରୁ ଜାହାଜରେ ଚଢ଼ି ଇଂଲଣ୍ଡ ଯିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ବୁହେଁଯ ଓ ସେଭେନ-ବର୍ଗେନ ଗ୍ରାମ ବାଟେ ଗଲେ । ପିଟରଙ୍କ ଘର କ୍ଲେମେଣ୍ଟଙ୍କ ଆଖିରେ ପଡ଼ିଲା । ମାର୍ଗାରେଟ୍‌ର ସମାଧିମନ୍ଦିର ଦେଖିବା ଉଦ୍ଦେଶ୍ୟରେ ସେ କବରଖାନାକୁ ଗଲେ; କିନ୍ତୁ ସେପରି କୌଣସି ସମାଧିମନ୍ଦିର ଦେଖି ପାରିଲେ ନାହିଁ ।

ତାଙ୍କର ଧାରଣା ହେଲା—ଦାରିଦ୍ର୍ୟ ହେତୁ ମାର୍ଗାରେଟ୍‌ର ଆତ୍ମୀୟମାନେ ତା ଉଦ୍ଦେଶ୍ୟରେ ଗୋଟିଏ ସ୍ମୃତିଫଳକ ମଧ୍ୟ ଦେଇପାରି ନାହାନ୍ତି । ସେ ଗୀର୍ଜାକୁ ଯାଇ ମାର୍ଗାରେଟ୍‌ର ଆତ୍ମାର ଶାନ୍ତି ନିମନ୍ତେ ପ୍ରାର୍ଥନା କଲେ ।

## ମୃତବ୍ୟକ୍ତିର ଜୀବନପ୍ରାପ୍ତି

ପିତା ପିଟରଙ୍କ ମୃତ୍ୟୁର ଅଳ୍ପ ଦିନ ପରେ ମାର୍ଗାରେଟ୍ କାଥେରିନଙ୍କୁ ସାହାଯ୍ୟ କରିବାକୁ ଆସିଲେ । ସେ ଏପରି ସାହାଯ୍ୟ କରିବାଦ୍ୱାରା ମନକୁ କୌଣସି ନା କୌଣସି କାର୍ଯ୍ୟରେ ନିଯୁକ୍ତ ରଖିପାରୁଥିଲେ । ଦିନେ ପଡ଼ିଶାଘରର ଜଣେ ସ୍ତ୍ରୀଲୋକ ଆସି ମାର୍ଗାରେଟ୍‌ଙ୍କ ସଙ୍ଗେ ଗଳ୍ପ କରିବାକୁ ଲାଗିଲେ । ସେ କହିଲେ, "ନୂଆ ଗୀର୍ଜାରେ ଜଣେ ଧର୍ମଯାଜକ ଯେଉଁ ବକ୍ତୃତା ଦେଲେ, ସେପରି ବକ୍ତୃତା ମୁଁ ଜୀବନରେ ଶୁଣି ନ ଥିଲି । ଯେତେ ଲୋକ ଥିଲେ, ସମସ୍ତେ ସ୍ୱର୍ଗୀୟ ଆନନ୍ଦ ଅନୁଭବ କଲେ । ଆଜି ଉପରଓଳି ସେ ପୁଣି ଉପଦେଶ ଦେବାକୁ ଆସିବେ । ତୁମେ ଶୁଣିବାକୁ ଆସ", ମାର୍ଗାରେଟ୍ ଆଗ୍ରହରେ ଯିବାକୁ ସମ୍ମତ ହେଲେ ।

ମାର୍ଗାରେଟ୍ ଗୀର୍ଜାରେ ପହଞ୍ଚିଲା ବେଳକୁ ଜନାକୀର୍ଣ୍ଣ ଗୀର୍ଜାରେ ବ୍ରଦର କ୍ଲେମେଣ୍ଟଙ୍କର ବକ୍ତୃତା ଆରମ୍ଭ ହୋଇଯାଇଥିଲା । ମାର୍ଗାରେଟ୍ ବକ୍ତାଙ୍କ ନିକଟରୁ ପଚିଶ ଫୁଟ ଦୂରରେ ରହି ବକ୍ତୃତା ଶୁଣିବାକୁ ଲାଗିଲେ । ହଠାତ୍ ତାଙ୍କୁ ଜଣାଗଲା—ଏ ସ୍ୱର ତାଙ୍କର ଦୀର୍ଘକାଳରୁ ପରିଚିତ । ସେ ଧର୍ମଯାଜକଙ୍କ ଆଡ଼କୁ ଚାହିଁଲେ; କିନ୍ତୁ ତାଙ୍କର ମୁଖ ଅନ୍ୟ ଦିଗକୁ ଥିବାରୁ ସେ ତାଙ୍କ ମୁଣ୍ଡର ପଛପାଖଟି ମାତ୍ର ଦେଖିଲେ ।

ବକ୍ତୃତା ଚାଲୁ ଚାଲୁ ହଠାତ୍ ବନ୍ଦ ହୋଇଗଲା । କେହି କାରଣ ବୁଝିପାରିଲେ ନାହିଁ । ଧର୍ମଯାଜକ ଏକ ଦୃଷ୍ଟିରେ ମାର୍ଗାରେଟ୍‌ଙ୍କ ଆଡ଼କୁ ଚାହିଁ ରହିଥିଲେ । ଲୋକେ ସେ ଦୁହିଁଙ୍କୁ ଚାହିଁରହିଲେ । ମାର୍ଗାରେଟ୍

ଭୟ ଓ ବିସ୍ମୟରେ ବସିପଡ଼ି ଥରିବାକୁ ଲାଗିଲେ । ସେ ଭାବିବାକୁ ଚେଷ୍ଟା କଲେ; କିନ୍ତୁ ତାଙ୍କର ଚିନ୍ତା ଗୋଳମାଳ ହୋଇଗଲା ।

କିଛି ସମୟ ପରେ ପୁଣି ବକ୍ତୃତା ଚାଲିଲା । ବକ୍ତୃତା ଶେଷରେ ଲୋକେ ବାହାରିଗଲେ; ମାର୍ଗାରେଟ୍ ମଧ୍ୟ ସେମାନଙ୍କ ସଙ୍ଗେ ବାହାରକୁ ଚାଲିଗଲେ । ଅନ୍ୟମାନେ ନିଜ ନିଜ ଘରକୁ ଗଲେ; କିନ୍ତୁ ମାର୍ଗାରେଟ୍ ପିତାଙ୍କ କବର ନିକଟକୁ ଯାଇ ବସିଲେ । କାଳେ କିଏ ତାଙ୍କ ମୁଣ୍ଡର ବାଳ ଦେଖି ଚିହ୍ନି ପକାଇବ, ଏହି ଭୟରେ ସେ ଖଣ୍ଡିଏ ରୁମାଲରେ ମୁଣ୍ଡକୁ ଘୋଡାଇ ପକାଇଲେ । ସେହି କବର ପାଖରେ ବସି ମାର୍ଗାରେଟ୍ କହିଲେ, "ପିତା, ମୁଁ ମହା ସନ୍ଦେହରେ ପଡ଼ିଛି । ସେ ଧର୍ମଯାଜକ କିଏ? କାହିଁକି ମୋତେ ସେପରି ଚାହିଁଲେ ? ମୋର ମନେହେଲା, ସେ ସାଧାରଣ ମନୁଷ୍ୟ ନୁହନ୍ତି । ଜଣେ ମୃତବ୍ୟକ୍ତି ହଠାତ୍ ପୁନର୍ଜୀବନ ପାଇଲାପରି ଜଣାଗଲା । ମୋର ଏ ବିପଦରେ, ହେ ସ୍ୱର୍ଗତ ପିତା, ତୁମେ ସହାୟ ହୁଅ ।"

## ପ୍ରକୃତ ଘଟଣା

ବ୍ରଦର କ୍ଲେମେଣ୍ଟ ଧର୍ମ ବିଷୟରେ ବକ୍ତୃତା ଦେଉଥିଲା ବେଳେ ଏକପ୍ରକାର ପବିତ୍ର ଆନନ୍ଦ ଅନୁଭବ କରୁଥିଲେ । ଲୋକେ ଅଭିଭୂତ ହୋଇ ତାଙ୍କ ଭାଷଣ ଶୁଣୁଥିଲେ । ଭାଷଣ ଦେଉ ଦେଉ ସେ ଲୋକମାନଙ୍କ ଉପରେ ଦୃଷ୍ଟି ପକାଇଲେ । ତାଙ୍କ ଆଖି ଗୋଟିଏ ମୁହଁ ଉପରେ ଲାଖିରହିଲା । ସେ ମୁହଁଟି ମାର୍ଗାରେଟ୍ ବ୍ରାଉନଙ୍କର । ତାହା ଉପରେ ସୂର୍ଯ୍ୟକିରଣ ପଡୁଥିଲା । ଏହି ମୁହଁଟି ଦେଖିଲାମାତ୍ରେ ବ୍ରଦର କ୍ଲେମେଣ୍ଟଙ୍କର ଅଙ୍ଗ ଅବଶ ହୋଇଗଲା । ତାଙ୍କ ତୁଣ୍ଡ ବନ୍ଦ ହୋଇଗଲା । ବାକ୍ୟ ମଝିରେ ବକ୍ତୃତା ବନ୍ଦ ହେବାରୁ ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ ।

ବ୍ରଦର କ୍ଲେମେଣ୍ଟ ପ୍ରଥମେ ମନେକଲେ, ଏହା ତାଙ୍କର ଭ୍ରମ । ମାର୍ଗାରେଟ୍ ମରିଛି, ସେ କାହୁଁ ଆସନ୍ତା ! ନା, ଏ ଅଶରୀରୀ ମୂର୍ତ୍ତି; ଦେଖାଦେଇ ହଜିଯିବ ! କିନ୍ତୁ ସେ ହଜିଗଲା ନାହିଁ । ମାର୍ଗାରେଟ୍ ମଧ୍ୟ ବ୍ରଦର କ୍ଲେମେଣ୍ଟଙ୍କୁ ଚାହିଁଲେ । ସେ ଯେ ମାର୍ଗାରେଟ୍ ଏଥିରେ ତାଙ୍କର ସନ୍ଦେହ ରହିଲା ନାହିଁ । ସେ ମାର୍ଗାରେଟ୍ ବୋଲି ଡାକିବାକୁ ମନ କରିଥିଲେ । କିନ୍ତୁ ଏହି ସମୟରେ ମାର୍ଗାରେଟ୍ ବୁଲିପଡ଼ି ବାହାରି ଗଲେ ।

ବ୍ରଦର କ୍ଲେମେଣ୍ଟ ଭାବିଲେ—ମାର୍ଗାରେଟର ଅଶରୀରୀ ମୂର୍ତ୍ତି କାହିଁକି ଦେଖାଦେଲା ? ବୋଧହୁଏ ତାର ସମାଧି ସେହି ସ୍ଥାନର ନିକଟରେ— ଏହା ଜଣାଇ ଦେବାପାଇଁ ସେ ଆସିଥିଲା । ସେ ଗୀର୍ଜାରୁ ବାହାରି କବରଖାନା ଆଡ଼କୁ ଗଲେ । ସେଠାରେ ଜଣେ ଲୋକ କାମ କରୁଥିଲା । ବ୍ରଦର କ୍ଲେମେଣ୍ଟ ତାକୁ ପଚାରିଲେ, "ମାର୍ଗାରେଟ୍ ବ୍ରାଉନ୍‌କୁ କେଉଁଠାରେ କବର ଦିଆଯାଇଛି, କହିପାରିବ ?" ଲୋକଟି ଟିକିଏ ରହିଯାଇ କହିଲା, "ମାର୍ଗାରେଟ୍ ବ୍ରାଉନ୍ ! ଓହୋ, ତୁମେ ତାର ବାପା ପିଟର ବ୍ରାଉନର କବର କଥା କହୁଛ ? ହଁ, ପିଟର ମରିବାର ଦୁଇମାସ ହେଲାଣି । ତାର ଝିଅ ମାର୍ଗାରେଟ୍ ତାର ଶବ ଦଫନାଇବା ସବୁ ବ୍ୟୟ ଦେଇଥିଲା । କବର ଉପରେ ଗୋଟିଏ ପଥର ରହିଛି । ସେଥିରେ ପିଟର ବ୍ରାଉନର ନାମ ଖୋଳାଯାଇଛି ।"

"ତାଙ୍କ ଝିଅ ଏସବୁ କରିଥିଲେ ? ତୁମେ କହିବାର ଅର୍ଥ- ମାର୍ଗାରେଟ୍ ଏବେ ବଞ୍ଚିଛନ୍ତି ?"

"ଅର୍ଥ କଅଣ—ମାର୍ଗାରେଟ୍ ନିଶ୍ଚୟ ବଞ୍ଚିଛି । ତୁମେ ଏପରି ପଚାରୁଛ କାହିଁକି ? ତୁମର ଦେହ ଭଲ ନାହିଁ ପରା ?"

"ଓଃ, ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ ! ଆନନ୍ଦ ଓ ଭୟରେ ମୋର କଅଣ ହୋଇଯାଉଛି ?"

"ମାର୍ଗାରେଟ୍ ବ୍ରାଉନ୍ ମରିଛି ବୋଲି ତୁମକୁ କିଏ କହିଲା ?"

"ମୁଁ ଇଟାଲିରେ ଜେରାର୍ଡ ବୋଲି ଜଣଙ୍କୁ ଜାଣିଥିଲି । ତାର ବାପର ନାମ ଇଲିଆସ୍ । ମୁଁ ତା ପାଖରେ ଥିଲି । ଏହି ସମୟରେ ସେ ମାର୍ଗାରେଟ୍ ସ୍ୱାନଇକ୍ ଙ୍କଠାରୁ ଖଣ୍ଡେ ଚିଠି ପାଇଲା ଯେ ମାର୍ଗାରେଟ୍‌ର ମୃତ୍ୟୁ ହୋଇ ଯାଇଛି । ମାର୍ଗରେଟ୍ ବ୍ରାଣ୍ଟକୁ ଜେରାର୍ଡ ପ୍ରାଣଭରି ଭଲ ପାଉଥିଲା । ଓଃ, ମୁଁ ଛୁଡ଼ା ହୋଇ ପାରୁନାହିଁ—ବସିଯାଏ ।"

ଲୋକଟି କହିଲା, "ଫାଦର ! ତୁମେ ମୋତେ ପଚାରି ଭଲ କରିଛ । ମୁଁ ସବୁ କଥା ଜାଣେ । ତୁମେ ଯାଇ ଜେରାର୍ଡଙ୍କୁ କହିଦେବ ଯେ, ସେ ଯେଉଁ ଚିଠି ପାଇଛି ସେଇଟା ଜାଲି । ମୁଁ ଦିନେ ବର୍ଗୋମାଷ୍ଟର ଘିସବ୍ରେକ୍ଟ ଘରେ କାମ କରୁଥିଲି । କର୍ଣ୍ଣେଲିସ ଓ ଶିବ୍ରା'ଣ୍ଡ ଆସି ଗୋଟାଏ ଚିଠିକୁ ବଦଳାଇବା ବିଷୟରେ ଘିସବ୍ରେକ୍ଟ ସ ଥିରେ ପରାମର୍ଶ କରୁଥିଲେ । ହାନ୍ସ ମେମଲିଙ୍ଗ ବୋଲି ଜଣେ ଲୋକ ସେ ଚିଠି ନେଇ ଯାଇଥିଲା ।"

ବ୍ରଦର କ୍ଲେମେଣ୍ଟ ପାଗଳ ପରି ସେଠାରୁ ଚାଲିଗଲେ । ଲୋକଟି ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲା ।"

ଲୋକଟି ଫେରିଯାଇ ମାର୍ଗାରେଟ୍‌କୁ କହିଲା, "ସେ ଧର୍ମଯାଜକ ମୋତେ ପଚାରିଲେ, "ମାର୍ଗାରେଟ୍ ବ୍ରାଣ୍ଟର କବର କେଉଁଠି ?" ସେ ତୁମ ଜେରାର୍ଡଙ୍କୁ ଦେଖିଥିଲେ । ତୁମର ମୃତ୍ୟୁ ହୋଇଛି ବୋଲି ଖଣ୍ଡେ ଚିଠି ପାଇ ତା ମନ ଏକବାରେ ଖରାପ ହୋଇଯାଇଛି । କର୍ଣ୍ଣେଲିସ, ଶିବ୍ରାଣ୍ଡ ଓ ବର୍ଗୋମାଷ୍ଟର କପଟ ଷଡ଼ଯନ୍ତ୍ର କରି ଜାଲି ଚିଠି ପଠାଇଛନ୍ତି, ସେ କଥା ମୁଁ ଧର୍ମଯାଜକଙ୍କୁ କହିଦେଇଛି । ମୋ କଥା ଶୁଣି ସେ ସ୍ୱଗରେ ଜଳି ଉଠିଲେ । ସେ ହେଉଛନ୍ତି ଜେରାର୍ଡର ଜଣେ ବନ୍ଧୁ । ମୁଁ ତାଙ୍କୁ ଇଲିଆସ୍‌ଙ୍କ ଘରକୁ ଯିବାପାଇଁ କହିଦେଇଛି ।"

"ତୁମେ ବଡ଼ ଭୁଲ କଲ !" ଏତିକି କହି ମାର୍ଗାରେଟ୍ ନିଜ ଘରକୁ ଚାଲିଗଲେ ।

× × ×

ସନ୍ଧ୍ୟାବେଳକୁ ସମସ୍ତେ ଖାଇବା ଘରକୁ ଗଲେ; କିନ୍ତୁ ମାର୍ଗାରେଟ୍‌ର ଦେଖାନାହିଁ । ଆଖ ପାଖରେ ତାକୁ ଖୋଜାଗଲା; ମାତ୍ର ମାର୍ଗାରେଟ୍ ନ ମିଳିବାରୁ ଅନ୍ୟମାନେ ଖାଇବାକୁ ବସିଲେ । ଏହି ସମୟରେ ହଠାତ୍ ଜଣେ ଧର୍ମଯାଜକ ଘର ଭିତରକୁ ପଶିଗଲେ ଏବଂ କର୍ଣ୍ଣେଲିୟସ ଓ ଶିବ୍ରାଣ୍ଟ ଏ ଦୁହିଁଙ୍କ ଆଗରେ ଛିଡ଼ା ହୋଇ କହିଲେ—ରେ ପାପିଷ୍ଠ, ତୁମର ଯେଉଁ ମୁହଁ ମିଥ୍ୟାରେ ମାର୍ଗାରେଟ୍ ମରିଛି ବୋଲି କହିଲା, ସେ ଅକାଳରେ କବରରେ ସ୍ଥାନ ପାଉ । ତୁମର ଯେଉଁ ହାତ ଅସଲ ଚିଠିକୁ ବଦଳାଇ ଜାଲ୍ ଚିଠି ଦେଇଥିଲା, ସେ ହାତ ଛିଣ୍ଡିପଡୁ; ତୁମେ ନରକକୁ ଯାଅ ।”

ଏହା କହି ସେ ପକେଟରୁ ଖଣ୍ଡେ ଚିଠି ବାହାର କରି ତାର ବାପା ଇଲିଆସଙ୍କ ଆଗକୁ ଫିଙ୍ଗିଦେଇ କହିଲା, “ଏଇ ଚିଠିକୁ ଭଲକରି ପଢ଼ । ତୁମେ ଗୋଟାଏ ପୁଅକୁ ଜେଲଖାନାରେ ବନ୍ଦୀ କରାଇଥିଲ; କିନ୍ତୁ ଦେଖ, ତୁମର ଅନ୍ୟ ପୁଅମାନେ କିପରି ସଇତାନ୍ ।”

ଏହିପରି କହି ସେ ଚାଲିଗଲେ ।

କିଛି ସମୟ ପରେ ମାର୍ଗାରେଟ୍ ଘରକୁ ଆସିଲେ; କିନ୍ତୁ ସେତେବେଳକୁ ଧର୍ମଯାଜକ ଚାଲିଯାଇଥିଲେ ।

ଇଲିଆସ ରାଗରେ ଗୋଟାଏ ଛୁରି ଧରି କର୍ଣ୍ଣେଲିୟସ ଓ ଶିବ୍ରାଣ୍ଟଙ୍କୁ ମାରିବାକୁ ବାହାରିବାରୁ ସେ ଦୁହେଁ ଦୌଡ଼ି ପଳାଇଲେ । ଇଲିଆସ ସେମାନଙ୍କୁ ଧରି ପାରିଲେ ନାହିଁ ।

କାଥେରିନ୍ କାନ୍ଦି କାନ୍ଦି କହିଲା, “ସେ ଇଟାଲିରେ ଥିଲା, ଭଲ ହୋଇଥିଲା । ଘରକୁ କାହିଁକି ଆସିଲା ? ମୋ ପିଲା ଦୁଇଟାଙ୍କୁ ଖାଲି ଅଭିଶାପ ଦେଲା ।”

ଇଲିଆସ୍ ପାଟିକଲା, “ଚୁପ ରହ ! ପାଟି କରନା ! ମାର୍ଗାରେଟ୍, ସେ ସିନା ତୋତେ ସାନ୍ତ୍ୱନା ଦିଅନ୍ତା, ଓଲଟି ସେ ଜେରାର୍ଡ଼ ଉପରେ ରାଗ କରୁଛି ! ତୁ ଏଣିକି ମୋର ଝିଅ, ମୁଁ ତୋର ବାପା ।”

ମାର୍ଗାରେଟ୍ ଇଲିଆସ କୋଳରେ ନିଜର ମୁଣ୍ଡ ରଖିଲା ।

କିନ୍ତୁ ବ୍ରିଦର କ୍ଲେମେଣ୍ଟ ଗଲେ କୁଆଡେ ? ସେତେବେଳକୁ ବ୍ରିଦର କ୍ଲେମେଣ୍ଟ ରୋମ୍‌ର ଦୁଇରେ ଗୀର୍ଜାରେ ତଳେ ପଡ଼ିଥିଲେ ।

# ଦେବଶିଶୁ

ପାହାଡ଼କୁ ଲାଗି ଗୋଟିଏ ଗୁହା । ଗୁହା ଓ ଲଟାରେ ପାହାଡ଼ଟାଯାକ ଆବୃତ । ଗୁହା ଭିତରକୁ ଯିବାପାଇଁ ଗୋଟିଏ ବଡ଼ ମେଲା; ଏହା ହିଁ ଦ୍ୱାର । ଉପରକୁ ଗୋଟିଏ ଝରକା ଓ ଆଉ ଦୁଇଟି କଣା । ଗୋଟିଏ କଣା ବାଟେ ଭକ୍ତମାନେ ଖାଦ୍ୟଦ୍ରବ୍ୟ ଭିତରକୁ ରଖିଦିଅନ୍ତି; ଅନ୍ୟ କଣା ବାଟେ ଯାହା ପଚାରିବାକୁ ଥାଏ ପଚାରନ୍ତି । ଏହି ଗୁହାରେ ବ୍ରଦର କ୍ଲେମେଣ୍ଟ ରହୁଛନ୍ତି ।

ବ୍ରଦର କ୍ଲେମେଣ୍ଟଙ୍କର ଦେଖା ପାଇବାପାଇଁ ମାର୍ଗାରେଟ୍ ଲୁଚି ଲୁଚି ପାହାଡ଼ ପାଖକୁ ଯାଉଥିଲା । କେତେ ଦିନ ପରେ ସେ ଦେଖିଲା, ପାହାଡ଼ ଉପରକୁ ଚଢ଼ି ତଳକୁ ଚାହିଁଲେ ସେ ଗୁହା ଭିତରକୁ ଦେଖି ପାରିବ । ଗୁହା ଭିତରେ ଗୋଟିଏ ସ୍ଥାନ ସଫା କରି ସେ ଲୁଚିରହିଲା । ଗୁହାଭିତରେ ଜଣେ ଲୋକ ଯିବା ଆସିବା କରୁଥିବାର ଶବ୍ଦ ବେଳେ ବେଳେ ସେ ଶୁଣି ପାରୁଥିଲା; କିନ୍ତୁ ସେହି ଲୋକଟି କେବେ ବାହାରକୁ ଆସୁ ନ ଥିଲେ । ମାର୍ଗାରେଟ୍ ମନେକଲା, ସେ ନିଶ୍ଚୟ ରାତିରେ ପଦାକୁ ବାହାରୁଥିବେ ।

ଏହାପରେ ସ୍ଥିରକରି ସେ ରାତିରେ ଗୁହା ନିକଟକୁ ଗଲା । ନିର୍ଜନ ରାତି; ମାର୍ଗାରେଟ୍ ଏକୁଟିଆ ପାହାଡ଼ର ଗୁହା ନିକଟରେ ଅପେକ୍ଷା କଲା । ତାର ଛାତି ଉଠୁଥିଲା ପଡ଼ୁଥିଲା । ସେ ଭୟରେ ଗୁହାର କାନ୍ଥରେ ଭରା ଦେଇ ଛିଡ଼ାହେଲା । ତା ଆଗରେ ଗୋଟିଏ ପୁରୁଷର ମୂର୍ତ୍ତି ।

ମାର୍ଗରେଟ୍ ସାହସ କରି କହିଲା, "ଜେରାର୍ଡ, ମୁଁ ତୁମ ପାଖରେ କି ଅପରାଧ କରିଛି ଯେ ମୋତେ ତୁମେ ହତାଶ କରୁଚ ?"

ପୁରୁଷଟି କହିଲା, "ମାର୍ଗରେଟ୍, ତୁମକୁ ମୁଁ ପ୍ରେମ କରୁଥିଲି, କିନ୍ତୁ ସେଦିନ ଯାଇଛି । ତୁମେ ଯେ ମୋତେ ଦେଖାଦେଲ ସେଥିପାଇଁ ଧନ୍ୟବାଦ । ଆମେ ପରସ୍ପରଠାରୁ ଅଲଗା ହୋଇ ରହିବା ଶ୍ରେୟ ।"

"ନା ନା ଜେରାର୍ଡ, ଆମେ ଅଲଗା ହୋଇ ପାରିବା ଅସମ୍ଭବ ।" ମୋ କଥା ତୁମକୁ ଶୁଣିବାକୁ ହେବ । ନ ଶୁଣିଲେ ମୁଁ ଏଠାରୁ ଯିବନାହିଁ । ଯଦି ମୋଠାରୁ ଶୁଣିବ ନାହିଁ, ତେବେ ମୋ କଥା ଅନ୍ୟ ଜଣେ କହିବ । ଅରେ ଏଆଡ଼କୁ ଚାହିଁ ।"

ଜେରାର୍ଡ ମାର୍ଗାରେଟ୍ ପାଖରୁ ପଳାଇବାକୁ ବସିଲା । ଅଳ୍ପ ଦୂରରେ ଥିବା ଗ୍ରେଟ ନଦୀ ପାର ହୋଇ ସେ ଛିଡ଼ା ହୋଇଗଲା । ପଛକୁ ଚାହିଁ ସେ ଦେଖିଲା ମାର୍ଗାରେଟ୍ ତା ପଛରେ ।

ଜେରାର୍ଡ ଶୁଣିବାକୁ ପାଇଲା—ହେ ଈଶ୍ୱର, ତୁମେ ସବୁ ଦେଖିଛ, ଦେଖୁଛ । ମୋ ପ୍ରତି ଯେଉଁ ବ୍ୟବହାର ହେଉଛି, ତା ତୁମେ ଦେଖୁଛ । ମୋତେ କ୍ଷମା କର । ମୋର ଏ ଜୀବନରେ ଆଉ ପ୍ରୟୋଜନ ନାହିଁ । ଆଉ ଦିନେ ସୁଦ୍ଧା ବଞ୍ଚି ରହିବାକୁ ମୋର ଇଚ୍ଛା ନ ହେ ।"

ଜେରାର୍ଡ ପୁଣି ଗୁହାକୁ ଫେରିଆସି ପ୍ରାର୍ଥନା କଲା, "ହେ ଭଗବାନ, ମୋତେ ପଥ ଦେଖାଇ ଦିଅ । ପାପରୁ ଉଦ୍ଧାର କର ।" ଗୋଟିଏ ବଡ଼ କାଳ ସେ ଈଶ୍ୱରଙ୍କ ସ୍ତବ ପଢ଼ିବାକୁ ଲାଗିଲା ।

ହଠାତ୍ ଗୁହାର ଗୋଟାଏ କୋଣ ଆଡ଼େ ତାର ଦୃଷ୍ଟି ପଡ଼ିଲା । ସେଠାରେ ଗୋଟାଏ କିଛି ପଡ଼ିଛି ଭାବି ସେ ନିକଟକୁ ଗଲା । ଯାହା ଦେଖିଲା, ସେଥିରେ ବିସ୍ମିତ ହୋଇ ସେ କହିଲା, "ଏ କଅଣ ? ସ୍ୱର୍ଗର ଏ ଦେବ ଶିଶୁଟି କାହୁଁ ଆସିଲା ! ସେ ଶିଶୁ ନିକଟରେ ଅଣ୍ଟୁମାଡ଼ି ତାର ସୁନେଲି ବାଳ ଓ ପଦ୍ମ ପରି ମୁହଁକୁ ଚାହିଁଲା । ଶିଶୁଟି ଉଠିପଡ଼ି ଜଣେ ଅପରିଚିତ ଲୋକକୁ ଦେଖି କାନ୍ଦିଉଠିଲା, "ମା—ଆ" । ତା ଆଖିରୁ କେତେ ଟୋପା ଲୁହ ଗଳିପଡ଼ିଲା ।

"ଈଶ୍ୱର ତୋର ମଙ୍ଗଳ କରନ୍ତୁ । ତୋର ମାଆ ନଥିଲେ ମୁଁ ତୋ ମାଆର ସ୍ଥାନ ପୂରଣ କରିବି । ତୋର କଅଣ ବାପା ମାଆ କେହି ନାହାନ୍ତି ? ଅଚ୍ଛା, ମୁଁ ତୋର ବାପା, ମୁଁ ତୋର ମାଆ । ଗପ ଶୁଣିବୁ ?"

"ହଁ, ଗପ କହ ।"

ଜେରର୍ଡ଼ ଗୋଟିଏ ଗପ କହିଲା: ଶିଶୁଟି ମନଦେଇ ଶୁଣିଲା ।

"ତୁମେ କିଏ ? ତୁମେ କଅଣ ମଣିଷ ?"

"ହଁ ମଣିଷ; କିନ୍ତୁ ମୁଁ ଗୋଟାଏ କୁରୂପ ମଣିଷ ।"

"କୁରୂପ ମଣିଷ ମତେ ଭଲ ଲାଗେ । ଆଉ ଗୋଟାଏ ଗପ କହ ।" ଏହା କହୁ କହୁ ଶିଶୁଟି ପୁଣି ନିଦରେ ଶୋଇପଡ଼ିଲା ।

ଗୁମ୍ଫା ଭିତରେ ଚନ୍ଦ୍ର କିରଣ ପଡ଼ିଲା । ଜେରର୍ଡ଼ ଦେଖିଲା, ମାର୍ଗାରେଟ୍ ତା'ର ନିକଟରେ ଅଣ୍ଟୁମାଡ଼ି ବସିଛି । ସେ କହିଲା, "ଜେରର୍ଡ଼, ତୁମେ କଅଣ ଆମ ଦୁହିଁଙ୍କି ଛାଡ଼ିଦେବ ?"

"ଦୁହିଁଙ୍କି ? ଦୁହେଁ କିଏ ?"

"ଓଃ, ବାପା ହୋଇ ପୁଅକୁ ଚିହ୍ନି ପାରୁନ ? ଏଇ ଶିଶୁଟି ତୁମର ପୁଅ ।"

"କଅଣ? କଅଣ କହିଲ ? ଏ ଦେବଶିଶୁଟି ମୋର ସନ୍ତାନ ?"

"ଯେ ମୋର ସନ୍ତାନ ସେ ତୁମର ସନ୍ତାନ ନ ହୋଇ ଆଉ କାହାର ହୋଇପାରେ ?"

ଜେରର୍ଡ଼ ଶୋଇଥିବା ଶିଶୁଟିକୁ ଏକ ଦୃଷ୍ଟିରେ ଚାହିଁ ରହିଲା । ସେ କାନ୍ଦିପକାଇଲା ।

ମାର୍ଗାରେଟ୍ ପୁଣି କହିଲା, "ଜେରର୍ଡ଼, ତୁମେ ବୁଦ୍ଧିମାନ୍, ସତ୍ୟ ଓ ନ୍ୟାୟ ପଥରେ ଚାଲି ଆସିଛ । ତୁମେ ଯେ ଆମକୁ ଛାଡ଼ିବାକୁ ବସିଛ ତାର କାରଣ କଅଣ ?"

"ମାର୍ଗାରେଟ୍, ମୁଁ ପାପଠାରୁ ଦୂରରେ ରହିବାକୁ ଚାହେଁ, ମୋର ଆତ୍ମାକୁ ପବିତ୍ର କରିବାକୁ ଚାହେଁ । ମୁଁ ସେ ଅଧମ ଭାଇ ଦୁଇଟିକୁ କ୍ରୋଧରେ ଅଭିଶାପ ଦେଲି । ତାହା ମୋର ପାପର ପରିଚୟ ।"

"ଅନ୍ୟର ଆତ୍ମାକୁ ଯେ ପବିତ୍ର କରିପାରେ ତାର ନିଜର ଆତ୍ମା ଅପବିତ୍ର ହେବ କିପରି ? ଯିଏ ଅନ୍ୟର ମଙ୍ଗଳ କାମନା କରେ ଈଶ୍ୱର ତାର ମଙ୍ଗଳ କରନ୍ତି । ଏ ଶିଶୁଟିକୁ କୋଳରେ ଧର । ମୋତେ ତୁମର ହାତ ଦିଅ ।"

"ଏ ଯେ ଦେବତାଙ୍କ ଆଦେଶ ।"

ମାର୍ଗାରେଟ୍ ବିଜୟ ଲାଭ କଲା ।

## ଶାନ୍ତି

ଏତେ ରାଜ୍ୟ ବୁଲି ବୁଲି ଜେରାର୍ଡ ପୁଣି ଟର୍ଗାଓକୁ ଫେରି ଆସିଛି, ମାର୍ଗାରେଟ୍‌କୁ ଫେରିପାଇଛି ।" ମାର୍ଗାରେଟ୍ ଫାଟକ ଫିଟାଇ ବଗିଚାକୁ ପଶିଯିବା ମାତ୍ରେ ଜେରାର୍ଡ ଓ ତାର ପୁଅକୁ ଦେଖିପାରିଲା । ପୁଅଟି ଘାସଉପରେ ଡେଇଁ ଡେଇଁ ଖେଳୁଥିଲା । ଜେରାର୍ଡ ଗୋଟାଏ ଚଉକିରେ ବସି କାଗଜ ଓ ପେନ୍‌ସିଲ୍ ଧରି ତାର ଚିତ୍ର ଆଙ୍କିବାକୁ ଚେଷ୍ଟା କରୁଥିଲା । ସେ ମାର୍ଗରେଟ୍‌କୁ ଅଧା ଚିତ୍ରଟି ଦେଖାଇ କହିଲା, "ସେ ସ୍ଥିର ହୋଇ ରହିଲେ ସିନା ମୁଁ ଚିତ୍ର କରନ୍ତି । ପ୍ରତି ମୁହୂର୍ତ୍ତରେ ସେ ବଦଳୁଛି । କିନ୍ତୁ ସବୁ ଅବସ୍ଥାରେ ସେ ସୁନ୍ଦର । ଏହାକୁ ଦେଖି ମୋର ମନେହୁଏ, ଆମେ ଏଥିପୂର୍ବରୁ ଦେବଶିଶୁ ବୋଲି ଯେଉଁ ଚିତ୍ରସବୁ ଆଙ୍କୁଥିଲୁ, ସେସବୁ ନିତାନ୍ତ ଅସୁନ୍ଦର, କୃତ୍ରିମ ।"

ଏହା କହି ସେ କାଗଜଖଣ୍ଡିକ ଫିଙ୍ଗିଦେଲା । କିନ୍ତୁ ପରେ ମାର୍ଗାରେଟ୍ ଏହାକୁ ଲୁଚାଇ ନେଇଯାଇଥିଲା ।

ସେଦିନ ରାତିରେ ଟର୍ଗାଓର ନିଜ ଘରେ କାଥେରିନ୍, ମାର୍ଗାରେଟ୍ ଓ ଜେରାର୍ଡ ବସିଥିଲେ । ଜେରାର୍ଡ କହିଲା, "ଜଗତରେ ଏତେ ସୁନ୍ଦର ଜିନିଷ ଥାଉଁ ଥାଉଁ କେତେ ଲୋକ ଅସନ୍ତୋଷରେ ଦିନ କଟାନ୍ତି । ସେମାନେ ଥରେ ନିଜ ଦେଶ ଛାଡ଼ି ବିଦେଶରେ ବୁଲି ଆସନ୍ତୁ, କିଛିଦିନ ନିର୍ଜନ ସ୍ଥାନରେ ଏକାକୀ ବାସ କରନ୍ତୁ—ତାହାହେଲେ ସେମାନେ ପୃଥିବୀର ସୌନ୍ଦର୍ଯ୍ୟ ଅନୁଭବ କରିପାରିବେ । ମନୁଷ୍ୟ ଭଗବାନଙ୍କ ସୃଷ୍ଟିର ପରାକାଷ୍ଠା ତାହା କିଏ ବୁଝି ପାରିବ । ମାର୍ଗାରେଟ୍ ସୁନ୍ଦରୀ; କିନ୍ତୁ

ତାର ସୁନ୍ଦରପଣ ଲୁଚି ପାରିଲି ନାହିଁ । ତାହା ହସଇ ଅନେକ ବର୍ଷ ପରେ ତାକୁ ଫେରି ପାଇବାରୁ ଆଜି ମୁଁ ତାର ପ୍ରକୃତ ସୌନ୍ଦର୍ଯ୍ୟ ଜାଣି ପାରୁଛି ।"

ମାର୍ଗାରେଟ୍ କେବଳ ହସିଦେଇ ମୁଣ୍ଡ ହଲାଇଲା ।

ଜେରାର୍ଡ଼ ପୁଣି କହିଲା, "ମୋର ମାଆ ସବୁ କାଳେ ଏସ୍ୱାଙ୍କ; ମୋ ପ୍ରତି ସବୁବେଳେ ତାର ସ୍ନେହ ରହିଥାଏ । କିନ୍ତୁ ସେ ଯେ କେତେ ସୁନ୍ଦରୀ, ତାହା ଆଜଯାଏ ଜାଣି ନ ଥିଲି ।"

କାଥେରିନ୍ କହିଲେ, "ମୁଁ ସୁନ୍ଦରୀ ବୋଲି କେବେ ଶବେ ଭାବି ନାହିଁ । ହୁଏତ କୋଡ଼ିଏ ବର୍ଷ ଆଗେ କଏ ଅବା ମୋତେ ସୁନ୍ଦରୀ ବୋଲି ମନେକରିଥାନ୍ତା । କିନ୍ତୁ ଏ ବୁଢ଼ୀ ବୟସରେ···

ଜେରାର୍ଡ କହିଲା, "ମାଆ, ତୁମର ବୁଝିବାରେ ଭୁଲ । କେବଳ ଯୌବନରେ ସୌନ୍ଦର୍ଯ୍ୟ ନଥାଏ । ମନୁଷ୍ୟର ପ୍ରତ୍ୟେକ ଅବସ୍ଥାରେ ନୂଆ ପ୍ରକାରର ସୌନ୍ଦର୍ଯ୍ୟ ଥାଏ । ତୁମର ଆଖିରୁ ମାତୃସ୍ନେହର ଧାରା ଆମ ଉପରେ ବୋହି ଯାଉଛି । ସେହି ସ୍ନେହ ଅକ୍ଷୟ । କାଳ ତାକୁ ଲୋପ କରି ପାରିବ ନାହିଁ । ମାଆ, ମୋ ଆଖିରେ ତୁମେ ଅପୂର୍ବ ସୁନ୍ଦରୀ ।"

ମା ସ୍ନେହରେ କହିଲେ, "ଜେରାର୍ଡ, ସେତିକି ହେଉ ଥାଉ । ଯାଆ ଶୋଇବୁ ।"

ଜେରାର୍ଡ ଓ ମାର୍ଗାରେଟ୍ଙ୍କ ଜୀବନରେ କେତେ ଝଡ଼ଝଞ୍ଜା ବହି ଯାଇଛି । ଏବେ ତାର ସ୍ମୃତି ମାତ୍ର ରହିଛି ।

— ● —

# ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

୧ । ଅଲିଭର ଟ୍ୱିଷ୍ଟ
୨ । ଗଲିଭରର ଭ୍ରମଣକାହାଣୀ
୩ । ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ
୪ । ସମୁଦ୍ରର ନାବିକ
୫ । ରାଜା ସଲୋମନଙ୍କ ସ୍ୱର୍ଣ୍ଣଖଣି
୬ । ବିପ୍ଳବୀ
୭ । ମନସିପାନ୍ଥ
୮ । ପମ୍ପେଇନଗରର ଶେଷଦିନ
୯ । ରାଜପୁତ୍ର ଓ ଭିକାରି
୧୦ । ଦୁଇଟି ନଗରୀର କାହାଣୀ
୧୧ । ଡନ୍‌କ୍ୱିକ୍ସଟ
୧୨ । ସାଇଲସ୍ ମାରନର୍
୧୩ । ଲୌହମୁଖାଧାରୀ ମଣିଷ
୧୪ । ରବିନ୍‌ସନ୍ କ୍ରୁଶୋ
୧୫ । ଅଶୀ ଦିନରେ ପୃଥିବୀ ପରିଭ୍ରମଣ
୧୬ । ଦୁଃଖିନୀ
୧୭ । ବଟଣ ଡାବକ
୧୮ । ଶେକ୍ସପିଅର କାହାଣୀ (୧ମ)
୧୯ । ,, ,, (୨ୟ)
୨୦ । ,, ,, (୩ୟ)
୨୧ । ଗ୍ରୀସଦେଶର ଉପକଥା
୨୨ । ଅନେକ ଆଶା
୨୩ । ସମୁଦ୍ର ଗର୍ଭରେ କୋଡ଼ିଏହଜାର ଲିଗ୍ ଭ୍ରମଣ
୨୪ । ଟମ୍ ସୟର୍
୨୫ । ଟଲ୍‌ଷ୍ଟୟ କାହାଣୀ (୧ମ)
୨୬ । ,, ,, (୨ୟ)
୨୭ । ଚେକଭ୍ କାହାଣୀ
୨୮ । ଆଇଭାନ୍‌ହୋ
୨୯ । ଚନ୍ଦ୍ରକାନ୍ତ ମଣି
୩୦ । ରତ୍ନଦ୍ୱୀପ
୩୧ । ପ୍ରବାଳ ଦ୍ୱୀପ
୩୨ । କଳାଶର
୩୩ । ରବିନ୍ ହୁଡ୍
୩୪ । ଫ୍ରାଙ୍କୋ
୩୫ । ନିକୋଲାସ୍ ନିକଲ୍‌ବି
୩୬ । ହେଂକ୍ରର ରୁମଟ
୩୭ । ବନ୍ଧପର
୩୮ । ଡେଭିଡ୍ କପରଫିଲ୍ଡ
୩୯ । ହରଣଗୁଳ
୪୦ । କଳାଫୁଲ
୪୧ । ଟମକକାଙ୍କ କେବିନ
୪୨ । ଲର୍ନାଡୁନ
୪୩ । ହୋମର କାହାଣୀ
୪୪ । ଗର୍କି କାହାଣୀ
୪୫ । ମୋପାସାଁ କାହାଣୀ (୧ମ)
୪୬ । ,, ,, (୨ୟ)
୪୭ । ଜେଣ୍ଡାଦୁର୍ଗର ବନ୍ଦୀ
୪୮ । ଇଶପ୍ କାହାଣୀ
୪୯ । ରାମାୟଣ କାହାଣୀ
୫୦ । ମାଟନ ରାଟ୍‌ଲର
୫୧ । ଟାଇମ୍ ମେସିନ
୫୨ । ରାଣୀଙ୍କ ସେବାରେ
୫୩ । ଶ୍ରୀ
୫୪ । ଅଦ୍ଭୁମିକା ଓ ଭ୍ରାନ୍ତ